# ଧରିତ୍ରୀ DHARITRI
୪୭

ବାଲେଶ୍ୱର, ବୁଧବାର, ଡିସେମ୍ବର ୨/୨୦୨୦ (୧୬ ପୃଷ୍ଠା) | Balasore, Wednesday, December 2/2020 | ★★★★

୪୭ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ନୂଆ ଅବତାରରେ ଜାକ୍ଲିନ**
ସାଜିଦ୍ ନାଡିଆଡ୍‌ୱାଲାଙ୍କ ଆକ୍ସନ କମେଡି ଫିଲ୍ମ 'ବଚ୍ଚନ ପାଣ୍ଡେ'ରେ ସାମିଲ ହୋଇଛନ୍ତି ଅଭିନେତ୍ରୀ ଜାକ୍ଲିନ ଫର୍ନାଣ୍ଡିଜ୍। ୧୪

୧୬ **ଫଣ୍ଡ୍ରେଙ୍କ ଡବଲ ଗୋଲ: ମୁମ୍ବାଇ ବିଜୟୀ**
ଗ୍ଲେନ୍‌ଭିଲେ ଆଡାମ ଜେମ୍ସ ଲି ଫଣ୍ଡ୍ରେଙ୍କ ଡବଲ ଗୋଲ ବଳରେ ମୁମ୍ବାଇ ସିଟି ଏଫସି ମଙ୍ଗଳବାର ଆଇଏସ୍‌ଏଲ୍ ମ୍ୟାଚରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି।








# କୃଷକ-କେନ୍ଦ୍ର ବୈଠକ ନିଷ୍ଫଳ



ଦିଲ୍ଲୀ ଗାଜିଆବାଦ ବର୍ଡରରେ ଧାରଣା ଦେଇଥିବା କୃଷକଙ୍କ ସହ ଯୋଗଦେଇଛନ୍ତି ଭୀମ୍ ଆର୍ମି ସଭାପତି ଚନ୍ଦ୍ରଶେଖର ଆଜାଦ।

**ନୂଆଦିଲ୍ଲୀ,୧।୧୨ (ପି.ଟି./ଆଇଏଏନ୍‌ଏସ୍)**

## କୃଷି ଆଇନ ବିବାଦ
- ୩୫ ଚାଷୀ ନେତାଙ୍କ ସହ କେନ୍ଦ୍ରର ଆଲୋଚନା
- ୫ ଜଣିଆ କମିଟି ଗଠନ ପାଇଁ କହିଲେ ସରକାର
- ଜିଦ୍‌ରେ ଅଟଳ ଚାଷୀ
- ୩ରେ ଚତୁର୍ଥ ପର୍ଯ୍ୟାୟ ବୈଠକ

୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀ ନେତାମାନଙ୍କ ସହ କେନ୍ଦ୍ର ସରକାରଙ୍କ ବୈଠକ ମଙ୍ଗଳବାର ଅମୀମାଂସିତ ରହିଛି। ୩୫ କୃଷକ ସଙ୍ଗଠନର ନେତା ଓ ୩ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ନୂଆଦିଲ୍ଲୀର କୃଷିଭବନଠାରେ ଚାଲିଥିବା ଆଲୋଚନାରୁ କିଛି ସୁଫଳ ମିଳିପାରି ନାହିଁ। କେନ୍ଦ୍ର ସରକାର ଉକ୍ତ ବୈଠକରେ କୃଷକ ପ୍ରତିନିଧିମାନଙ୍କ ଆଗରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଏବଂ ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ମାର୍କେଟ କମିଟି ବା ମଣ୍ଡି (ଏପିଏମ୍‌ସି) ନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହାସହ ନୂଆ କୃଷି ଆଇନ ସମ୍ପର୍କରେ ଅଧିକ ଆଲୋଚନା ଲାଗି ୪ରୁ ୫ ଜଣ ଚାଷୀ ନେତାଙ୍କ ନାମ ପ୍ରସ୍ତାବ ଦେବାକୁ କହିଥିଲେ। ତେବେ ଉକ୍ତ ମାରାଥନ୍ ବୈଠକରେ କିଛି ନିଷ୍ପତ୍ତି ହୋଇପାରି ନ ଥିବା ଜଣାପଡ଼ିଛି। ଆସନ୍ତା ଗୁରୁବାର ଆଲୋଚନା ପାଇଁ ଚତୁର୍ଥ ପର୍ଯ୍ୟାୟ ବୈଠକ ହେବ।

କେନ୍ଦ୍ର ସରକାର ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରୋଟେକ୍ସନ ଆଣ୍ଡ ଫାସିଲିଟି) ଆକ୍ଟ, ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଏବଂ ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୨୦ ଆଣିଛନ୍ତି। ସେପ୍ଟେମ୍ବର ୨୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋହର ଦେବା ପରେ ଏହା ଆଇନରେ ପରିଣତ ହୋଇଛି। ଏହି ୩ ଆଇନ ମିଳିତ ଭାବେ 'ନୂଆ କୃଷି ଆଇନ, ୨୦୨୦' ନାମରେ ପରିଚିତ। ☞ପୃଷ୍ଠା-୪

## ଚାଷୀ ଆନ୍ଦୋଳନକୁ ଟ୍ରୁଡୋଙ୍କ ସମର୍ଥନ

**ନୂଆଦିଲ୍ଲୀ,୧।୧୨(ପି.ଟି.)**

କୃଷକ ଆନ୍ଦୋଳନକୁ ନେଇ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଓ ଅନ୍ୟ ନେତାମାନଙ୍କ ମନ୍ତବ୍ୟକୁ ନେଇ ମଙ୍ଗଳବାର ଭାରତ ପକ୍ଷରୁ ନିନ୍ଦା କରାଯାଇଛି। ଏହି ପ୍ରସଙ୍ଗ ଏକ ଗଣତାନ୍ତ୍ରିକ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିବାରୁ ସେମାନଙ୍କ ମନ୍ତବ୍ୟ ଭୁଲ୍ ତଥ୍ୟ ଆଧାରିତ ଓ ଅନାବଶ୍ୟକ



ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି। ପ୍ରକାଶ ଯେ, କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋ ସୋମବାର ଗୁରୁ ☞ପୃଷ୍ଠା-୪

## ପୁରସ୍କାର ଫେରାଇବେ ପୂର୍ବତନ କ୍ରୀଡ଼ାବିତ୍

**ଚଣ୍ଡିଗଡ଼,୧।୧୨(ପି.ଟି.)**

ଦିଲ୍ଲୀରେ ବିକ୍ଷୋଭରତ କୃଷକଙ୍କ ଉପରେ ବଳପ୍ରୟୋଗ ପ୍ରତିବାଦରେ ପଦ୍ମଶ୍ରୀ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଅନେକ ପୂର୍ବତନ କ୍ରୀଡ଼ାବିତ୍ ସେମାନଙ୍କ ପୁରସ୍କାର ଫେରାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି, ପଦ୍ମଶ୍ରୀ ତଥା ଅର୍ଜୁନ ପୁରସ୍କାର ବିଜେତା ରେସ୍‌ଲର କର୍ତାର ସିଂ, ବାସ୍କେଟବଲ୍ ଖେଳାଳି ସଜ୍ଜନ ସିଂ ଚୀମା ଓ ହକି ଖେଳାଳି ରାଜବୀର କୌର। ସେମାନେ ଡିସେମ୍ବର ୫ରେ ଦିଲ୍ଲୀ ଯିବେ ଓ ରାଷ୍ଟ୍ରପତି ଭବନ ବାହାରେ ପୁରସ୍କାର ରଖିବେ। କୃଷକମାନେ ଦିଲ୍ଲୀ ଯାଉଥିବାବେଳେ କେନ୍ଦ୍ର ଓ ହରିୟାଣା ସରକାର ସେମାନଙ୍କୁ ଅଟକାଇବା ପାଇଁ ୱାଟର କ୍ୟାନନ୍‌ରୁ ପାଣିବର୍ଷା ଏବଂ ଲୁହବୁହା ବାଷ୍ପ ପ୍ରୟୋଗ କରିଛନ୍ତି। ଆମ ବୟୋଜ୍ୟେଷ୍ଠ ଓ ଭାଇମାନଙ୍କ ପଗଡ଼ି ଖୋଲାଯିବା ପରେ ଆମେ ଏଇ ସମ୍ମାନ ଓ ପୁରସ୍କାରକୁ ନେଇ କ'ଣ କରିବୁ। ଏଭଳି ନିନ୍ଦନୀୟ କାର୍ଯ୍ୟର ପ୍ରତିବାଦରେ ଆମେ ପୁରସ୍କାର ଫେରାଇବୁ ବୋଲି ସଜ୍ଜନ ସିଂ ଚୀମା କହିଛନ୍ତି।

# ମାସେ ବି ତିଷ୍ଠିଲାନି

**ଯାଜପୁର ଅଫିସ/ ଭୁବନେଶ୍ୱର,୧।୧୨(ବ୍ୟୁରୋ)**

## ଗ୍ରାମାଞ୍ଚଳରେ ଦୁର୍ନୀତିର ଚିତ୍ର
- ୭୩୯ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ
- ସୁନ୍ଦରଗଡ଼ରେ ସର୍ବାଧିକ ୧୧୬
- ପ୍ରାୟ ୩୦ କୋଟି ବରବାଦ



ଯାଜପୁର ଜିଲା ଧର୍ମଶାଳା ବ୍ଲକ ରଘୁନାଥପୁରର ଅଚଳ ପ୍ରକଳ୍ପ।

ରାଜ୍ୟର ଗ୍ରାମାଞ୍ଚଳ ଲୋକଙ୍କୁ ସହଜରେ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ହ୍ୟାଣ୍ଡପମ୍ପ ଟ୍ୟୁବ୍‌ୱେଲ୍‌ରେ ସୌରଚାଳିତ ପମ୍ପ ସଂଯୋଗ କରାଯାଇଛି। ଏଥିପାଇଁ ଗୋଟିଏ ପ୍ରକଳ୍ପ ପିଛା ୨.୮ ଲକ୍ଷରୁ ୪.୫୭ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ କରାଯାଇଛି। ୨୦୧୩-୧୪ରୁ ୨୦୧୯-୨୦ ମଧ୍ୟରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଓରେଡା) ଦ୍ୱାରା ପର୍ଯ୍ୟାୟକ୍ରମେ ମୋଟ ୧୩,୨୧୯ କରାଯାଇଛି। ଏହି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ପାଇଁ ବିପୁଳ ଅର୍ଥ ଶ୍ରାଦ୍ଧ ହୋଇଥିବାବେଳେ ସେଗୁଡ଼ିକ ମଧ୍ୟରୁ ଅନେକ ମାସେ ବି ତିଷ୍ଠି ପାରିଲା ନାହିଁ। ଏବେ ରାଜ୍ୟରେ ୭୩୯ଟି ପ୍ରକଳ୍ପ ଅଚଳ ହୋଇପଡ଼ିରହିଛି, ଯାହା ସିଆର୍‌ସି(କଷ୍ଟମର ରିଲେସନଶିପ ସେଣ୍ଟର)ର ଗତ ୨୭ ତାରିଖ ରିପୋର୍ଟରୁ ଜଣାପଡ଼ିଛି। କିନ୍ତୁ ବାସ୍ତବରେ ଅଚଳ ପ୍ରକଳ୍ପ ସଂଖ୍ୟା ବହୁ ଅଧିକ ବୋଲି ବିଭିନ୍ନ ସ୍ଥାନରୁ ହେଉଥିବା ଅଭିଯୋଗ ଜଣାପଡ଼ିଛି। ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ଅନୁଦାନର ସିଂହଭାଗ ଅର୍ଥ ମିଳିମିଶି ଲୁଟ୍ କରାଯାଇଥିବାରୁ ଉକ୍ତ ପ୍ରକଳ୍ପଗୁଡ଼ିକ ଦ୍ୱାରା ଲୋକେ ଉପକୃତ ହୋଇପାରୁନାହାନ୍ତି ବୋଲି କ୍ଷୋଭ ପ୍ରକାଶ ପାଉଛି। ଏନେଇ ଆକାଉଣ୍ଟାଣ୍ଟ ଜେନେରାଲ ବା ଏଜି (ଅଡିଟ୍) ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ରିପୋର୍ଟ ତଲବ କରିଛନ୍ତି।

ଅଧିକାରୀମାନଙ୍କ ଆନ୍ତରିକତାର ଅଭାବ ଓ ଅନୁଦାନ ହରିଲୁଟ ମନୋଭାବ ଯୋଗୁ ଲୋକଙ୍କୁ ଅନେକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ମାସେ ବି ଜଳ ଯୋଗାଇ ପାରିନାହିଁ। ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଜିଲାର ବଡ଼ଚଣା ବ୍ଲକ ଅଧୀନ ଅସିଆ, ଆକବରବାଦ, ଚଣ୍ଡିତଳ, ଚାରିନଙ୍ଗଳ, ପତରାଜପୁର, ବରଗଡ଼, ପରିଆ, ବନ୍ଧପାଲି, ସାଳପଡ଼ା ଓ ରାଇଝର, ଦାନଗଦି ବ୍ଲକର ଅଙ୍କୁରପାଳ, ଭିତରମାଣିକ, ଗୋଲଗାଁ ଓ ଗୁଙ୍ଗେଇସୁନି, ଧର୍ମଶାଳା ବ୍ଲକର ରଘୁନାଥପୁର, ବିଛାଖଣ୍ଡି, ଝଟିଆପଡା, ବଡବରିସାହି, ଫଜଲପୁର ଓ ତାଳଜଙ୍ଗା, ସୁକିନ୍ଦା ବ୍ଲକର ବହୁଚର୍ଚ୍ଚିତ ନଗଡ଼ା, ଛତାନଗର, ନୂଆଗାଁ, ପାଟଣା, ମିର୍ଗିଚରା ଓ ତଳଙ୍ଗି ଗ୍ରାମର ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଏଥିପାଇଁ ଜଳସ୍ତର ଅତିନିମ୍ନ, ମେଶିନ ଯନ୍ତ୍ରାଂଶ ନ ମିଳିବା, ବୋର୍ କୋଲାପ୍ସ, ମଦରବୋର୍ଡ ଚୋରି, ସୋଲାର ପ୍ୟାନେଲ ଭାଙ୍ଗିଯିବା, ପମ୍ପ ଓ ମୋଟର ହଜିବା ଇତ୍ୟାଦି କାରଣ ଦର୍ଶାଯାଇଛି। ଯାଜପୁର ଜିଲାରେ ଏଯାଏ ୨୬୬ଟି ପ୍ରକଳ୍ପ କରାଯାଇଥିବାବେଳେ ୨୫ଟି ହୋଇଥିବା ସରକାରୀ ଭାବେ କୁହାଯାଇଛି। ବାସ୍ତବରେ ଉଲ୍ଲେଖିତ ଅଚଳ ସଂଖ୍ୟାଠାରୁ ବହୁ ଅଧିକ ସୌରଚାଳିତ ପ୍ରକଳ୍ପ କାର୍ଯ୍ୟରେ ଆସୁ ନ ଥିବା ଲୋକେ ପ୍ରକାଶ କରିଛନ୍ତି। ଏ କଥାକୁ ସ୍ୱୀକାର କରିଛନ୍ତି ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜା। ତାଙ୍କ କହିବାନୁଯାୟୀ ଅଚଳ ପ୍ରକଳ୍ପ ସଂଖ୍ୟା ୫୦%ରୁ ଅଧିକ ହେବ। ଏସ୍‌ଡିଓ ଓ ଯନ୍ତ୍ରୀମାନଙ୍କୁ ପ୍ରକୃତ ଅଚଳ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ କୁହାଯାଇଥିବା ନିର୍ଦ୍ଦେଶ ଦିଆଯାଇଛି। ଏହାସହ ମରାମତି ପାଇଁ ଓରେଡା ଓ ସାମଗ୍ରୀ ଯୋଗାଇଥିବା ☞ପୃଷ୍ଠା-୧୩

## ନାବାଳିକାଙ୍କୁ ବଳାତ୍କାର ପରେ ବିଷ ଘଟଣାରେ ୨ ଅଟକ

**ସଜନାଗଡ଼, ୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା ଏକ ଇଟାଭାଟିରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ବିଷ ପିଆଇ ଦିଆଯାଇଥିଲା। ପରେ ମେଡିକାଲରେ ବିଷକ୍ରିୟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ତାଙ୍କ ଦାଦା ନୀଳଗିରି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ମଙ୍ଗଳବାର ଇଟାଭାଟି ମାଲିକ ଓ ଟ୍ରାକ୍ଟର ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**
ଏବେ ଟାର୍ଗେଟ୍ କିଏ

## ପୁଣି ନାଗାର୍ଜୁନ ବେଶ ସାମଗ୍ରୀ ଗାଏବ

**ପୁରୀ ଅଫିସ,୧।୧୨**



ଭାଇରାଲ କଦମ୍ବ କାଠି ଫଟୋ।

- ସୋସିଆଲ ମିଡିଆରେ କଦମ୍ବ କାଠି ଫଟୋ ଭାଇରାଲ
- ଏପର୍ଯ୍ୟନ୍ତ ଚନ୍ଦ୍ର, ସୂର୍ଯ୍ୟ ଗାଏବ ଘଟଣାର ତଦନ୍ତ ସରିନି

ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶର ଚନ୍ଦ୍ର, ସୂର୍ଯ୍ୟ ଗାଏବ ଘଟଣା ପରେ ସୋମବାର ଜଣେ ସେବାୟତ କିଛି ବେଶ ସାମଗ୍ରୀ ନେଉଥିବା ଜଣାପଡ଼ିଥିଲା। ବାଘଛାଲ ଓ ଦୁଇଟି ଓଳମାଳ ଗାଏବ ହେବା ନେଇ ଆଲୋଚନା ଚାଲିଥିବାବେଳେ ମଙ୍ଗଳବାର କଦମ୍ବ କାଠି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଥମେ ଜଣେ ସେବକ ଏହାକୁ ନିଜ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିବା ପରେ ଏହି ଫଟୋ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶର ଏହି କଦମ୍ବ କାଠି ପାଇ ସେ ବେଶ୍ ଆନନ୍ଦିତ ବୋଲି ନିଜର ଭାବବ୍ୟକ୍ତ କରିଛନ୍ତି। ଏହି କାରଣରୁ ନାଗାର୍ଜୁନ ବେଶର ବିଭିନ୍ନ ଅଂଶ ବାହାରକୁ ଯାଇଥିବା ଚର୍ଚ୍ଚା ହେଉଛି।

ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁସାରେ ବେଶ ଓଲାଗି ପରେ ସିଂହାରୀ ସେବକମାନେ ନୀତି ପ୍ରଶାସକ ଓ କମାଣ୍ଡରଙ୍କ ଉପସ୍ଥିତିରେ ବେଶ ଦାଖଲ କରିଥିଲେ। ସମ୍ପୂର୍ଣ୍ଣ ବେଶକୁ ଶ୍ରୀମନ୍ଦିର ପରିସରସ୍ଥ ନୀଳାଦ୍ରି ମ୍ୟୁଜିୟମ୍‌ରେ ରଖାଯାଇଥିଲା। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ହେପାଜତରେ ଥିବା ବେଶର ବିଭିନ୍ନ ଅଂଶ କିଭଳି ଗାଏବ ହେଉଛି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଚନ୍ଦ୍ର, ସୂର୍ଯ୍ୟ ଗାଏବ ଘଟଣାରେ ଦୋଷୀଙ୍କ ☞ପୃଷ୍ଠା-୪

# ଶୁଭଶ୍ରୀ 'ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା'



**ପୁଣି ଚମକିଲେ ଓଡ଼ିଆ ଝିଅ**

**ଭୁବନେଶ୍ୱର, ୧।୧୨(ବ୍ୟୁରୋ)**

୨୦୨୦ ବର୍ଷ ପାଇଁ 'ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା' ଟାଇଟଲ୍ ଜିତିଛନ୍ତି ବଲାଙ୍ଗୀରର ଶୁଭଶ୍ରୀ ରାୟଗୁରୁ। କୋଭିଡ୍ ସଂକ୍ରମଣ ଲାଗି ଚଳିତବର୍ଷ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ଶ୍ରେଷ୍ଠ ୩୧ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଶୁଭଶ୍ରୀ ଓଡ଼ିଶାରୁ ଶ୍ରେଷ୍ଠ ବିବେଚିତ ହୋଇ ଏହି ଟାଇଟଲ ଜିତିଛନ୍ତି। ସୌନ୍ଦର୍ଯ୍ୟ ସହ ନିଜର ଦୃଢ ଆତ୍ମବିଶ୍ୱାସ ବଳରେ ଏହି ସଫଳତା ହାସଲ କରିଥିବା ଶୁଭଶ୍ରୀ ୫୭ତମ ଫେମିନା ମିସ୍ ଇଣ୍ଡିଆ ଫାଇନାଲ ରାଉଣ୍ଡରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ୨୦୧୮ରେ ଶ୍ରୁତିକ୍ଷା ନାୟକ ଏବଂ ୨୦୧୯ରେ ଶୀତଲ ସାହୁଙ୍କ ପରେ ୨୦୨୦ ପାଇଁ ଶୁଭଶ୍ରୀ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ଟାଇଟଲ ହାସଲ କରିଛନ୍ତି। ବଲାଙ୍ଗୀର ଜିଲାରେ ଜନ୍ମିତ ଶୁଭଶ୍ରୀ ପେସାରେ ଜଣେ ଆଇନଜୀବୀ ଏବଂ ଆଙ୍କର। ସେ ୩ ହଜାରରୁ ଉର୍ଦ୍ଧ୍ୱ ଲାଇଭ୍ ଶୋ'ରେ ଆଙ୍କରିଂ କରିବା ସହ ଏକାଧିକ ଟେଲିଭିଜନ ବିଜ୍ଞାପନରେ ନଜର ଆସିଛନ୍ତି। ସେହିପରି ବଲିଉଡ୍ ଫିଲ୍ମ 'ମସ୍ତିଜାଦେ'ରେ ସେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ କାମ କରିଥିବା ବେଳେ ଇ-କମର୍ସ ୱେବ୍‌ସାଇଟ୍ ଆମାଜନ୍‌ର ଅଫିସିଆଲ ଆଙ୍କର୍ ଭାବେ କାର୍ଯ୍ୟ କରୁଛନ୍ତି। ନୃତ୍ୟ, ସଙ୍ଗୀତ ବ୍ୟତୀତ ନିଜକୁ ଫିଟ୍ ରଖିବା ସହ ଥିଏଟର ଜଗତ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି। ଶୁଭଶ୍ରୀ ବଲାଙ୍ଗୀରର ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ଏସ୍‌ଜେଏମ୍) ରମେଶ ଚନ୍ଦ୍ର ରାୟଗୁରୁଙ୍କ ଝିଅ। ବଲାଙ୍ଗୀରର କେନ୍ଦ୍ରୀୟ ବିଦ୍ୟାଳୟ-୨ରୁ ଶିକ୍ଷାଲାଭ କରିଥିବା ଶୁଭଶ୍ରୀ ସ୍କୁଲ୍ ସମୟରୁ ମଡେଲିଂ ଓ ଅଭିନୟରେ କ୍ୟାରିୟର କରିବାକୁ ଆଗ୍ରହ ରଖିଥିଲେ। କଠୋର ପ୍ରରିଶ୍ରମ ମାଧ୍ୟମରେ ମିସ୍ ଇଣ୍ଡିଆ ଟାଇଟଲ୍ ଜିତି ଆଗାମୀ ଦିନରେ ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବାକୁ ଲକ୍ଷ୍ୟ ☞ପୃଷ୍ଠା-୪



## କରୋନାରେ ଗୁଜରାଟ ଏମ୍‌ପି ମୃତ

ଗୁଜରାଟର ରାଜ୍ୟ ସଭା ଏମ୍‌ପି ଅଭୟ ଭରଦ୍ୱାଜ କରୋନା ଆକ୍ରାନ୍ତ ହୋଇ ମଙ୍ଗଳବାର ପ୍ରାଣ ହରାଇଛନ୍ତି। କରୋନା ପରେ ନିମୋନିଆରେ ସେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ଏମ୍‌ଜିଏମ୍ ହେଲ୍‌ଥ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜୁନ୍‌ରେ ସେ ରାଜ୍ୟ ସଭାକୁ ଯାଇଥିଲେ।

# ପଛଘୁଞ୍ଚା ନାହିଁ କୃଷକ ଜାତକେ



କୃଷି ଆଇନ ବିରୋଧୀ ବିକ୍ଷୋଭ ବେଳେ ଗାଜିପୁର ସୀମାରେ ସାମାଜିକ କର୍ମୀ ମେଧା ପାଟକରଙ୍କ ସହ ଭାରତୀୟ କିଷାନ ୟୁନିୟନ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍ ଓ ଅନ୍ୟମାନେ।




ନୂଆଦିଲ୍ଲୀର କୃଷି ଭବନରେ ଭାରତୀୟ କିଷାନ ୟୁନିୟନ୍ ନେତାମାନଙ୍କ ସହ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଆଲୋଚନା କରୁଛନ୍ତି।

**ନୂଆଦିଲ୍ଲୀ,୧।୧୨**

ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ଓ ଜାତୀୟ ରାଜଧାନୀ ସୀମାରେ ଆନ୍ଦୋଳନ କରୁଥିବା ଚାଷୀମାନେ ପଛଘୁଞ୍ଚା ଦେବେ ନାହିଁ। କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଆନ୍ଦୋଳନ ପ୍ରତ୍ୟାହାର ପାଇଁ ମଙ୍ଗଳବାର ଚାଷୀ ନେତାମାନଙ୍କୁ ଅନୁରୋଧ କରିବା ସତ୍ତ୍ୱେ ସେମାନେ ଓହରିବେ ନାହିଁ। ଏହି ଆଇନ ନ ହଟାଇବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କୃଷକ ନେତାମାନେ ସ୍ପଷ୍ଟ କରିଛନ୍ତି।

୩ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ପରେ ଭାରତୀୟ କିଷାନ ୟୁନିୟନ (ବିକେୟୁ) ଅଧ୍ୟକ୍ଷ ନରେଶ ଟିକାଏତ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆଲୋଚନା କିଛି ବାଟ ଆଗେଇଛି। କିନ୍ତୁ ଆନ୍ଦୋଳନ ଜାରି ରହିବ। କୃଷି ଆଇନକୁ ନେଇ ଆମେ ଆମର ସମସ୍ୟା ସମ୍ପର୍କରେ ବୁଧବାର କେନ୍ଦ୍ର ସରକାରଙ୍କୁ ଏକ ଚିଠା ଦେବୁ। ସରକାର ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ଚାଷୀମାନଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। ତେଣୁ ଡିସେମ୍ବର ୩ରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ବୈଠକ ପର୍ଯ୍ୟନ୍ତ ସରକାର ଏହି ପ୍ରସଙ୍ଗରେ ଗଭୀର ଭାବେ ଅନୁଧ୍ୟାନ କରନ୍ତୁ। ବୈଠକରେ ୫ ଜଣିଆ କମିଟି ଗଠନ କରି ସରକାରଙ୍କ ସହ ଆଲୋଚନା ପାଇଁ ତୋମାର କହିଥିଲେ। ଏହାକୁ ଆମେ ପ୍ରତ୍ୟାଖ୍ୟାନ କରିଛୁ। ତୋମାର କହିଛନ୍ତି, ଟିକାଏତ୍ କିଷାନ ୟୁନିୟନ ସହ ମଧ୍ୟ ଆଲୋଚନା ହୋଇଛି। ଏହି ଆଇନକୁ ନେଇ ସେମାନଙ୍କର ଅସୁବିଧା ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ କୁହାଯାଇଛି। ଏହି ଅବସରରେ କୃଷକ ନେତାମାନେ ତୋମାରଙ୍କୁ ଲଙ୍ଗରକୁ ଆମନ୍ତ୍ରଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ସେମାନଙ୍କ ବିକ୍ଷୋଭସ୍ଥଳକୁ ଆସନ୍ତୁ। ସେମାନେ ତାଙ୍କୁ ଜିଲାପି ଓ ପକୋଡ଼ା ଖାଇବାକୁ ଦେବେ ବୋଲି କହିଥିଲେ।

## ସଂକ୍ଷେପରେ

### ପ୍ରବାସୀ ଭାରତୀୟଙ୍କୁ ମିଳିବ ଅଧିକ ପୋଷ୍ଟାଲ ବାଲଟ ସୁବିଧା

**ନୂଆଦିଲ୍ଲୀ,୧।୧୨:** ବାହାର ଦେଶରେ ରହୁଥିବା ଭାରତୀୟଙ୍କ ଲାଗି ଅଧିକ ପୋଷ୍ଟାଲ ବାଲଟ ସୁବିଧା କରିବା ଲାଗି ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ନଭେମ୍ବର ୨୭ରେ ଆଇନ ମନ୍ତ୍ରଣାଳୟର କାର୍ଯ୍ୟନିର୍ବାହୀ ସଚିବଙ୍କୁ ପତ୍ର ଲେଖି କମିଶନ ଏନେଇ ପଦକ୍ଷେପ ନେବାକୁ କହିଛନ୍ତି। ଆଗାମୀ ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ, ପୁଡୁଚେରି ବିଧାନସଭା ନିର୍ବାଚନ ଓ ପରବର୍ତ୍ତୀ ସାଧାରଣ ନିର୍ବାଚନ ଲାଗି ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି। ଅନେକ ପ୍ରବାସୀ ଭାରତୀୟ ଏଥିଲାଗି ଅନୁରୋଧ କରିଆସୁଛନ୍ତି ଓ ବ୍ୟବସ୍ଥା ବୃଦ୍ଧି ଲାଗି ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ବୋଲି କମିଶନ କହିଛନ୍ତି। ରିପ୍ରେଜେଣ୍ଟେଶନ ଅଫ୍ ପିପୁଲ୍ସ ଆକ୍ଟ ୧୯୫୧ର ଧାରା ୬୨ରେ ପ୍ରତ୍ୟେକ ନାଗରିକଙ୍କ ଲାଗି ଭୋଟ ଦେବାର ଅଧିକାର ରହିଛି। ତେଣୁ ବାହାରେ ରହୁଥିବା ସମସ୍ତ ଯୋଗ୍ୟ ଭୋଟରଙ୍କ ଲାଗି ଅଧିକ ପୋଷ୍ଟାଲ ବାଲଟ ସୁବିଧା ସରକାର କରିବାକୁ କମିଶନ କହିଛନ୍ତି।

### ଶିବସେନାରେ ଯୋଗଦେଲେ ଉର୍ମିଳା



**ମୁମ୍ବାଇ, ୧।୧୨(ପି.ଟି.):** ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ମଙ୍ଗଳବାର ଶିବସେନାରେ ଯୋଗଦେଇଛନ୍ତି। ଏହି ଅବସରରେ ଦଳୀୟ ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ଅନ୍ୟ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ଗତବର୍ଷ କଂଗ୍ରେସରେ ଯୋଗଦେବା ପରେ ସେ ଦଳ ପକ୍ଷରୁ ପ୍ରାର୍ଥୀହୋଇ ମୁମ୍ବାଇ ନର୍ଥ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ି ପରାଜୟବରଣ କରିଥିଲେ। ଏବେ ସେ ପୂର୍ଣ୍ଣ ପ୍ରସ୍ତୁତି ସହ ଶିବସେନାରେ ଯୋଗ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଉର୍ମିଳାଙ୍କୁ ରାଜ୍ୟ ବିଧାନ ପରିଷଦକୁ ପଠାଯିବ। ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ୧୨ଜଣ ବ୍ୟକ୍ତିଙ୍କ ମଧ୍ୟରେ ଉର୍ମିଳାଙ୍କ ନାମ ଥିବା ଜଣାପଡ଼ିଛି। ଜାତୀୟସ୍ତରରେ ଜଣେ ଜଣାଶୁଣା ମୁହଁ ହୋଇଥିବାରୁ ଓ ଲୋକସମ୍ପର୍କ ଭଲ ଥିବାରୁ ଶିବସେନା ପାଇଁ ଏହା ଶକ୍ତିବୃଦ୍ଧ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

### 'ସମସ୍ତ ଦେଶବାସୀଙ୍କୁ ଟିକା ମିଳିବନି'

**ନୂଆଦିଲ୍ଲୀ, ୧।୧୨(ପି.ଟି.):** ସମସ୍ତ ଦେଶବାସୀଙ୍କୁ କରୋନା ଟିକା ଦିଆଯିବନି। ସରକାର ଏନେଇ କେଉଁଠି କହିନାହାନ୍ତି। ବିଭିନ୍ନ ତଥ୍ୟ, ସ୍ଥିତି ଓ ବୈଜ୍ଞାନିକ ପ୍ରସଙ୍ଗକୁ ଭିତ୍ତିକରି ସରକାର ଭବିଷ୍ୟତ ରଣନୀତି ପ୍ରସ୍ତୁତ କରିବେ। ଦେଶରେ ଦୈନିକ ପଜିଟିଭ୍ ହାର ୩.୭୨% ରହିଥିବାବେଳେ ନିୟୁତ ପିଛା ଏହା ୨୧୧ ରହିଛି। ବଡ଼ ଦେଶଗୁଡ଼ିକ ତୁଳନାରେ ଭାରତରେ ପଜିଟିଭ୍ ହାର କମ୍ ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ପ୍ରକାଶ କରିଛନ୍ତି। ଏବେ ଦେଶରେ ସଂକ୍ରମଣ ହାର କମିଆସୁଛି ଓ ଆରୋଗ୍ୟ ହାର ମଧ୍ୟ ଦ୍ରୁତଗତିରେ ବଢ଼ିଚାଲିଛି। ତଥାପି ଟିକାର ଆବଶ୍ୟକତା ରହିଛି। ସରକାର ଟିକାର ସ୍ଥିତି ଓ ପ୍ରତିକ୍ରିୟା ଲାଗି ଇନଷ୍ଟିଚ୍ୟୁଶନାଲ ଏଥିକ୍ସ କମିଟି ଗଠନ କରିଛନ୍ତି। ଟିକାର ଟ୍ରାଏଲ, ସୁରକ୍ଷା ନେଇ ତଦାରଖ କରାଯାଉଛି। ଟିକା ଆସିଲେ ସରକାର ଠିକ୍ ସମୟରେ ଲୋକଙ୍କୁ ଯୋଗାଇଦେବେ ବୋଲି ଭୂଷଣ କହିଛନ୍ତି।

## ଶୁଣାଣି ବେଳେ ଶାର୍ଟ ପିନ୍ଧି ନ ଥିଲେ ଓକିଲ

### ଏହା କିପରି ବ୍ୟବହାର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧।୧୨(ପି.ଟି.)**

ଏକ ମାମଲାର ଶୁଣାଣି ବେଳେ ଜଣେ ଓକିଲ ଖାଲିଦେହରେ ଥିବାରୁ ମଙ୍ଗଳବାର ସୁପ୍ରିମକୋର୍ଟ ତାଙ୍କୁ ଭର୍ତ୍ସନା କରିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ୭-୮ ମାସ ଧରି ଶୁଣାଣି ହେଲାଣି। ତଥାପି ଏପରି ଘଟଣା ଦେଖିବାକୁ ମିଳୁଛି। ଏହା କିପରି ବ୍ୟବହାର ବୋଲି ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଓ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଶିଶୁ ସୁରକ୍ଷା ଗୃହଗୁଡ଼ିକରେ କୋଭିଡ୍-୧୯ ଭାଇରସ୍ ସଂକ୍ରମଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ନିଜଆଡୁ ଏକ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି ବେଳେ ଜଣେ ଆଇନଜୀବୀଙ୍କୁ ବିନା ଶାର୍ଟରେ ଦେଖିବାକୁ ମିଳିଥିଲା। ଏନେଇ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ପ୍ରଥମ ଥର ପାଇଁ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିନାହିଁ।

ପ୍ରକାଶ ଯେ, ଅକ୍ଟୋବର ୨୬ରେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି କରୁଥିବାବେଳେ ମଧ୍ୟ ଜଣେ ଓକିଲ ଶାର୍ଟ ପିନ୍ଧି ନ ଥିଲେ। ଏନେଇ ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ, ଏମିତି ଭାବେ ଆସିଲେ ମାମଲାର ଶୁଣାଣି କରାଯିବ ନାହିଁ। ନିଜ ବ୍ୟବହାର ପ୍ରତି ଯତ୍ନବାନ ହେବା ଆବଶ୍ୟକ। ଏ ସମ୍ପର୍କରେ ସମ୍ପୃକ୍ତ ଆଇନଜୀବୀ ସ୍ପଷ୍ଟୀକରଣ ଦେବାକୁ ଯାଇ କହିଥିଲେ, ସେ ଶାର୍ଟ ପିନ୍ଧିବାକୁ ଯାଉଥିବାରୁ କ୍ୟାମେରାର ସୁଇଚ୍ ଅଫ୍ କରିଥିଲେ। ତେବେ ସୁପ୍ରିମକୋର୍ଟ କଣ୍ଟ୍ରୋଲ ରୁମ୍ ନିଜ ପଟୁ କ୍ୟାମେରା ଅନ୍ କରିଦେଇଥିବାରୁ ଏପରି ହୋଇଛି। ସେହିପରି ଗତ ଜୁନ୍‌ରେ ମଧ୍ୟ ଭର୍ଚୁଆଲ ଶୁଣାଣି ବେଳେ ଜଣେ ଓକିଲ ଟି-ଶାର୍ଟ ପିନ୍ଧି ନିଜ ବେଡ୍‌ରେ ଶୋଇଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ହରିୟାଣା ସରକାରରୁ ସମର୍ଥନ ପ୍ରତ୍ୟାହାର କଲେ ସ୍ୱାଧୀନ ବିଧାୟକ

**ଚଣ୍ଡିଗଡ଼,୧।୧୨**

ଦେଶବ୍ୟାପୀ କୃଷକ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି। କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଜୋର୍‌ଦାର ଆନ୍ଦୋଳନ ଜାରି ରହିଛି। ସୋମବାର ସହଯୋଗୀ ଆର୍‌ଏଲ୍‌ପି କୃଷକ ଆନ୍ଦୋଳନକୁ ସମର୍ଥନ କରି ଏନ୍‌ଡିଏରୁ ଓହରିଯିବାକୁ ଧମକ ଦେଇଥିବାବେଳେ ମଙ୍ଗଳବାର ହରିୟାଣାର ଭାଜପା ନେତୃତ୍ୱାଧୀନ ସରକାରରୁ ଜଣେ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର ସମ୍ପର୍କରେ ଘୋଷଣା କରିଛନ୍ତି। ହରିୟାଣା ଲାଇଭ୍ ଷ୍ଟକ୍ ଡେଭେଲପ୍‌ମେଣ୍ଟ ବୋର୍ଡର ଅଧ୍ୟକ୍ଷ ପଦ ଛାଡ଼ିବାର ଗୋଟିଏ ଦିନ ପରେ ଦାଦ୍ରିର ସ୍ୱାଧୀନ ବିଧାୟକ ସୋମ୍‌ବୀର ସଙ୍ଗ୍‌ୱାନ୍ ମନୋହରଲାଲ୍ ଖଟ୍ଟାର ସରକାରରୁ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଏନେଇ ସେ ରାଜ୍ୟ ବିଧାନସଭାକୁ ପତ୍ର ମାଧ୍ୟମରେ ଜଣାଇଥିବା କହିଛନ୍ତି। କୃଷକ ଆନ୍ଦୋଳନକୁ ସେ ସମର୍ଥନ କରି ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ବିଧାନସଭା ସେକ୍ରେଟାରିଏଟ୍ ପକ୍ଷରୁ ଏଭଳି କୌଣସି ପତ୍ର ହସ୍ତଗତ ହୋଇ ନ ଥିବା କୁହାଯାଇଛି।

## 'ଚାଷୀଙ୍କ କଥା ତୁରନ୍ତ ବୁଝ'

**ନୂଆଦିଲ୍ଲୀ, ୧।୧୨(ପି.ଟି.)**



ରାହୁଲ ଗାନ୍ଧୀ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣି ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନାମ ନ ନେଇ ସେ ଜିଦ୍ ପରିହାର କରି ବିକ୍ଷୋଭକାରୀ କୃଷକଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରନ୍ତୁ ବୋଲି ପ୍ରକାଶ କରିଛନ୍ତି। ରାଜରାସ୍ତାରେ କୃଷକମାନେ ସେମାନଙ୍କ ଦାବିକୁ ନେଇ ବିକ୍ଷୋଭ କରୁଥିବାବେଳେ ସରକାର ମିଛ ଭାଷଣ ଦେଇଆସୁଛନ୍ତି। ସେମାନଙ୍କୁ ଅସମ୍ମାନ କରା ନ ଯାଇ ନ୍ୟାୟ ପ୍ରଦାନ ଲାଗି ପ୍ରୟାସ କରାଯିବା ଉଚିତ। ଯେଉଁଭଳି ଭାବେ ସେମାନଙ୍କୁ ଲୁହବୁହା ଗ୍ୟାସ୍, ଲାଠିମାଡ଼ କରାଯାଇ ଦମନ କରାଯାଉଛି, ତାହା ଲଜ୍ଜାର ବିଷୟ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଜିଦ୍ ଛାଡ଼ି ସରକାର ସେମାନଙ୍କ ଦାବି ସହୃଦୟତାର ସହ ବିଚାର କରନ୍ତୁ ଓ ସେମାନଙ୍କ ଅଧିକାର ଫେରାନ୍ତୁ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ବିଭିନ୍ନ ରାଜ୍ୟର ହଜାର ହଜାର କୃଷକ ଦିଲ୍ଲୀ ସୀମାରେ ବିକ୍ଷୋଭ କରିବା ସହ କୃଷି ଆଇନ ପ୍ରତ୍ୟାହାର ଲାଗି ଦାବି କରିଆସୁଛନ୍ତି।

## ପିଏମ୍- କେୟାର୍ସ ଟଙ୍କା କୁଆଡ଼େ ଗଲା

**କୋଲକାତା,୧।୧୨**



### କେନ୍ଦ୍ରକୁ ମମତାଙ୍କ ପ୍ରଶ୍ନ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ପିଏମ୍- କେୟାର୍ସ ପାଣ୍ଠି ଟଙ୍କା କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ଅଡିଟ୍ କରାଯାଇ ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯିବା ଉଚିତ ବୋଲି ସେ କହିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଥିବାବେଳେ କରୋନାରେ ଲକ୍ଷାଧିକ ଲୋକ ପ୍ରାଣ ହରାଇଲେଣି। କେନ୍ଦ୍ର ସରକାର ଟିକାକୁ ଅପେକ୍ଷାକରି ରହିଛନ୍ତି। କେନ୍ଦ୍ରୀ ସଂସ୍ଥାଗୁଡ଼ିକୁ ବ୍ୟବହାର କରି କେନ୍ଦ୍ର ସରକାର ଦେଶର ସଂଘୀୟ ବ୍ୟବସ୍ଥାକୁ ଭାଙ୍ଗୁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି।

## ଜିଏଚ୍‌ଏମ୍‌ସି: ୩୬% ମତଦାନ

### ଚିନ୍ତା ବଢ଼ାଇଲେ ହାଇଦ୍ରାବାଦ ଭୋଟର

**ହାଇଦ୍ରାବାଦ,୧।୧୨**

ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ (ଜିଏଚ୍‌ଏମ୍‌ସି) ନିର୍ବାଚନରେ ଏଥର ମତଦାନ ହାର କମିଛି। ଏହି ଭୋଟ ଶାସକ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍), ସମେତ ଏଆଇଏମ୍‌ଆଇଏମ୍ ଏବଂ ଭାଜପା ପାଇଁ ସମ୍ମାନର ବିଷୟ ହୋଇଥିବାବେଳେ ୪୦%ରୁ କମ୍ ମତଦାନ ସବୁ ଦଳକୁ ଚକିତ କରିଦେଇଛି। ୨୦୧୬ରେ ଜିଏଚ୍‌ଏମ୍‌ସି ନିର୍ବାଚନରେ ୪୫.୨୯% ଭୋଟ ଗ୍ରହଣ ହୋଇଥିଲା। ଚଳିତ ନିର୍ବାଚନରେ ଭାଜପା ପକ୍ଷରୁ କେନ୍ଦ୍ରୀୟ ନେତାଙ୍କ ଉପସ୍ଥିତି ଏବଂ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସିଙ୍କ ବାକ୍‌ଯୁଦ୍ଧ ପ୍ରଚାରକୁ ଅଧିକ ରୋଚକ କରିଥିଲା। କିନ୍ତୁ ମଙ୍ଗଳବାର ମତଦାତାଙ୍କ ମଧ୍ୟରେ ସେଭଳି ଉତ୍ସାହ ଦେଖିବାକୁ ମିଳିନାହିଁ। ୧୫୦ ୱାର୍ଡରେ ଭୋଟ ଗ୍ରହଣ ସକାଳ ୭ଟାରେ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଶେଷ ଖବର ସୁଦ୍ଧା ୩୫.୮୦% ମତଦାନ ହୋଇଥିବା ଜଣାପଡ଼ିଛି। ଦଳଗୁଡ଼ିକ ଲୋକଙ୍କ ସମସ୍ୟାକୁ ଅଣଦେଖା କରି ନିଜ ସ୍ୱାର୍ଥ କଥା ଚିନ୍ତା କରିଥିବାରୁ ମତଦାନ ହାର କମିଛି ବୋଲି ରାଜନୈତିକ ବିଶ୍ଳେଷକ ତେଲାକାପଲ୍ଲୀ ରବି କହିଛନ୍ତି। ଅନ୍ୟ ଜଣେ ବିଶ୍ଳେଷକ ଚେଲାସାନି ନରେନ୍ଦ୍ରଙ୍କ ମତରେ କୋଭିଡ୍-୧୯ ସଂକ୍ରମଣ ଯୋଗୁ ବହୁ ଲୋକ ଘରୁ ବାହାରିବାକୁ ପସନ୍ଦ କରି ନାହାନ୍ତି। ୱାର୍କ ଫ୍ରମ୍ ହୋମ୍‌କୁ ମଧ୍ୟ ନିମ୍ନ ମତଦାନର ଆଉ ଏକ କାରଣ ବୋଲି କୁହାଯାଉଛି। ବହୁ ସଂଖ୍ୟକ ସଫ୍ଟୱେର୍ ଇଞ୍ଜିନିୟର ଓ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍ ଭୋଟ ଦେଇନାହାନ୍ତି। ପୁଲିଂ ବୁଥ୍‌ରେ ଭୋଟରଙ୍କ ଦୁର୍ବଳ ଉପସ୍ଥିତିକୁ ଦୃଷ୍ଟିରେ ରଖି ଓ୍ୱାଇସି, ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ.ଟି ରାମାରାଓଙ୍କ ସମେତ ସୋସିଆଲ ମିଡିଆ ଆକ୍ଟିଭିଷ୍ଟମାନେ ମତଦାନ ପାଇଁ ଅନୁରୋଧ କରିଥିଲେ। ଏହି ନିର୍ବାଚନର ଫଳାଫଳ ଆସନ୍ତା ୪ରେ ଆସିବ।



ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିଶାଇଲର ନାଭାଲ୍ ଭର୍ସନକୁ ବଙ୍ଗୋପସାଗରରେ ମଙ୍ଗଳବାର ଭାରତୀୟ ସେନା ପକ୍ଷରୁ ପରୀକ୍ଷଣ କରାଯାଉଛି।

## ଜୀବନ ହାରିବାକୁ ଅନୁମତି ମାଗିଲେ ଅଯୋଧ୍ୟା ସନ୍ଥ

**ଅଯୋଧ୍ୟା,୧।୧୨(ଆଇଏଏନ୍‌ଏସ୍)**

ଅଯୋଧ୍ୟାର ମହନ୍ତ ପରମହଂସ ଦାସ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ସେଥିରେ ସେ ୭ ଗୋଟି ଦାବି ଉପସ୍ଥାପନ କରିଛନ୍ତି। ଉକ୍ତ ଦାବିଗୁଡ଼ିକ ପୂରଣ ନ ହେଲେ ସେ ଜୀବନ ହାରିଦେବେ ଏବଂ ଏଥିସକାଶେ ରାଷ୍ଟ୍ରପତି ଅନୁମତି ଦିଅନ୍ତୁ ବୋଲି ପରମହଂସ ଦାସ ଜଣାଇଛନ୍ତି।



### ରାଷ୍ଟ୍ରପତିଙ୍କ ଆଗରେ ରଖିଲେ ୭ ଦାବି

ତପସ୍ୱୀ ଛାଉଣିର ମହନ୍ତ ପରମହଂସ ଦାସ ମହାରାଜଙ୍କ ଦାବିଗୁଡ଼ିକ ହେଲା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଆଇନ ପ୍ରଣୟନ, ଏକକ ଦେଓ୍ୱାନୀ ସଂହିତା କାର୍ଯ୍ୟକାରୀ, ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା, ଝିଅଙ୍କ ପାଇଁ ମାଗଣା ଶିକ୍ଷା, ଯୁବତୀ ଯୁବକଙ୍କୁ ନିଯୁକ୍ତି, ଗାଈକୁ ଏକ ସୁରକ୍ଷିତ ଜାତୀୟ ପ୍ରତୀକ ଭାବେ ମାନ୍ୟତା ଓ ରାମାୟଣକୁ ଜାତୀୟ ମହାକାବ୍ୟ ରୂପେ ଘୋଷଣା କରି ପାଠ୍ୟକ୍ରମରେ ସାମିଲ କରିବା। ମହନ୍ତ ଉକ୍ତ ପତ୍ରର ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଅଯୋଧ୍ୟା ଜିଲାପାଳଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି। ମହନ୍ତ କହିଛନ୍ତି, ତାଙ୍କ ଦାବିଗୁଡ଼ିକ ଜାତୀୟ ସ୍ୱାର୍ଥର ସୁରକ୍ଷା ଏବଂ ଦେଶକୁ ଆଉ ଏକ ବିଭାଜନରୁ ରୋକିବା ପାଇଁ ଉଦ୍ଦିଷ୍ଟ। ପ୍ରକାଶ ଯେ, ମହନ୍ତ ପରମହଂସ ଦାସ ଅକ୍ଟୋବରରେ ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରିବା ଦାବିରେ ଅନଶନରେ ବସିଥିଲେ। ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ପୋଲିସର ହସ୍ତକ୍ଷେପ ଫଳରେ ସେ ଅନଶନ ଭାଙ୍ଗିବାକୁ ବାଧ୍ୟ ହୋଇଥିଲେ।

## ବ୍ରହ୍ମପୁତ୍ରରେ ଡ୍ୟାମ୍ ଲାଗି ଭାରତର ଯୋଜନା

**ନୂଆଦିଲ୍ଲୀ, ୧।୧୨(ପି.ଟି.)**

ବ୍ରହ୍ମପୁତ୍ର ନଦୀରେ ଚାଇନା ପକ୍ଷରୁ ଡ୍ୟାମ୍ କରାଯିବା ଲାଗି ଯୋଜନା ଚାଲିଥିବାବେଳେ ଭାରତ ପକ୍ଷରୁ ମଧ୍ୟ ଏକ ଡ୍ୟାମ୍ ନିର୍ମାଣ କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଅରୁଣାଚଳ ପ୍ରଦେଶରେ ଭାରତ ୧୦ ଗିଗାୱାଟ୍ ହାଇଡ୍ରୋପାୱାର ପ୍ରକଳ୍ପ କରିବାକୁ ଯୋଜନା ଚଳାଇଛି। ବ୍ରହ୍ମପୁତ୍ର ତିବ୍ବତରୁ ଅରୁଣାଚଳ ଦେଇ ଆସାମ ଓ ବାଂଲାଦେଶକୁ ଯାଇଛି। ଚାଇନା ପ୍ରକଳ୍ପ ଭାରତରେ ସମ୍ଭାବ୍ୟ ମରୁଡ଼ି କିମ୍ବା ବନ୍ୟା ପରିସ୍ଥିତି ସୃଷ୍ଟିକରିବାର ଆଶଙ୍କା ରହିଛି। ଏଭଳି ପ୍ରତିକୂଳ ପରିସ୍ଥିତିର ମୁକାବିଲା ଲାଗି ଅରୁଣାଚଳରେ ଏକ ବଡ଼ ଡ୍ୟାମ ନିର୍ମାଣ କରାଯିବ।



ଜଳ ସମ୍ପଦ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଟି.ଏସ୍. ମେହରା କହିଛନ୍ତି, ଡ୍ୟାମ୍ ନିର୍ମାଣ ସମ୍ପର୍କରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସରକାର ସବୁଜ ସଙ୍କେତ ଦେଲେ କାର୍ଯ୍ୟ ଆଗେଇ ଚାଲିବ। ଏହି ଡ୍ୟାମ୍ ନିର୍ମାଣ କରାଗଲେ ଚାଇନାର ପ୍ରସ୍ତାବିତ ଡ୍ୟାମ୍ ଯୋଜନା ଭାରତ ଉପରେ ସେଭଳି ପ୍ରଭାବ ପକାଇପାରିବ ନାହିଁ।

### ଚାଇନାକୁ ଜବାବ

ପ୍ରକାଶଥାଉ କି, ସୋମବାର ଚାଇନା ବ୍ରହ୍ମପୁତ୍ର ନଦୀରେ ୬୦ ଗିଗାୱାଟ୍‌ର ହାଇଡ୍ରୋପାୱାର ପ୍ରକଳ୍ପ କରିବା ଲାଗି ଯୋଜନା କରୁଥିବା କହିଥିଲା। ଏହାକୁ ନେଇ ଭାରତ ଓ ବାଂଲାଦେଶ ପକ୍ଷରୁ ଚିନ୍ତାପ୍ରକଟ କରାଯାଇଥିଲା। ଭାରତ ଏହାର ପ୍ରତିକାର ଲାଗି ପଦକ୍ଷେପ ଆରମ୍ଭ କରିଛି। ସୀମା ବିବାଦକୁ ନେଇ ଭାରତ-ଚାଇନା ମଧ୍ୟରେ ତିକ୍ତତା ବଢ଼ିଥିବାବେଳେ ଏବେ ଡ୍ୟାମ୍ ନିର୍ମାଣ ପରିସ୍ଥିତିକୁ ଅଧିକ ବିଗାଡ଼ିବ ବୋଲି ଆଶଙ୍କା କରାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୩୮,୫୯,୭୪୬ | ୧୪,୭୯,୭୨୮ | ୪,୪୨,୧୫,୫୯୨ |
| ଭାରତ | ୯୪,୮୪,୫୦୬ | ୧,୩୭,୯୩୩ | ୮୯,୧୫,୧୫୮ |
| ଓଡ଼ିଶା | ୩,୧୯,୧୦୩ | ୧୭୩୪(+୫୩) | ୩,୧୨,୭୩୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଟାଟା ସୁମୋ ଗାଡ଼ିକୁ ବିସ୍ଫୋରଣରେ ଉଡ଼ାଇଲେ

## ସୀମାନ୍ତରେ ମାଓବାଦୀଙ୍କ ବର୍ବରତା

**ମାଲକାନଗିରି,୧।୧୨(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲା ବାସାଗୁଡା ଥାନା ଅଞ୍ଚଳରେ ମଙ୍ଗଳବାର ମାଓବାଦୀମାନେ ଏକ ଟାଟା ସୁମୋ ଗାଡିକୁ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇ ଉଡାଇ ଦେଇଛନ୍ତି। ବିଜାପୁର ଜିଲାର ବାସାଗୁଡାଠାରୁ ତରେମ ମଧ୍ୟରେ ଥିବା ରାଜପେଟାଠାରେ ଏହା ଘଟିଛି। ଏଥିରେ ଗାଡିରେ ଯାଉଥିବା ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମହମ୍ମଦ ଇକ୍‌ବାଲ ଓ ବଳରାମ ପ୍ରଧାନ। ସେମାନଙ୍କୁ ବାସାଗୁଡା ଚିକିତ୍ସାଳୟକୁ ନିଆଯାଇଥିବା ବିଜାପୁର ଏସ୍‌ପି କମଳ ଲୋଚନ କଶ୍ୟପ୍ କହିଛନ୍ତି।

# କୋଭିଡ୍ ନିୟମ ଉଲ୍ଲଂଘନ: ସ୍କୁଲ ସିଲ୍

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

## ଅଫ୍‌ଲାଇନ୍‌ରେ ଚାଲିଥିଲା କ୍ଲାସ୍

କରୋନା ମହାମାରୀ ଯୋଗୁ ଦୀର୍ଘ ୮ ମାସ ହେଲା ସାରା ରାଜ୍ୟରେ ସମସ୍ତ ସ୍କୁଲ, କଲେଜ ବନ୍ଦ ରହିଛି। ଏଭଳି ସ୍ଥିତିରେ ରାଜଧାନୀ ଭୁବନେଶ୍ୱରରେ ଥିବା ଏକ ସ୍କୁଲ ପାଇଁ କୋଭିଡ୍ ନିୟମ ଉଲ୍ଲଂଘନ କରିବା ମହଙ୍ଗା ପଡ଼ିଛି। ସରକାରଙ୍କ କଡ଼ା ନିର୍ଦ୍ଦେଶାବଳୀ ସତ୍ତ୍ୱେ ଏହି ବିଦ୍ୟାଳୟରେ ଅଫ୍‌ଲାଇନ୍‌ରେ କ୍ଲାସ୍ ଚାଲିଥିଲା। ଫଳରେ ଉକ୍ତ ସ୍କୁଲକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସିଲ୍ କରିଛି।

ସୂଚନାନୁସାରେ, ଚିନ୍ତାମଣିଶ୍ୱରସ୍ଥିତ ୬ନମ୍ବର ଲେନ୍‌ରେ ଥିବା ଏକ ଘରୋଇ ବିଦ୍ୟାଳୟରେ ମଙ୍ଗଳବାର ଅଫ୍‌ଲାଇନ୍ ଅର୍ଥାତ୍ ଶ୍ରେଣୀଗୃହରେ କ୍ଲାସ୍ ହେଉଥିଲା। ଏଥିସହ ପରୀକ୍ଷା ମଧ୍ୟ ଚାଲିଥିଲା। ଖବର ପାଇ ବିଏମ୍‌ସିର ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ଉକ୍ତ ସ୍କୁଲକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରାଯାଇଛି। ବିଏମ୍‌ସି ସାଉଥ୍ ଜୋନ୍‌ର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥଙ୍କ ନେତୃତ୍ୱରେ ଏହି ଟିମ୍ ସେଠାରେ ପହଞ୍ଚି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଗିଦ କରିବା ସହିତ ଏପରି ଆଇନ ବିରୋଧ କାର୍ଯ୍ୟ ପାଇଁ ଦଣ୍ଡବିଧାନ ସ୍ୱରୂପ ବିଦ୍ୟାଳୟକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସିଲ୍ କରିଦେଇଛନ୍ତି।

ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯାଉଥିବାବେଳେ ଶିକ୍ଷାନୁଷ୍ଠାନରୁ ଏଭଳି ବ୍ୟବହାର ଆଶା କରାଯାଏ ନାହିଁ। ଏଠାକୁ ଅନେକ ଶିଶୁ ଆସୁଛନ୍ତି ଏବଂ ସାମାଜିକ ଦୂରତା ରକ୍ଷା ନ କରି ସେମାନଙ୍କୁ ଶିକ୍ଷା ଦେବା ଓ ପରୀକ୍ଷା କରାଇବା ଭଳି କାର୍ଯ୍ୟ ନିଶ୍ଚିତ ଭାବେ ନିୟମ ବିରୁଦ୍ଧ। ସୂଚନାଯୋଗ୍ୟ, ବିଏମ୍‌ସି ଟିମ୍ ଚଢ଼ାଉ ବେଳେ ସମ୍ପୃକ୍ତ ବିଦ୍ୟାଳୟରେ ପ୍ରାୟ ୩୦ ଜଣ ଛାତ୍ର ଉପସ୍ଥିତ ଥିଲେ। ବିଏମ୍‌ସି ସିଲ୍ ସାଙ୍ଗକୁ ସମ୍ପୃକ୍ତ ବିଭାଗ ଏ ଦିଗରେ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, କରୋନା ମହାମାରୀ ଯୋଗୁ ଚଳିତ ଶିକ୍ଷାବର୍ଷରେ ଏପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯାଇନାହାନ୍ତି। ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଛି।

# ମଧ୍ୟସ୍ଥ ଆଗରେ, ପ୍ରଶାସନ ପଛରେ

ବଲାଙ୍ଗୀର ଅଫିସ, ୧।୧୨

**ବଲାଙ୍ଗୀର ଜିଲାରେ ଧାନକିଣା**
- ଜିଲାରେ ୧,୦୧, ୫୫୫ କୁଇଣ୍ଟାଲ ଧାନ ସଂଗ୍ରହ
- ୧୭୪ରୁ ଖୋଲିଛି ୮୦ ମଣ୍ଡି

ବଲାଙ୍ଗୀର ଜିଲାରେ ଗତ ନଭେମ୍ବର ୧୮ରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାସ୍ତରୀୟ ଧାନକ୍ରୟ କମିଟି (ଡିଏଲ୍‌ପିସି) ବୈଠକରେ ଜିଲାର ଚାଷୀମାନେ ମଣ୍ଡି ଓ ଏସ୍‌ଏଚ୍‌ଜି ଜରିଆରେ ଧାନର ଉଚିତ ମୂଲ୍ୟ ଯେପରି ପାଇପାରିବେ, ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀ ଯେପରି ଧାନର ଅଭାବୀ ବିକ୍ରି କି ମଧ୍ୟସ୍ଥର ଶିକାର ହେବନାହିଁ, ସେନେଇ ଆଲୋଚନା ହୋଇଥିଲା। ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଯେପରି ମିଳିବ ସେନେଇ ସୁନିଶ୍ଚିତ କରିବାକୁ ଜୋର ଦିଆଯାଇଥିଲା। ଧାନସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ପରିଚାଳନା କରିବାକୁ ପ୍ରଶାସନ ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରୁ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ହେଲେ ଧାନକିଣା ଆରମ୍ଭରୁ ପ୍ରଶାସନର ଢିଲାପଣ ସ୍ପଷ୍ଟ ଦେଖାଗଲାଣି।

ପ୍ରଶାସନର ବହୁ ପୂର୍ବରୁ ମଧ୍ୟସ୍ଥମାନେ ସକ୍ରିୟ ହୋଇଗଲେଣି। ଚାଷୀଙ୍କ କଷ୍ଟୋପାର୍ଜିତ ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଢ଼େର କମ୍ ଦରରେ କିଣିନେଇ ନିଜସ୍ୱ ଗୋଦାମରେ ମହଜୁଦ କରି ରଖିଲେଣି। ଗାଁ ଗାଁରେ ଏବେ ମଧ୍ୟସ୍ଥ ବା ଦଲାଲମାନେ ସକ୍ରିୟ ରହି ଚାଷୀଙ୍କଠାରୁ କମ୍‌ଦରରେ ଧାନ କିଣି ନେଉଥିବା ଖବର ମିଳୁଛି। ବିଶେଷକରି ଜିଲାର ପୁଇଁତଲା, ଟିଟିଲାଗଡ, କଣ୍ଟାବାଞ୍ଜି, ବେଲପଡା ଓ ପାଟଣାଗଡ ବ୍ଲକ ଅଞ୍ଚଳରେ ମଧ୍ୟସ୍ଥ ସକ୍ରିୟ ହୋଇପଡିଛନ୍ତି। ସେମାନେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ସମାନ୍ତରାଳ ଧାନକିଣାକୁ ସୁରୁଖୁରୁରେ ଚଳାଇଛନ୍ତି। କୁଇଣ୍ଟାଲ ପିଛା ୧୨ରୁ ୧୩ ଶହ ଟଙ୍କା ଦରରେ ଧାନ କିଣି ନେଉଛନ୍ତି ବୋଲି ଅଭିଯୋଗ ହୋଇଛି।

ଚଳିତବର୍ଷ ଜିଲାର ୧୫୮ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ୧୬ଟି ଏସ୍‌ଏଚ୍‌ଜି ମଣ୍ଡି ଜରିଆରେ ଧାନକିଣା ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ ଜିଲାରେ ୮୦ଟି ପ୍ୟାକ୍ସରେ ଧାନକିଣା ଆରମ୍ଭ ହୋଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୮୦ଟି ପ୍ୟାକ୍ସରେ ମଙ୍ଗଳବାର ସୁଦ୍ଧା ୧ ଲକ୍ଷ ୧ ହଜାର ୫୫୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ତେବେ ଜିଲାରେ ଆଉ ୯୪ଟି ମଣ୍ଡି ଏ ପର୍ଯ୍ୟନ୍ତ ଖୋଲିନାହିଁ। ଚଳିତବର୍ଷ ଜିଲାରେ ୬୬ ହଜାର ୭୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସମସ୍ତ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଟୋକନ୍ ଇସ୍ୟୁ ହୋଇପାରିନାହିଁ। ଟୋକନ୍ ଇସ୍ୟୁ କିଭଳି ହେଉଛି ଓ କେବେ ହେଉଛି ସେକଥା ଜାଣିବା ଚାଷୀକୁ ସହଜ ହେଉନାହିଁ। ଭୁବନେଶ୍ୱରରୁ ସିଧାସଳଖ ଅନ୍‌ଲାଇନ୍ ଜରିଆରେ ଚାଷୀଙ୍କ ଟୋକନ୍ ଇସ୍ୟୁ ହେଉଥିବାରୁ ଜିଲାରେ ବାସ୍ତବରେ ଏଯାବତ୍ କେତେ ଚାଷୀଙ୍କୁ ଟୋକନ୍ ମିଳିଛି ସେଇ ତଥ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ପାଖରେ ନ ଥିବା କହୁଛନ୍ତି। ଏହି ବ୍ୟବସ୍ଥା ମଧ୍ୟସ୍ଥଙ୍କୁ ସୁହାଉଛି। ପୁଇଁତଲା ବ୍ଲକର ମହୀମୁଣ୍ଡା ଅଞ୍ଚଳରେ ମଧ୍ୟସ୍ଥମାନେ କୁଇଣ୍ଟାଲ ପିଛା ୧୨ରୁ ୧୩ ଶହ ଟଙ୍କା ଦେଇ ଚାଷୀଙ୍କଠାରୁ ଧାନ କିଣିନେଉଛନ୍ତି। କେତେଜଣ ପ୍ୟାକ୍ସ ସମ୍ପାଦକ ଓ ମିଲର୍ସ ଏହି ମଧ୍ୟସ୍ଥମାନଙ୍କ ମୁଖ୍ୟ କାର୍ପଟଦାର ସାଜିଥିବା ଅଭିଯୋଗ ହେଉଛି। ଏ ପର୍ଯ୍ୟନ୍ତ ଜିଲାର କୌଣସି ମିଲର୍ସ ମଣ୍ଡିରୁ ଧାନ ଉଠାଇନାହାନ୍ତି। ମାତ୍ର ମଧ୍ୟସ୍ଥମାନେ ଚାଷୀଙ୍କଠାରୁ ଧାନ ଉଠାଇ ନେଲେଣି। ପ୍ରଶାସନ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ସ୍ଥାନରେ ଚଢ଼ାଉ କଲେ ଚାଲାଣ ପାଇଁ ରଖାଯାଇଥିବା ବେଆଇନ ଧାନ ଜବତ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦିଲୀପ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ପ୍ରଶାସନ ପକ୍ଷରୁ ଏ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଆଉ ମାତ୍ର ଅଳ୍ପ ଦିନ ମଧ୍ୟରେ ଜିଲାର ସମସ୍ତ ମଣ୍ଡି ଓ ଏସ୍‌ଏଚ୍‌ଜିରେ ଧାନକିଣା ଜୋର ଧରିବ। ଆଉ କୌଣସି ଚାଷୀ ମଧ୍ୟସ୍ଥଙ୍କୁ ଧାନ ବିକିବେ ନାହିଁ ବୋଲି ସେ କହିଛନ୍ତି।

# ଯଦୁପୁରରେ ଏସ୍‌ଆଇଟି ଟିମ୍

ନୟାଗଡ଼ ଅଫିସ,୧।୧୨

## ପରୀ ହତ୍ୟା ଘଟଣାର ତଦନ୍ତ

ପରୀ ହତ୍ୟା ଘଟଣାର ତଦନ୍ତ ପାଇଁ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍ (ଏସ୍‌ଆଇଟି) ମୁଖ୍ୟ ପୋଲିସ ଆଇଜି ଅରୁଣ ବୋଥ୍ରା ମଙ୍ଗଳବାର ନୟାଗଡ଼ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଥମେ ସେ ନୟାଗଡ଼ ସର୍କିଟ ହାଉସ୍‌ରେ ଅତିରିକ୍ତ ଏସ୍‌ପି, ନୟାଗଡ଼ ଏସ୍‌ଡିପିଓ, ସଦର ଥାନା ଆଇଆଇସି ଓ ତଦନ୍ତକାରୀ ଅଫିସରଙ୍କୁ ହତ୍ୟାକାଣ୍ଡ ସମ୍ପର୍କରେ ପଚରାଉଚୁରା କରିଥିଲେ। ପରେ ୫ ଜଣିଆ ଟିମ୍ ନୟାଗଡ଼ ପୋଲିସକୁ ସାଙ୍ଗରେ ନେଇ ପରୀର ଗାଁ ଯଦୁପୁରରେ ପହଞ୍ଚିଥିଲେ। ପରୀର ମୃତଦେହ ଉଦ୍ଧାର ହୋଇଥିବା ପୋଖରୀ କୂଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ଝିଅ ଅପହରଣ ଓ ମୃତଦେହ ଜବତ ସମ୍ପର୍କରେ ବାପାଙ୍କୁ ପଚାରି ବୁଝିଥିଲେ। ପରେ ପରୀର ଘରକୁ ଯାଇ ଆଲୋଚନା କରିଥିଲେ। ତଦନ୍ତ ସମ୍ପର୍କରେ ଟିମ୍



ଯଦୁପୁରରେ ପୋଲିସ ଆଇଜି ଅରୁଣ ବୋଥ୍ରାଙ୍କ ସହ ଟିମ୍ ସଦସ୍ୟ।

ମୁଖ୍ୟ ପୋଲିସ ଆଇଜି ବୋଥ୍ରା ଗଣମାଧ୍ୟମକୁ କହିଥିଲେ, ପରୀ ହତ୍ୟା ଘଟଣାର ତଦନ୍ତ ଚାଲୁ ରହିଛି। ସମୟ ଆସିଲେ ତଥ୍ୟ ଦିଆଯିବ। ଏବେ କିଛି କହିବା ଠିକ୍ ହେବ ନାହିଁ। ନ୍ୟାୟିକ ତତ୍ତ୍ୱାଧାନରେ ମାମଲାର ତଦନ୍ତ ଚାଲିଛି। ସୂଚନାଯୋଗ୍ୟ ଗତ ଜୁଲାଇ ୧୪ରେ ନୟାଗଡ ସଦର ଥାନା ଯଦୁପୁରର ଅମ୍ରିତା ସ୍ନେହା ସାହୁ ଓରଫ ପରୀ (୫) ନାମକ ଶିଶୁକନ୍ୟା ନିଖୋଜ ହୋଇଥିଲେ। ଦଶମ ଦିବସ ଜୁଲାଇ୨୩ରେ ତା'ର ଗଳିତ ମୃତଦେହ ମିଳିଥିଲା। ପୋଲିସ ହତ୍ୟା ମାମଲା ରୁଜୁ କରି ବସିରହିବାରୁ ପରୀର ମା'ବାପା ନଭେମ୍ବର ୨୪ରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। କିଛିଦିନ କ୍ରାଇମବ୍ରାଞ୍ଚ ତଦନ୍ତ ପରେ ଏବେ ଏସ୍‌ଆଇଟି ତଦନ୍ତ ଆରମ୍ଭ ହୋଇଛି। ଟିମ୍ ମୁଖ୍ୟ ପୋଲିସ ଆଇଜି ବୋଥ୍ରା ଗତ ରବିବାର ନୟାଗଡ଼ ଅତିରିକ୍ତ ଏସ୍‌ପି, ନୟାଗଡ଼ ଏସ୍‌ଡିପିଓ, ସଦର ଥାନା ଆଇଆଇସି ଓ ତଦନ୍ତକାରୀ ଅଫିସରଙ୍କୁ ହତ୍ୟାକାଣ୍ଡ ସମ୍ପର୍କରେ ଭୁବନେଶ୍ୱରରେ ପଚରାଉଚୁରା କରିଥିଲେ।

# ବୋମା ଫୁଟି ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ଖଲ୍ଲିକୋଟ,୧।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ନିର୍ମଳଝର ଛକରେ ମଙ୍ଗଳବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ଚାଳକଙ୍କ ବ୍ୟାଗ୍‌ରେ ଥିବା ବୋମା ଫୁଟିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ନୂଆ ଫାସୁଲା ଗ୍ରାମର କାଳିଆ ମହାରଣା ଓରଫ ମଣ୍ଟୁ (୨୨)। ବାଇକ୍ ପଛରେ ବସିଥିବା ସେହି ଗ୍ରାମର ସିଲୁ ପ୍ରଧାନ (୧୯)ଙ୍କ ଅବସ୍ଥା ଗୁରୁତର ଥିବାରୁ ଖଲ୍ଲିକୋଟ ଡାକ୍ତରଖାନାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ରେଫର କରାଯାଇଛି। ତେବେ କେଉଁ ଉଦ୍ଦେଶ୍ୟରେ ବାଇକ୍‌ରେ ବୋମା ନିଆଯାଉଥିଲା ତାହା ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

କାଳିଆ ନିଜ ବାଇକ୍ ପଛରେ ସିଲୁଙ୍କୁ ବସାଇ ଖଲ୍ଲିକୋଟରୁ ମଥୁରା ଦିଗରେ ଯାଉଥିବା ବେଳେ ନିର୍ମଳଝର ଛକରେ ଥିବା ଏକ ମଣ୍ଡପକୁ ଧକ୍କା ଦେଇଥିଲେ। ଫଳରେ ଉଭୟେ ଛିଟିକି ପଡ଼ିଥିଲେ। କାଳିଆଙ୍କ ବ୍ୟାଗରେ ଥିବା ବୋମା ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ବାମ ହାତ ଛିଡ଼ିଯାଇ ପ୍ରାୟ ୧୦୦ ଫୁଟ ଦୂର ଖଲ୍ଲିକୋଟ କୋର୍ଟ ପାର୍ଶ୍ୱରେ ଥିବା ଏକ ହୋଟେଲ ଆଗରେ ପଡ଼ିଥିଲା। ସେହିପରି ଅଳ୍ପ ଦୂରରେ ପଡ଼ିଥିବା ସିଲୁଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଭୟଙ୍କର ଶବ୍ଦ ଯୋଗୁ ନିକଟରେ ଥିବା ତହସିଲ କର୍ମଚାରୀ ଭୟଭୀତ ହୋଇ ପଡ଼ିଥିଲେ। ଖଲ୍ଲିକୋଟ ଥାନା ପୋଲିସ ପହଞ୍ଚି କାଳିଆଙ୍କ ମୃତଦେହ ଜବତ କରିଥିଲା। ଛତ୍ରପୁର ଏସଡିପିଓ ଗୌତମ କିସାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଭେଜିପୁଟ ଓଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଅନୁଧ୍ୟାନ କରିଥିଲେ। ବିସ୍ଫୋରଣସ୍ଥଳରୁ ପୋଲିସ ଟୁକୁଡା ଜିନିଷକୁ ଜବତ କରିଛି। ଆହତ ସିଲୁ କହିଛନ୍ତି, କାଳିଆ ବ୍ୟାଗରେ କ'ଣ ରଖିଥିଲେ ମୁଁ ଜାଣି ନ ଥିଲି। ଗାଡ଼ିରେ ପେଟ୍ରୋଲ ପକାଇବାକୁ ଯାଉଥିବା ବେଳେ ଏପରି ଦୁର୍ଘଟଣା ଘଟିଲା ବୋଲି କହିଛନ୍ତି।







**ଆଜିର ମନ୍ତବ୍ୟ**

"କରୋନା ସମୟରେ ଅନ୍‌ଲାଇନ୍ କ୍ଲାସ୍ ଛାତ୍ରୀଛାତ୍ରମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପାଠ୍ୟକ୍ରମ ଶେଷ କରିବାରେ ସାହାଯ୍ୟ କରିଛି।"

–ରମେଶ ପୋଖରିୟାଲ ନିଶଙ୍କ, କେନ୍ଦ୍ର ଶିକ୍ଷାମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ଶକ୍ତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧.୦୪ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୧।୧୨**

ଚଳିତ ବର୍ଷ ନଭେମ୍ବରରେ ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ୧.୦୪ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ଲଗାତର ଦ୍ୱିତୀୟ ମାସ ଲାଗି ଜିଏସ୍‌ଟି ଆଦାୟ ଲକ୍ଷେ କୋଟି ଟଙ୍କା ଟପିଥିବା ଜଣାପଡ଼ିଛି। ଗତ ବର୍ଷ ନଭେମ୍ବର ତୁଳନାରେ ଚଳିତ ବର୍ଷ ସମାନ ସମୟରେ ପରୋକ୍ଷ ଟିକସ ଆଦାୟ ୧.୪% ଉର୍ଦ୍ଧ୍ୱରେ ରହିଛି। ଓଡ଼ିଶା କଥା ବିଚାରକୁ ନେଲେ ଜିଏସ୍‌ଟି ସଂଗ୍ରହ ପ୍ରାୟ ୮% ବଢ଼ିଛି। ଗତ ବର୍ଷ ନଭେମ୍ବରରେ ରାଜ୍ୟରୁ ୨,୩୪୭ କୋଟି ଜିଏସ୍‌ଟି ସଂଗ୍ରହ ହୋଇଥିବା ବେଳେ ଏହା ଚଳିତ ବର୍ଷ ସମାନ ସମୟରେ ଏହା ୨,୫୨୮ କୋଟି ଟଙ୍କାକୁ ବୃଦ୍ଧି ଘଟିଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ରହିଛି।

ସଂଗ୍ରହ ହୋଇଥିବା ମୋଟ ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି (ସିଏସ୍‌ଟି) ୧୯,୧୮୯ କୋଟି, ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୨୫,୫୪୦ କୋଟି ଏବଂ ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି)ର ଅଂଶ ୫୧,୯୯୨ କୋଟି ଟଙ୍କା ରହିଛି। ଆଇଜିଏସ୍‌ଟି ମଧ୍ୟରେ ସାମଗ୍ରୀ ଆମଦାନୀ ଟିକସ ବାବଦ ୨୨,୦୭୮ କୋଟି ଏବଂ ୮୨୪୨ କୋଟି ଟଙ୍କାର ସେସ୍ ରହିଛି। ନଭେମ୍ବର ୩୦ ସୁଦ୍ଧା ଜିଏସ୍‌ଟିଆର୍ ୩ବି ରିଟର୍ନ ଫାଇଲ ସଂଖ୍ୟା ବୃଦ୍ଧି ପାଇ ୮୦ ଲକ୍ଷ ଛୁଇଁଛି। ସାମଗ୍ରୀ ଆମଦାନୀରୁ ଟିକସ ଜନିତ ରାଜସ୍ୱ ୪.୯% ବଢ଼ିଛି। ସେହିଭଳି ଘରୋଇ ଟ୍ରାଞ୍ଜାକଶନ( ସେବା ଆମଦାନୀ ସହ) ଟିକସ ଆଦାୟ ୦.୫% ବୃଦ୍ଧି ପାଇଛି।

## ଓଡ଼ିଶାରେ ସଂଗ୍ରହ ୮% ବଢ଼ିଲା



କରୋନା ମହାମାରୀ ଯୋଗୁ ଚଳିତ ବର୍ଷ ପ୍ରାୟ ୮ ମାସ ଟିକସ ସଂଗ୍ରହ ଗଭୀର ଭାବେ ପ୍ରଭାବିତ ହୋଇଥିଲା। ହେଲେ ଅକ୍ଟୋବରରେ ପ୍ରଥମଥର ଲାଗି ଟିକସ ଆଦାୟ ଲକ୍ଷେ କୋଟି ଟଙ୍କା ଟପି ୧.୦୫ ଲକ୍ଷ କୋଟି ରହିଛି। ବର୍ତ୍ତମାନ ସୁଦ୍ଧା ଅନେକ ରାଜ୍ୟରେ ଜିଏସ୍‌ଟି ଆଦାୟ ପ୍ରଭାବିତ ସ୍ଥିତିରେ ରହିଛି। ଟିକସ ସଂଗ୍ରହ ସମ୍ପୂର୍ଣ୍ଣ ଟ୍ରାକକୁ ଫେରିବା ଲାଗି ସମୟ ଲାଗିବ। ଅର୍ଥ ବ୍ୟବସ୍ଥାକୁ ସରକାର ଧୀରେ ଧୀରେ ଖୋଲୁଥିବାରୁ ଆର୍ଥିକ କାର୍ଯ୍ୟକଳାପ ଟ୍ରାକକୁ ଫେରୁଛି। ସବୁ କିଛି ଠିକ୍ ସ୍ଥିତିକୁ ଫେରିବା ଯାଏ ଟିକସ ସଂଗ୍ରହ ଉନ୍ନତ ହେବ ବୋଲି ସରକାର ଆଶାବାଦୀ ରହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କୃଷକ-କେନ୍ଦ୍ର...

ସରକାରଙ୍କ ଯୁକ୍ତି ହେଲା, ଟେକ୍ନୋଲୋଜିର ବହୁଳ ବ୍ୟବହାର ଫଳରେ ଉକ୍ତ ଆଇନ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବାରେ ସହାୟକ ହେବ। କୃଷକମାନେ ସେମାନଙ୍କ ଉତ୍ପାଦିତ ଶସ୍ୟକୁ ଖୋଲା ବଜାରରେ ବିକ୍ରି କରିପାରିବେ। ମଧ୍ୟସ୍ଥ ବ୍ୟବସ୍ଥା ଉଚ୍ଛେଦ ହେବା ଫଳରେ ସେମାନଙ୍କ ମୂଲଚାଲ କ୍ଷମତା ବଢ଼ିବ। ଅନ୍ୟପକ୍ଷେ କୃଷକମାନେ ଆଶଙ୍କା କରୁଛନ୍ତି ଯେ, ସେମାନେ ନିଜ ଉତ୍ପାଦିତ ଏମ୍ଏସ୍‌ପି ପାଇବାରୁ ବଞ୍ଚିତ ହେବେ। ଏହାସହ ବଡ଼ ବଡ଼ ବ୍ୟବସାୟୀ ବା ଘରୋଇ ପକ୍ଷଙ୍କ ଦୟାରେ ଚଳିବାକୁ ବାଧ୍ୟ ହେବେ ବୋଲି ଚାଷୀମାନେ ଏହାକୁ ବିରୋଧ କରୁଛନ୍ତି। ଏହି ବିବାଦୀୟ ଆଇନକୁ ପ୍ରତ୍ୟାହାର ଦାବିରେ ଶତାଧିକ କୃଷକ ସଙ୍ଗଠନ ପକ୍ଷରୁ ଅକ୍ଟୋବର ୨୬ ଓ ୨୭ରେ 'ଦିଲ୍ଲୀ ଚଲୋ' ଡାକରା ଦିଆଯାଇଥିଲା। ଏହି କ୍ରମରେ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବାକୁ ଦିଲ୍ଲୀମୁହାଁ ହୋଇଥିଲେ। ହେଲେ କେନ୍ଦ୍ର ଓ ହରିୟାଣାର ଭାଜପା ସରକାର ବ୍ୟାରିକେଡ୍ କରି ସେମାନଙ୍କୁ ବାଟରେ ଅଟକାଇଥିଲେ। ଶୀତକାକରରେ ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ଯାଉଥିବା କୃଷକମାନଙ୍କ ଉପରେ ପାଣିବର୍ଷା ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲେ। ଅନେକ ସ୍ଥାନରେ ଚାଷୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ସ୍ଥିତି ସଙ୍ଗିନ ହେବା ପରେ କେନ୍ଦ୍ର ସରକାର ଚାଷୀଙ୍କୁ ବିକ୍ଷୋଭ ପାଇଁ ଦିଲ୍ଲୀର ବୁରାରିସ୍ଥିତ ନିରଙ୍କାରି ଗ୍ରାଉଣ୍ଡକୁ ଯିବା ପାଇଁ କହିଥିଲେ। କେତେକ ଚାଷୀ ସେହି ପଡ଼ିଆକୁ ଯାଇଥିବାବେଳେ ଅଧିକାଂଶ କୃଷକ ଦିଲ୍ଲୀ ସୀମା ସଂଲଗ୍ନ ଅଞ୍ଚଳରେ ରହି ଅଚଳାବସ୍ଥା ସୃଷ୍ଟି କରିଥିଲେ। ଶେଷରେ କେନ୍ଦ୍ର ସରକାର କୃଷକ ପ୍ରତିନିଧିଙ୍କ ସହ ଆଲୋଚନା କରିବାକୁ ବାଧ୍ୟ ହୋଇଥିଲେ। ମଙ୍ଗଳବାର ବିଜ୍ଞାନ ଭବନରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ବାଣିଜ୍ୟ ଓ ଶିଳ୍ପ ତଥା ରେଳମନ୍ତ୍ରୀ ପୀୟୂଷ ଗୋଏଲ ଏବଂ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସୋମ ପ୍ରକାଶ (ପଞ୍ଜାବର ହୋସିଆରପୁର ଏମ୍‌ପି) ୩୫ ଚାଷୀ ନେତାଙ୍କ ସହ ୨ ଘଣ୍ଟାରୁ ଅଧିକ ସମୟ ଧରି ବୈଠକ କରିଥିଲେ। ବୈଠକରେ ଚାଷୀ ନେତାମାନେ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିବା ଲାଗି ଏକସ୍ୱରରେ ଦାବି ଦୋହରାଇଥିଲେ। ତେବେ ସରକାର ସେମାନଙ୍କୁ ଏକ ୫ ଜଣିଆ କମିଟି ଗଠନ କରି ଆଲୋଚନାକୁ ଆଗକୁ ବଢ଼ାଇବାକୁ କହିଥିଲେ। ସରକାରଙ୍କ ଏହି ପ୍ରସ୍ତାବକୁ କୃଷକ ସଙ୍ଗଠନଗୁଡ଼ିକ ପ୍ରତ୍ୟାଖ୍ୟାନ କରିଦେଇଥିବା ଭାରତ କିଷାନ ୟୁନିୟନ୍ ସଦସ୍ୟ ରୂପ ସିଂ ସନ୍‌ହା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସରକାର କୃଷି ଆଇନକୁ ନେଇ ନିଜ ଆଭିମୁଖ୍ୟରେ ଅଟଳ ରହିଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଉ। ଉକ୍ତ କମିଟି ଜରିଆରେ କୃଷକ ପ୍ରତିନିଧିମାନେ ସେମାନଙ୍କ ପ୍ରସ୍ତାବ ଦିଅନ୍ତୁ ବୋଲି କେନ୍ଦ୍ର ଚାହୁଁଛି। ଡିସେମ୍ବର ୩ରେ ଚାଷୀନେତା ଓ କେନ୍ଦ୍ର ମଧ୍ୟରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହେବ ବୋଲି ତୋମାର କହିଛନ୍ତି।

ବୈଠକକୁ ଦୃଷ୍ଟିରେ ରଖି କୃଷି ଭବନ ଅଞ୍ଚଳରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ତୋମାର ଓ ଗୋଏଲ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରି ରଣନୀତି ସ୍ଥିର କରିଥିଲେ।

## ଚାଷୀ ଆନ୍ଦୋଳନକୁ...

ନାନକ ଦେବଙ୍କ ୫୫୧ତମ ଜୟନ୍ତୀ ଅବସରରେ ଅନ୍‌ଲାଇନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆନ୍ଦୋଳନରତ ଚାଷୀଙ୍କ ସପକ୍ଷରେ କହିଥିଲେ, ଭାରତରେ ସ୍ଥିତି ଚିନ୍ତାଜନକ ରହିଛି। କାନାଡା ସବୁବେଳେ ଶାନ୍ତିପୂର୍ଣ୍ଣ ବିକ୍ଷୋଭର ଅଧିକାରକୁ ସମର୍ଥନ କରିବ। ସେହିପରି କାନାଡାର ଭାରତୀୟ ବଂଶୋଦ୍ଭବ ପ୍ରତିରକ୍ଷାମନ୍ତ୍ରୀ ହରଜିତ୍ ସଜ୍ଜନ ମଧ୍ୟ ଏହି ପ୍ରସଙ୍ଗରେ ଚିନ୍ତାବ୍ୟକ୍ତ କରିଥିଲେ। ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ କରୁଥିବା ଚାଷୀଙ୍କ ଉପରେ ନିର୍ମମ ବ୍ୟବହାର କରାଯାଉଥିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ରବିବାର ଟୁଇଟ୍ କରିଥିଲେ। କାନାଡାରେ ବହୁସଂଖ୍ୟକ ଭାରତୀୟ ଅଛନ୍ତି, ଯାହାଙ୍କ ମଧ୍ୟରୁ ଅଧିକାଂଶ ପଞ୍ଜାବର।

## ପୁଣି ନାଗାର୍ଜୁନ...

ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦୁଇଦିନ ପୂର୍ବରୁ ସିଂହଦ୍ୱାର ଥାନାରେ ମାମଲା ହୋଇଥିଲା। ଏବେ ପୁଣି ବେଶର ବିଭିନ୍ନ ଅଂଶ ବାହାରକୁ ଯାଉଥିବା ଅଭିଯୋଗ ପରେ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ତେବେ ଏହି ଫଟୋ କେଉଁଠି ଉଠାଯାଇଛି ତାହା ଜଣାପଡ଼ିନାହିଁ। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ, ନାଗାର୍ଜୁନ ବେଶରେ ଲାଗିହୋଇଥିବା ଅଂଶ ମ୍ୟୁଜିୟମ୍‌ରେ ଅଛି। ବେଶର ବିଭିନ୍ନ ଅଂଶ ଗାଏବ ନେଇ ଯେଉଁ ଅଭିଯୋଗ ଆସୁଛି ସେ ସଂକ୍ରାନ୍ତରେ ମନ୍ଦିର କମାଣ୍ଡରଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିଲେ ସବୁ ସ୍ପଷ୍ଟ ହୋଇଯିବ।

## ଶୁଭଶ୍ରୀ 'ଫେମିନା...

ରଖିଛନ୍ତି। ଏଥିସହ ସେ ମହିଳା ସଶକ୍ତୀକରଣ କ୍ଷେତ୍ରରେ କିଛି କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଶୁଭଶ୍ରୀ କହିଛନ୍ତି। କିଛିଦିନ ତଳେ ଅନୁଷ୍ଠିତ ଫେମିନା ମିସ୍ ଇଣ୍ଡିଆର ଓଡ଼ିଶା ଅଡିଶନ୍‌ରେ ଶୁଭଶ୍ରୀ ଅନ୍ୟ ୪ ପ୍ରତିଯୋଗୀଙ୍କ ସହ ଶ୍ରେଷ୍ଠ ବିବେଚିତ ହୋଇ ଇଷ୍ଟ ଜୋନ୍‌ରେ ଭାଗନେବାକୁ ମନୋନୀତ ହୋଇଥିଲେ। ଓଡ଼ିଶାରୁ ଶ୍ରେଷ୍ଠ ବିବେଚିତ ଅନ୍ୟ ୪ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରଣତି ଓଝା, ମେଘା ସାହୁ, ଶ୍ରୀୟା ରାଉତ ଏବଂ ଦୀକ୍ଷା ସିଂ ରହିଥିଲେ। ତେବେ ଶୁଭଶ୍ରୀ ୩୧ଟି ରାଜ୍ୟରୁ ଶ୍ରେଷ୍ଠ ବିବେଚିତ ଟପ୍–୩୧ ମଧ୍ୟରେ ରହିଥିବାବେଳେ ଏମାନଙ୍କୁ ନେଇ ଟପ୍–୧୫ ପାଇଁ ପ୍ରତିଯୋଗିତା ହେବ। ଏହାପରେ ମୁମ୍ବାଇରେ ପାରମ୍ପରିକ ଶୈଳୀରେ ଭିଏଲ୍‌ସିସି ଫେମିନା ମିସ୍ ଇଣ୍ଡିଆର ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବ୍ୟୟସ୍ଥ ମଙ୍ଗଳ ହେତୁ ଆପଣଙ୍କ ଦୈହିକ ଦୁର୍ବଳତା ସଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇବ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାରରେ ଅନ୍ୟକୁ ଆପଣାର କରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ ନେଇ ଝଗଡା ଲାଗିପାରେ।

**ବୃଷ**
ବୁଧ ଯୁକ୍ତ କେତୁ ପ୍ରଭାବରେ କଥାକୁ ଠିକ୍ ଭାବରେ ନ ବୁଝି କଳହ ଲାଗିପାରେ। ଅଫିସରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବେଶ୍ ଭଲରେ ଚାଲିଲେ ହେଁ କିଛି ସମସ୍ୟାର ଆଶଙ୍କା ରହିଛି।

**ମିଥୁନ**
ଶୁକ୍ରଙ୍କ ସ୍ଥିତିଜନିତ ଆଜି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ବିଜୟଲାଭ କରିବେ। ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା, ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ**
ରାହୁଯୁକ୍ତ ଚନ୍ଦ୍ର କାରଣରୁ ଆଜି ବନ୍ଧୁଙ୍କ ସହ ବିବାଦ ଓ ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପରିବାରରେ ପୂର୍ବ ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ନେବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ।

**ସିଂହ**
ଗୁରୁଶୌରୀ ଯୋଗ ପ୍ରଭାବରୁ ଧାର୍ମିକ କାର୍ଯ୍ୟ, ସତ୍‌ସଙ୍ଗ, ଦେବାର୍ଚ୍ଚନାରେ ମନ ବଳିବ। ବନ୍ଧୁଙ୍କ ସାହାଯ୍ୟ ଓ ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ମଧୁମୟ କରିବ। ସତ କଥା କହି ବିବାଦ ଘେରରେ ପଡି ପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ପ୍ରତି କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହର ସରବ୍ୟ ହେବେ। କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଅର୍ଥ କିମ୍ବା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହନ କ୍ଷେତ୍ରରେ ସୁଫଳ ପାଇବେ।

**ତୁଳା**
ଶୁକ୍ରଙ୍କ ସୁପ୍ରଭାବରୁ ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାର୍ଯ୍ୟରେ ସାହାଯ୍ୟ କରିବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ନିର୍ଦ୍ଦିଷ୍ଟ କାରଣ ନ ଥାଇ, କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ରହିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ବିରକ୍ତ ହୋଇପାରନ୍ତି।

**ବିଛା**
ଶନିଦୃଷ୍ଟ ମଙ୍ଗଳ ଯୋଗୁ ଯାହା ଖୋଜୁଛନ୍ତି ତାହା ଅବଶ୍ୟ ପାଇବେ । ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ନିଜେ ରହିବା ପରିସରରେ ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ**
କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ କଥା କାମକୁ ସହଜ କରିବ। ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ପାପଗ୍ରହଯୁକ୍ତ ବୁଧ ହେତୁ ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର**
ବନ୍ଧୁମାନଙ୍କ ସହ ଆଲୋଚନା ପରିସରରେ ଚୁପ୍ ରହିବାକୁ ବାଧ୍ୟ ହେବେ। ପରିବାରରେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହୋଇପାରନ୍ତି। କାଳେ ଦେବାକୁ ପଡ଼ିବ ସେଥିପାଇଁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଖୁସି ହୋଇପାରନ୍ତି।

**କୁମ୍ଭ**
ଆଜିର ଯାତ୍ରା, କାର୍ଯ୍ୟାରମ୍ଭ ଓ ଶୁଦ୍ଧଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। ସାମାନ୍ୟ କେତେକ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଶତଭିଷା ନକ୍ଷତ୍ର ଆଶା ପୂରଣ ହେବ, ଅର୍ଥ ପାଇବେ, କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**ମୀନ**
ଆଜି ରାହୁ ଓ ଚନ୍ଦ୍ର ଚତୁର୍ଥ ସ୍ଥାନରେ ଥିବାରୁ ଘରର ପରିବେଶ ଅଶାନ୍ତ ରହିବ। ରେବତୀ ନକ୍ଷତ୍ର ସଭାସମିତିରେ ମିଠା କଥା କହି ପରିସ୍ଥିତି ସମ୍ଭାଳି ନେବେ। ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଯୋଜନା ପ୍ରସ୍ତୁତ କରିପାରନ୍ତି। ବାକି ରହିଥିବା ଅର୍ଥ ଆଦାୟ ହେବ। ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ମାର୍ଗଶିର କୃଷ୍ଣ ଦ୍ୱିତୀୟା ବୁଧବାର, ଡିସେମ୍ବର ୨ ତାରିଖ, ରାଶି ନକ୍ଷତ୍ର–ମୃଗଶିରା/ମିଥୁନ, ଦିବା ଘ.୧୦।୩୭ମି. ଗତେ ଆର୍ଦ୍ରା, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୯ମି. ଗତେ ଘ.୦୬।୫୩ ମି. ମଧ୍ୟେ, ଘ.୦୭।୩୬ ମି. ଗତେ ଘ.୦୮।୨୦ମି. ମଧ୍ୟେ, ଘ.୧୦। ୩୦ମି. ଗତେ ଘ.୧୨।୪୧ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬।୫୩ ମି. ଗତେ ଘ. ୦୭।୩୬ମି. ମଧ୍ୟେ, ଘ.୦୧।୨୪ମି.ଗତେ ଘ.୦୩।୩୫ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday

0674-2580101, 2549302



MATRIMONIAL

**BRIDE WANTED**

Karan boy 1987 5'7" MSC Serving Bank Manager"Sunasansar". 9937512659. D-19079

Electrical Engineer ପାଇଁ ଭଦ୍ରକ, ବାଲେଶ୍ୱର ଜିଲ୍ଲାରୁ ଯୋଗ୍ୟ ସୁନ୍ଦର OBC ପାତ୍ରୀ ହୋଇଥିବା ଆବଶ୍ୟକ। 7978037485. D-19083

**Groom settled in Canada. Bengali Kayasha (40), 5'4", divorcee, Insurance Executive, seeks suitable bride willing to settle in Canada. Caste no bar. Mob: 9007591248.** D-69942

Karan Boy, 1986 M-Tech IIT Civil Service Class-1 Officer. 7377203805. D-19085

**GROOM WANTED**

**Age-27 private job କରୁଥିବା କରଣ ଜାତିର ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଆବଶ୍ୟକ। Contact: 7327034058.** D-69459

Miss Divya Jena, height 5'6'', DOB 1.1.93, fair complexion, birth time 0.36 AM (after midnight), khandayat, gotra-nagashya, B. Tech from SRM, Chennai & Management from XIMB, Bhubaneswar,working with ICICI Mumbai as Sr Manager, package 19 Lakh, Contact: 8455888912. D-19092

automobile

**SALE**

XYLO E-9 & Trekker in good running condition. Contact: 9437307570. D-70115

real estate

**SALE**

Book 4BHK individual duplex near Raghunathpur, Bhubaneswar, Price-79lakh. Contact: 7205645385. D-70040

**3BHK and 4BHK duplex houses under construction are sale at Mendhasal NH, just at 47lakh and 52lakh. Also land available inside the project at Rs. 1050 per sqft. Contact AMITA- 7978001726.** D-70035

Bhubaneswar ସୁନ୍ଦରପଦାରେ 1200sqft. ପ୍ଲଟକୁ 3,60,000/- ଦିଆଯାଉଛି (20 plot available), Lipsa- 9853150290. D-70116

Sai Vihar କଲୋନୀରେ ପିଚୁ ରୋଡ୍‌କୁ ଲାଗି **30'** ରାସ୍ତା ଘରବାରି, **boundary,** ଇଲେକ୍ଟ୍ରିସିଟି ଥାଇ ରଙ୍ଗବକାର, **BJEM-II** ନିକଟରେ **1500sqft. 6,75,000/-** ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। **9437522339.** D-70114

**Booking open for 3BHK luxurious & premium flat at Surya Nagar, Bhubaneswar, Genuine buyer contact- DEEPAK- 9937329999.** D-69939

ଭୁବନେଶ୍ୱର ଚନ୍ଦକାଛକରୁ **500mtr. near Nalanda** ଓ **BCST College** ପାଖରେ ଘର ଉପଯୋଗୀ **plot** ମିଳୁଛି। **Immediate registration/ possession. 8895492671, 9348870771.** D-70112

ଭୁବନେଶ୍ୱର ସୁନ୍ଦରପଦା **Indus Engineering College backside** ସ୍ଥିତିବାନ ପ୍ଲଟ **Sqft.299/-** ମିଳୁଅଛି। **7848882166.** D-70113

ଟଙ୍କପାଣି ରୋଡ୍ **Sai** ମନ୍ଦିରରୁ **2km** ମଧ୍ୟରେ **gharabari boundary plot** କିଣନ୍ତୁ। **7008492511.** D-69354

ଭୁବନେଶ୍ୱର **AIIMS Hospital** ନିକଟରେ **30'** ରାସ୍ତାଥାଇ **plot immediate registration/ possession. 9937819395.** D-70117

**PURCHASE**

LAND Requires for Plotting Project in Around, Bhubaneswar. 9937816565, 9937568585. D-19112

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

to-let

Space suitable for godowns, Nursing Home and Educational Institute with open area 2acres having boundary walls & Office at Old Industrial Estate, Jagatpur. Contact: 9437021279. D-19075

2BHK flat with parking at Lingipur, rent family Contact: 7894381416. D-59972

House at Nayapalli near DAV/Stewart School, family. 9438490107, 8895096862 D-69586

1600Sqft Ground Floor on Rent at Main Road, Rasulgarh, Bhubaneswar, for Office or Light Godown. Contact : 9777156770, 9437904071. D-19110

2BHK house Raghunathpur, Bhubaneswar infront of Lalchand Jewellers for residence, office. Contact: 7064423722, 7978809833. D-19108

healthcare

Refreshing your mind & body with best therapy at Lotus Spa. 8018234866 D-69584

Rejuvenate and Ayurvedic full body massage by smart therapist. 9348123330. D-70038

Get refreshment body massage by expert therapist contact for 7205084157. D-70036

Swarna SPA newly open positively health benefits with expert therapist. 9556978408. D-70034

Panchakarma, Acupressure, Magneto, Therapy @800 requirements lady therapist, 8763725072. D-19115

Herbal full body massage by expert lady therapist. 9437453813. D-69943

Newly open full body massage SPA in Bhubaneswar. Contact: 7205058838. D-70037

business

Required 30Nos. of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L. Call - 9439856856, 9776001000. D-19084

**LOST**

Loss of B-Tech Degree Certificate, issued by BPUT, Rourkela, bearing registration No (0701216306). It was lost on 30.11.2020 at Unit-1 Market, Bhubaneswar at about 4.PM. If anybody finds pleased Contact- Rohit Kumar Naik, 9945968010. D-19109

ମୁଁ ନୀଳାଚଳ ତ୍ରିପାଠୀ, ବୟସ ୫୩ ବର୍ଷ, ପିତା– ବାସୁଦେବ ତ୍ରିପାଠୀ, କଳାରାହାଙ୍ଗ ମୌଜାରେ ଗୋଟିଏ ଜାଗା କିଣିଛି। ଏହା ମୁଁ ଅନିଲ୍ କୁମାର ନରୁଲାଙ୍କଠାରୁ sale deed No- 11131102221, Dt- 22.02.2011ରେ କିଣିଅଛି। କିଣିବା ସମୟରେ ଅନିଲ୍ କୁମାର ନରୁଲା ତାଙ୍କ sale deed No- 79, Dt- 12.12.1994 ଏବଂ ପଟ୍ଟା ଯାହାର Khata No- 725/ 795କୁ ମୋତେ ଦେଇଥିଲେ। ମୁଁ ଜେରକ୍ସ କରିବା ସମୟରେ ଲକ୍ଷ୍ମୀସାଗରରେ ଏହାକୁ ହଜେଇ ଦେଇଛି। ମୁଁ କିମ୍ବା ମୋର ବିକ୍ରେତା ଏହାକୁ କୌଣସି ବ୍ୟାଙ୍କ କିମ୍ବା ଋଣ ଦେଇଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହୁଁ। ଯଦି ଏହା ମିଛ ପ୍ରମାଣିତ ହୁଏ ଆଇନ୍ ଅନୁଯାୟୀ ଦଣ୍ଡିତ ହେବୁ। ଧ–୧୯୧୧୪

**AFFIDAVIT**

I, Buddhadev Jena, age 18, S/o- Radhakrushna Jena, address Mahabala, Balasore, Odisha- 756024 changed my name as the Ayush Jena for all purposes. D-19116

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ରାଜ୍ୟରେ କମୁଛି କରୋନା କୋପ**

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟରେ କମୁଛି କରୋନାର କୋପ। ଦିନକୁ ଦିନ ହ୍ରାସ ପାଉଛି ଦୈନିକ ସଂକ୍ରମିତ ସଂଖ୍ୟା। ଗତ ୨୪ ଘଣ୍ଟାରେ ରାଜ୍ୟର ୨୭ ଜିଲ୍ଲାରୁ ୩୭୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୧୯ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ କରାଯାଇଥିବାବେଳେ ୧୫୯ ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳରୁ ୩୮, ଖୋର୍ଦ୍ଧାରୁ ୩୭, ସୁନ୍ଦରଗଡ଼ରୁ ୩୨ଜଣ ରହିଥିବା ବେଳେ ବାକି ସବୁ ଜିଲାରେ ସଂଖ୍ୟା ୩୦ ତଳକୁ ରହିଛି। ମାଲକାନଗିରି, ଦେବଗଡ଼ ଓ ସୋନପୁରରୁ ସର୍ବନିମ୍ନ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି।

# ସଂଘର୍ଷରୁ ସଫଳ: ଅଣଶ୍ୱେତାଙ୍ଗ ସିନେଟର୍

ଭରମୋଣ୍ଟ ଷ୍ଟେଟ୍ ଲେଜିସ୍‌ଲେଚରକୁ ପ୍ରଥମ ଭାରତୀୟ ବଂଶୋଦ୍ଭବ ତଥା ଅଣଶ୍ୱେତାଙ୍ଗ ମହିଳା ଭାବେ ନିର୍ବାଚିତ ହେବାରେ କେଶା ରାମ ଥିଲେ ଆମେରିକାର ସବୁଠୁ କମ୍ ବୟସର ଲେଜିସ୍‌ଲେଟର। ରାଜନୀତିରେ ଡେମୋକ୍ରାଟ ଦଳର ଏହି ନେତ୍ରୀଜଣଙ୍କ ତାଙ୍କ ଲକ୍ଷ୍ୟରେ ପହଞ୍ଚିବାକୁ ବହୁ ବାଧାବିଘ୍ନ ଅତିକ୍ରମ କରିଛନ୍ତି। ୩ ନଭେମ୍ବର ୨୦୨୦। ଏହି ଦିନଟି ତାଙ୍କ ପାଇଁ ସ୍ମରଣୀୟ, କାରଣ ସେ ଆମେରିକାର ଶ୍ୱେତାଙ୍ଗ ରାଜ୍ୟ ଭାବେ ଜଣାଶୁଣା ଭରମୋଣ୍ଟ ସିନେଟ୍‌କୁ ପ୍ରଥମ କୃଷ୍ଣକାୟ ମହିଳା ଭାବେ ନିର୍ବାଚିତ ହୋଇଛନ୍ତି। ଚିଟେଡେନ କାଉଣ୍ଟି ଷ୍ଟେଟ ପାଇଁ ଅନ୍ୟ ୫ଜଣ ଷ୍ଟେଟ୍ ସିନେଟରଙ୍କ ସହ ସାମିଲ ହୋଇଥିଲେ କେଶା। ଏହି ଜିଲାର ୬ଟି ସିଟ୍ ମଧ୍ୟରେ ୪୬,୫୦୪ ଭୋଟ ପାଇ ତୃତୀୟରେ ରହିଥିଲେ ବୋଲି ଭରମୋଣ୍ଟ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଇଲେକ୍‌ସନ ୱେବ୍‌ସାଇଟରେ ପୋଷ୍ଟ କରାଯାଇଥିବା ଫଳାଫଳରୁ ଏହା ଜଣାପଡିଥିଲା। ଜିଲାର ସମସ୍ତ ସିଟ୍ ଡେମୋକ୍ରାଟ ଓ ପ୍ରୋଗ୍ରେସିଭ ପାର୍ଟିର ପ୍ରାର୍ଥୀ ଜିତିଥିଲେ।

ୟୁନିଭର୍ସିଟି ଅଫ୍ ଭରମୋଣ୍ଟ ଏବଂ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରିଛନ୍ତି କେଶା। ପରେ ସମାଜ ବିଜ୍ଞାନୀ, ଲେଜିସ୍‌ଲେଚର, ନ୍ୟାୟିକ ପରାମର୍ଶଦାତା କ୍ୟାରିୟରରେ ବହୁ ଘାତପ୍ରତିଘାତ ସହିଛନ୍ତି। ପିଲାଦିନରୁ ସେ ଜନସେବା ପ୍ରତି ଆକୃଷ୍ଟ ହୋଇଥିଲେ ଯାହାକୁ ଏବେ ସେ ବାସ୍ତବ ରୂପ ଦେବାରେ ଲାଗିଛନ୍ତି। କେଶାଙ୍କ ପିତା ଜଣେ ଭାରତୀୟ ଓ ମା ଇହୁଦୀ-ଆମରେକୀୟ। ତାଙ୍କ ପିତା ପଞ୍ଜାବରୁ ଆମେରିକା ଯାଇଥିଲେ। ସେଠାରେ ଏକ ଆୟରିସ ପବ୍ ଖୋଲିଥିଲେ। ପିଲାଦିନେ ଯୁବପିଢି ଓ ପିଲାଙ୍କ ସହାୟତା ଲାଗି ଆୟୋଜିତ ବହୁ କାର୍ଯ୍ୟକ୍ରମରୁ କେଶା ଅନେକ କିଛି ଶିକ୍ଷା କରିଥିଲେ। ତାଙ୍କ ମାତା ପିତାଙ୍କର ବିଚ୍ଛେଦ ହେବା ପରେ ମାତା ତିନୋଟି ସନ୍ତାନଙ୍କ ଯତ୍ନ ନେଇଥିଲେ। ଏମିତିକି ପଢିବାବେଳେ ଅର୍ଥ ଅଭାବରୁ ସେ ଫ୍ରି ଲଞ୍ଚ ପ୍ରୋଗ୍ରାମରେ ସାମିଲ ହୋଇଥିଲେ। ତେବେ ତାଙ୍କର



ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା ୫ମ ଗ୍ରେଡ୍‌ରୁ। ସେ ଲସ୍‌ଏଞ୍ଜିଲ୍ସର ଏଲିମେଣ୍ଟାରୀ ସ୍କୁଲର ଛାତ୍ରସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେତେବେଳେ ସେ ସ୍କୁଲରେ ଘଟୁଥିବା ହିଂସା ଓ ସମସ୍ୟା ବିଷୟରେ ସ୍କୁଲ ବୋର୍ଡକୁ ଲିଖିତ ଅଭିଯୋଗ କରୁଥିଲେ। ୟୁନିଭର୍ସିଟି ଅଫ୍ ଭର୍‌ମୋଣ୍ଟରୁ ବିଜ୍ଞାନ(ନ୍ୟାଚୁରାଲ ରିସୋର୍ସେସ ପ୍ଲାନିଂ) ଓ କଳା(ରାଜନୀତି ବିଜ୍ଞାନ)ରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ସ୍କୁଲରେ ପଢୁଥିବାବେଳେ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ଇକୋଲୋଜିକାଲ କୋଅପରେଟିଭ୍‌ର ଜଣେ ସଦସ୍ୟ ରହିଥିଲେ। ପରବର୍ତ୍ତୀ କାଳରେ ଶିକ୍ଷା ଓ ଅଭିଜ୍ଞତା ତାଙ୍କୁ ତଥ୍ୟଭିତ୍ତିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଛି ବୋଲି କହନ୍ତି କେଶା।

ୟୁନିଭର୍ସିଟି ଅଫ୍ ଭର୍‌ମୋଣ୍ଟରୁ ଡିଗ୍ରୀ ହାସଲ କରିବା ପରେ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଭୌଗୋଳିକ ପାର୍ଥକ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହା ତାଙ୍କୁ କୋଭିଡ୍ ମହାମାରୀରେ ଲୋକମାନଙ୍କୁ ସମ୍ବଳ ଯୋଗାଇଦେବାରେ ସାହାଯ୍ୟ କରିଥିଲା, ଯାହା ବିଜୟ ହାସଲ କରିବାର ଏକ ଦିଗ ବୋଲି କୁହାଯାଇପାରେ। କେଶାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା ୨୦୧୫ରେ। ସେ କହିଛନ୍ତି ଯେ, ଲସଏଞ୍ଜିଲସରେ ଆୟରସ୍ ପବ ଚଳାଉଥିବା ସମୟରେ କମଳା ହାରିସ୍‌ଙ୍କ ପ୍ରତି ତାଙ୍କର ସମ୍ମାନ ରହିଥିଲା। ହାରିସଙ୍କ ପ୍ରତି ତାଙ୍କର ଯେଉଁ ସମ୍ମାନବୋଧ ଉଜାଗର ହୋଇଥିଲା, ତାହା କେବଳ ପିତାଙ୍କ ଯୋଗୁ ହୋଇଥିଲା ବୋଲି ସେ କହିଛନ୍ତି। ସେ ହାରିସଙ୍କ ଜଣେ ଦୃଢ ସମର୍ଥକ। କଳା-ଗୋରା ବିଭେଦର ଏକ ସ୍ୱର୍ଣକାତର ଜିଲା ଭରମୋଣ୍ଟରେ ରାଜନୀତିରେ ସେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ଭରମୋଣ୍ଟରେ ୯୪% ଗୋରା ରହୁଥିଲେ ବି ଚିଟେଡେନ କାଉଣ୍ଟି, ଯେଉଁଠୁ କେଶା ଜିତିଛନ୍ତି, ସେଠାରେ ଏମାନଙ୍କ ସଂଖ୍ୟା ୯୦.୩%। ଏତେ ସଂଖ୍ୟକ ଗୋରାଙ୍କ ମଧ୍ୟରେ ତାଙ୍କ ବିଜୟ କିଛି କମ୍ ନୁହେଁ। ୨୦୧୬ରେ ଡେମୋକ୍ରାଟ ଭାବେ ଲ୍ୟୁଟନାଣ୍ଟ ଗଭର୍ନର୍ ଦୌଡ଼ରେ ପଛରେ ରହିଯିବା ପରେ ରାଜନୀତିରୁ କିଛି ଦିନ ବିରାମ ନେଇଥିଲେ। ଏହି ସମୟ ତାଙ୍କର କଟିଥିଲା ହାର୍ଭାର୍ଡ କେନେଡି ସ୍କୁଲରେ। ଶିକ୍ଷା ଲାଭ କରିବା ସହ ଏ ସମ୍ପର୍କରେ ସେ ପୁନଃ ସମୀକ୍ଷା କରିଥିଲେ। ତେବେ ଜଣେ କୃଷ୍ଣକାୟ ମହିଳା ଭାବେ ଷ୍ଟେଟ୍ ଅଫିସକୁ ଯିବା ନିଶା ଏହି ନିର୍ବାଚନ ପରେ ଅଟକି ଯାଇ ନ ଥିଲା ତାଙ୍କର। ତାଙ୍କ ବିଜୟ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ତାଙ୍କ ପ୍ରତି ବହୁ ବ୍ୟକ୍ତିଙ୍କ ସକାରାତ୍ମକ ଚିନ୍ତାଧାରା ତାଙ୍କୁ ଆଗକୁ ଯିବାକୁ ଶକ୍ତି ଦେଇଥିବା ସ୍ୱୀକାର କରନ୍ତି କେଶା। ସେ କଠିନ ପରିଶ୍ରମ କରନ୍ତି। ଜୀବନରେ କିଛି ହରାଇଲେ ଭାଙ୍ଗି ନ ପଡି ପ୍ରତ୍ୟେକ ଆହ୍ୱାନକୁ ସାହସର ସହ ମୁକାବିଲା କରିପାରିଲେ ପୁଣି ତାହା ଫେରିଆସିବ ଓ ଜୀବନଟା ଆହୁରି ମଜଭୁତ ହେବ ବୋଲି ତାଙ୍କର ବିଶ୍ୱାସ। ଆଉ ଏହି ବିଶ୍ୱାସ ତାଙ୍କୁ ଆଗକୁ ବଢାଇଛି।

କେଶାଙ୍କ ପରିବାର ତଥା ଦଳ ଏହି ବିଜୟରେ ସମ୍ପୂର୍ଣ୍ଣ ଆନନ୍ଦିତ। ସେ ଭଲ ଗୀତ ଗାଆନ୍ତି। ତାଙ୍କ ଆଈମା ସବୁବେଳେ ତାଙ୍କୁ ଜଣେ ଗାୟିକା ହେବାକୁ କହୁଥିଲେ, କିନ୍ତୁ ସେ ପାଲଟିଗଲେ ଜଣେ ନେତ୍ରୀ। ରାଜନୀତିରେ ଆଜି ଯାହା ସେ ହୋଇଛନ୍ତି,ଏହା ପଛରେ ତାଙ୍କ ଆଈମାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହନ୍ତି। ଏହା ସହ ଏହାର ଶ୍ରେୟ ତାଙ୍କ ପିତାଙ୍କୁ ଦେଇଛନ୍ତି। କେଶା କହନ୍ତି,ଜଣେ ଭଲ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ତାଙ୍କ ପିତାଙ୍କ କଠିନ ପରିଶ୍ରମ ସଦା ସ୍ମରଣୀୟ।

# ଓଏମ୍‌ସି ଗ୍ରାହକ ପରିଚାଳନା ସେବା ଶୁଭାରମ୍ଭ

ଭୁବନେଶ୍ୱର,୧।୧୨(ବ୍ୟୁରୋ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଓଏମ୍‌ସି ଗ୍ରାହକ ପରିଚାଳନା ସେବା ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନଫରେନ୍ସ ଜରିଆରେ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଗ୍ରାହକ ସମନ୍ୱିତ ପରିଚାଳନା ସେବା(ସିଆଇଏମ୍‌ଏସ୍) ଏବଂ ଷ୍ଟକ୍‌ୟାର୍ଡ ପରିଚାଳନା ବ୍ୟବସ୍ଥା(ଏସ୍‌ଏମ୍‌ଏସ୍)ର ଶୁଭାରମ୍ଭ କରିଛନ୍ତି। ବର୍ତ୍ତମାନ ଓଏମ୍‌ସି ଦେଶର ଦ୍ରୁତ ଅଭିବୃଦ୍ଧି ସାଧାରଣ ଉଦ୍ୟୋଗ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଏମ୍‌ସି ଗରାଖ କୈନ୍ଦ୍ରିକ ଲକ୍ଷ୍ୟ ଏବଂ ସମନ୍ୱିତ ଷ୍ଟକ୍‌ୟାର୍ଡ ପରିଚାଳନା ଉପରେ ଗୁରୁତ୍ୱ ଦେଉଛି।

ଏହି ଦୁଇଟି ଆପ୍ଲିକେଶନ ଜରିଆରେ ବିକ୍ରି ପ୍ରକ୍ରିୟା ସ୍ୱଚ୍ଛତା ଓ ଦକ୍ଷତାର ସହ ଖଣିଜ ପ୍ରେରଣ ପରିଚାଳନା ୫-ଟି ପ୍ରକ୍ରିୟା ଅଧୀନରେ ହୋଇପାରିବ। ଏହି ପ୍ରକଳ୍ପ ଦ୍ୱୟର କାର୍ଯ୍ୟକାରିତା ଓଏମ୍‌ସି ଅନ୍‌ଲାଇନ ବିକ୍ରୟ ତଥା ଖଣିଜ ପ୍ରେରଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି।

ଓଏମ୍‌ସିକୁ ରାଜ୍ୟର ଏକ ସର୍ବୋତ୍କୃଷ୍ଟ କମ୍ପାନୀ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ୬ ଦଶନ୍ଧି ଧରି ଏହି ଉଦ୍ୟୋଗ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସିଛି। କରୋନା ମହାମାରୀ ସମୟରେ ଓଏମ୍‌ସିର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଏବଂ ବିଭିନ୍ନ ପ୍ରକାର ଜନକଲ୍ୟାଣ କ୍ଷେତ୍ର ପାଇଁ ଗରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଆହାର, ଆଦର୍ଶ ବିଦ୍ୟାଳୟ, କ୍ରୀଡା କ୍ଷେତ୍ରକୁ ସହାୟତା ଦେଇ ଓଏମ୍‌ସିର ସାମାଜିକ ଉତ୍ତରଦାୟିତ୍ୱ ପାଳନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଜଙ୍ଗଲ ସଂରକ୍ଷଣ ଏବଂ ଖଣି କ୍ଷେତ୍ର ପ୍ରତି ଥିବା ଉଦ୍ୟମ ଯୋଗୁ ଆଇବିଏମ୍ କ୍ଷେତ୍ରରେ ଓଏମ୍‌ସି ୫ ଷ୍ଟାର ର୍‍ୟାଙ୍କରେ ରହିଛି। ଓଡ଼ିଶାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସାମାଜିକ ପ୍ରତିବଦ୍ଧତା, ପରିବେଶ ସମ୍ବେଦନଶୀଳ, ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ନାମ କମାଇ ଦେଶର ଏକ ସୁନାମଧନ୍ୟ ଉଦ୍ୟୋଗ ମାନ୍ୟତା ଲାଭ କରୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଓଏମ୍‌ସି ପ୍ରତିଶ୍ରୁତିବଦ୍ଧ। ବିଭାଗୀୟ ସଚିବ ସୁରେନ୍ଦ୍ର କୁମାର ଓଏମ୍‌ସିର ଲକ୍ଷ୍ୟ ଓ ବର୍ତ୍ତମାନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ସ୍ୱାଗତ ଭାଷଣ ଦେବା ସହ ଓଏମ୍‌ସି ଦ୍ୱାରା ନିଆଯାଇଥିବା ନୂତନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିବା ଦୁଇଟି ନୂଆ ଆପ୍ଲିକେଶନ ଉପରେ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା। ଓଏମ୍‌ସିର ଡାଇରେକ୍ଟର ଫାଇନାନ୍ସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ (୫-ଟି) ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**■ ଦୈତାରି ଲୁହାପଥର ଖଣିର ବାଲିପାହାଡ଼ ଷ୍ଟକ୍‌ୟାର୍ଡରେ ସ୍ଥାପନ ହେବ ଏସ୍‌ଏମ୍‌ଏସ୍**

**■ ଓଏମ୍‌ସିର ସାମାଜିକ ଉତ୍ତରଦାୟିତ୍ୱ ପାଳନକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ**

ସିଆଇଏମ୍‌ଏସ୍ ଜରିଆରେ ଗ୍ରାହକମାନେ ସ୍ୱତନ୍ତ୍ର ଡ୍ୟାସ୍‌ବୋର୍ଡ ଜରିଆରେ ପଞ୍ଜୀକରଣ, ମୂଲ୍ୟାୟନ ଆଦେଶ ଏବଂ ଷ୍ଟକ୍ ବିଷୟରେ ସାପ୍ତାହିକ ସୂଚନା ପାଇ ପାରିବେ। ଏଥିସହିତ ଡେସ୍‌ପାଚ ରିପୋର୍ଟ, ଅର୍ଡର ଷ୍ଟାଟସ, ଅଞ୍ଚଳ ଅନୁଯାୟୀ ସମୁଦାୟ ବିକ୍ରି, ଅଭିଯୋଗ ସ୍ଥିତି ଏବଂ ଖଣିଜ ପଦାର୍ଥ ଅନୁଯାୟୀ ଡେସ୍‌ପାଚ ଇତିହାସ ପାଇ ପାରିବେ। ଏସ୍‌ଏମ୍‌ଏସ୍ ଓଏମ୍‌ସିର ଦୈତାରି ଲୁହପଥର ଖଣିରେ ଥିବା ବାଲିପାହାଡ଼ ଷ୍ଟକ୍‌ୟାର୍ଡ ପରିଚାଳନା ପଦ୍ଧତିରେ ପ୍ରୟୋଗ ହେବ। ଓଜନ ବ୍ରିଜ୍, ପରିବହନ ସୂଚୀ, ଡିଜିଟାଲ ଚିହ୍ନଟୀକରଣ, ପାର୍କିଂ ପରିଚାଳନା, ଓଜନର ସ୍ୱୟଂକ୍ରିୟତା, ପ୍ରକୃତ ଧାର୍ଯ୍ୟ ସମୟ ମଧ୍ୟରେ ରିପୋର୍ଟ ଇତ୍ୟାଦିର ସୁବିଧା ଏହି ପ୍ରଣାଳୀର ମୁଖ୍ୟ ଉପାଦାନରେ ରହିବ। ଗତ କିଛିବର୍ଷ ଧରି ଓଏମ୍‌ସି ଖଣିଜ ପଥର ଉତ୍ତୋଳନ ଓ ବିକ୍ରୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଆସୁଛି। ଆଗାମୀ ଦିନରେ ବର୍ଷକୁ ୨୦ ନିୟୁତରୁ ଊର୍ଦ୍ଧ୍ୱ ଲୁହାପଥର ଉତ୍ତୋଳନ ପାଇଁ ଏହା ଲକ୍ଷ୍ୟ ରଖିଛି। ଖଣ୍ଡେଲାଇଟ ଖଣି ପାଇଁ ଅନୁମତି ମିଳିଛି। ଓଏମ୍‌ସି ଖୁବ୍‌ଶୀଘ୍ର ଉତ୍ପାଦନ ଆରମ୍ଭ କରିବ ବୋଲି ଜଣାପଡିଛି।

# ଦାୟିତ୍ୱ ନେଲେ ଜଷ୍ଟିସ୍ ବି.କେ. ପଟେଲ

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ଜଷ୍ଟିସ ବିଜୟ କ୍ରିଷ୍ଣ ପଟେଲ ମଙ୍ଗଳବାର ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍ଆରସି)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଏକ କମିଟି ରାଜ୍ୟପାଳ ଗଣେଶୀ ଲାଲଙ୍କ ନିକଟରେ ଜଷ୍ଟିସ୍ ପଟେଲଙ୍କ ନାମ ସୁପାରିସ କରିଥିଲେ। ଏଥିରେ ରାଜ୍ୟପାଳ ଗଣେଶୀ ଲାଲ ଅନୁମୋଦନ ଦେବା ପରେ ଶୁକ୍ରବାର ଜଷ୍ଟିସ ପଟେଲଙ୍କୁ ଓଏଚ୍ଆରସି ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା। ଜଷ୍ଟିସ୍ ବି.ପି. ଦାସଙ୍କ ପରେ ଓଡ଼ିଶା ମାନବାଧିକାର ଆୟୋଗ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା।



❝ ଆଧ୍ୟାତ୍ମିକ ଦୃଷ୍ଟିରୁ ଦେଖିଲେ– ଗୋଟିଏ ଦେଶର ଗୁରୁତ୍ୱ ବା ମହତ୍ତ୍ୱ ତା'ର ଆକାର କିମ୍ବା ଅନ୍ୟ ଦେଶଗୁଡିକ ଉପରେ ପ୍ରଭୁତ୍ୱ ଉପରେ ନିର୍ଭର କରେ ନାହିଁ। ଏହା ନିର୍ଭର କରେ– ସେ ଦେଶ କେତେଦୂର ସତ୍ୟ ଆଡକୁ ଉନ୍ମୁଖ ଓ ତା'ର ସତ୍ୟ ପ୍ରକାଶ କରିବାର ସକ୍ଷମ ଉପରେ। –ଶ୍ରୀମା

# ଏବେ ଟାର୍ଗେଟ୍ କିଏ

ଯେଉଁ ମାନସିକତାରେ ଭାଜପା ନେତାମାନେ ଶାସନ କରିଆସୁଥିଲେ, ସେଥିରେ ପ୍ରଥମ ଟାର୍ଗେଟ୍ ଭାବେ ଭାରତର ମୁସଲମାନ ସମ୍ପ୍ରଦାୟକୁ ବୁଝାଯାଉଥିଲା। ମୁସଲମାନ ସମେତ ଅନ୍ୟ ସଂଖ୍ୟାଲଘୁ ଏବଂ ବିଶେଷକରି ହିନ୍ଦୁ ଧର୍ମର ଦଳିତମାନଙ୍କ ପ୍ରତି ଘୃଣା ଏହି ଶାସନ ବ୍ୟବସ୍ଥାର ମୂଳମନ୍ତ୍ର ହୋଇଥିଲା। ସେଥିପାଇଁ ପାକିସ୍ତାନ ରହିଆସିଛି ମୁଖ୍ୟ ଶତ୍ରୁ, ଯେତେବେଳେ କି ସେହି ଦେଶର ପ୍ରଶାସନ ଓ ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ ହୋଇଗଲାଣି। ଭାରତରେ ହିନ୍ଦୁତ୍ୱ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ନାଗରିକ ସବୁ ଜାଣିଥିବା ସତ୍ତ୍ୱେ ପାକିସ୍ତାନକୁ ଏକ ପିମ୍ପୁଡ଼ି ଭାବେ ସ୍ୱୀକାର କରିବାକୁ ଅନିଚ୍ଛୁକ। ଏବେ ସେହି ପରିସ୍ଥିତିରେ ପରିବର୍ତ୍ତନ ଆସିଯାଇଛି। ପାକିସ୍ତାନ ପରିବର୍ତ୍ତେ ହଠାତ୍ ଚାଇନା ହୋଇଯାଇଛି ମୁଖ୍ୟ ଶତ୍ରୁ। ତାହା ସହିତ ନେପାଳଠାରୁ ଆରମ୍ଭ କରି ଶ୍ରୀଲଙ୍କା ପର୍ଯ୍ୟନ୍ତ ସବୁ ପଡ଼ୋଶୀ ରାଷ୍ଟ୍ର ମିଶିଗଲେଣି। ଚାଇନା ଏକ ଜଣାଶୁଣା ମୁସଲମାନ ବିରୋଧୀ ଦେଶ। ସେଠାକାର ଉଇଘୁର ମୁସଲମାନ ସମ୍ପ୍ରଦାୟକୁ ଯେଉଁଭଳି ବେଜିଂ ଦମନ କରିଚାଲିଛି, ସେହିଭଳି ଅତ୍ୟାଚାର ଅନ୍ୟ କେଉଁଠି ଦେଖିବାକୁ ମିଳିନାହିଁ। ଭାଜପା ସହିତ ଥିବା ଥିଙ୍କ୍‌ଟ୍ୟାଙ୍କ ବା ବୁଦ୍ଧିଜୀବୀଙ୍କ ମୁଣ୍ଡ ଚାଇନାର ଏହି ଭାରତ ବିରୋଧୀ ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବୁଝିବାରେ ଅସମର୍ଥ। ସେଥିପାଇଁ ନୂଆଦିଲ୍ଲୀର ବହିର୍ବ୍ୟାପାର ନୀତି ଏବେ ଭୁଶୁଡ଼ିବା ମନେହେଉଛି।

ସେହିଭଳି ଦେଶ ଭିତରକୁ ଦେଖିଲେ, ବିରୋଧୀଙ୍କୁ ସବୁବେଳେ ଗାନ୍ଧୀ ପରିବାରର ଗୋଡ଼ାଣିଆ ଆଖ୍ୟାଦେଇ ହାଲୁକା ଭାବେ ଉଡ଼େଇ ଦିଆଯାଇଥିଲା। କୃଷିନୀତିରେ କୃଷକମାରଣ ଦିଗକୁ ବୁଝିପାରୁଥିବା ଚାଷୀମାନେ ଯେଉଁ ବିପ୍ଲବ ଆରମ୍ଭ କଲେଣି, ସେଥିରେ କଂଗ୍ରେସ ବା ଗାନ୍ଧୀ ପରିବାରର ଗୁରୁତ୍ୱ ଥିଲାଭଳି ଦିଶୁନାହିଁ। ପଞ୍ଜାବର ଚାଷୀଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରେନ୍ଦ୍ର ସିଂଙ୍କ ସାଙ୍ଗରେ ଯୋଡ଼ିଦେବା ହୋଇଛି ଏକ ତ୍ରୁଟି। ଚାଷୀ ଆନ୍ଦୋଳନରେ କୌଣସି ନେତା ନାହାନ୍ତି। ଯଦି କୌଣସି ଆନ୍ଦୋଳନକାରୀ ଭଲ ଇଂଲିଶ୍‌ରେ ନିଜର ପକ୍ଷ ରଖୁଛନ୍ତି, ତେବେ କୁହାଯାଉଛି ଯେ, ବାସ୍ତବ ଚାଷୀ ହୋଇଥିଲେ ଏଭଳି ଇଂଲିଶ୍ କହିପାରିନଥାନ୍ତେ। ଓଡ଼ିଶା ଭଳି ରାଜ୍ୟରେ ହୁଏତ ଏହି ମତ ସ୍ୱୀକାରଯୋଗ୍ୟ ହୋଇପାରେ। କାରଣ ଏଠାରେ ବଡ଼ ଓ ଧନୀ ଚାଷୀ ନାହାନ୍ତି। ପଞ୍ଜାବ, ହରିୟାଣା, ତାମିଲନାଡୁ, କର୍ନାଟକ ଏପରିକି ମହାରାଷ୍ଟ୍ରରେ ଚାଷୀମାନେ ଅତ୍ୟନ୍ତ ସଚେତନ, ଧନୀ ଏବଂ ସେମାନଙ୍କ ନୂତନ ପିଢ଼ି ଉଚ୍ଚଶିକ୍ଷିତ। ଉତ୍ତର ଭାରତର ଅନେକ କୃଷକ ପରିବାରର ପିଲା ବିଦେଶରୁ ପାଠପଢ଼ି ଆସି ଚାଷରେ ନିୟୋଜିତ ହୋଇଛନ୍ତି। ସେହି ବଡ଼ଚାଷୀମାନେ ଚାଷର ବ୍ୟବସାୟିକ ଦିଗକୁ ଭଲଭାବେ ବୁଝିଥିବାରୁ ଭାଜପାର କୃଷିନୀତିକୁ ବିରୋଧ କରୁଛନ୍ତି।

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ୩ଟି କୃଷି ବିଲ୍ ଗୃହୀତ ହେବା ପରେ ୨୭ ସେପ୍ଟେମ୍ବର ୨୦୨୦ରେ ରାଷ୍ଟ୍ରପତି ତାହାକୁ ଅନୁମୋଦନ କରିଥିଲେ। ବିଲ୍‌କୁ ନେଇ ପାର୍ଲାମେଣ୍ଟରେ ଘମାଘୋଟ ଲଢ଼େଇ ଚାଲିଥିଲା। ଏପରି କି ଏନ୍‌ଡିଏ ସରକାରରେ ସହଯୋଗୀ ଥିବା ଶିରୋମଣି ଅକାଳୀ ଦଳ (ଏସ୍ଏଡି) ବିଲ୍‌ରେ ଥିବା ବିବାଦୀୟ ଅଂଶକୁ ବିରୋଧ କରି ସମ୍ପର୍କ ଛିନ୍ନ କରିଥିଲା। ପଞ୍ଜାବ ଓ ହରିୟାଣା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଚାଷୀମାନେ କୃଷି ଆଇନ ବିରୋଧରେ ଦୀର୍ଘଦିନ ହେବ ବିକ୍ଷୋଭ କରିବା ପରେ ୬ ଦିନ ହେବ ରାଜଧାନୀ ଦିଲ୍ଲୀରେ ଡେରା ପକାଇଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଓ ମଣ୍ଡି ବ୍ୟବସ୍ଥା ବନ୍ଦ କରାଯାଇ ନାହିଁ ବୋଲି ସରକାର ସଫେଇ ଦେଉଥିଲେ ମଧ୍ୟ ବିକ୍ଷୋଭକାରୀମାନେ ଉକ୍ତ ଆଇନ ପ୍ରତ୍ୟାହାର ଦାବିରେ ଅଡ଼ି ବସିଛନ୍ତି। ୩୦ ନଭେମ୍ବରରେ ଆନ୍ଦୋଳନରତ କୃଷକମାନେ ନରେନ୍ଦ୍ର ମୋଦି ସରକାର ସାମ୍ପ୍ରଦାୟିକ, ଫାସୀବାଦୀ ତଥା ଏକଚ୍ଛତ୍ରବାଦୀ ବୋଲି ଅଭିହିତ କରିଥିଲେ। ଏହା ପରେ ୧ ଡିସେମ୍ବରରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ଏବଂ ସୋମ୍ ପ୍ରକାଶ କୃଷକ ସଙ୍ଗଠନ ସହ ଆଲୋଚନା କରିବାକୁ ବାଧ୍ୟ ହୋଇଥିଲେ। ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀମାନେ କୃଷକ ନେତାମାନଙ୍କୁ ଏମ୍ଏସ୍‌ପି ଏବଂ ମଣ୍ଡି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏହାସହ ନୂଆ କୃଷି ଆଇନ ସମ୍ପର୍କରେ ଅଧିକ ଆଲୋଚନା ପାଇଁ ୪/୫ ଜଣ କୃଷକ ପ୍ରତିନିଧିଙ୍କ ନାମ ପ୍ରସ୍ତାବ ଦେବାକୁ କହିଛନ୍ତି। ଶେଷରେ ବୈଠକ ଅନିର୍ଣ୍ଣାୟକ ହୋଇଛି। ଏହିଭଳି ବିକ୍ଷୋଭ ଓ ଆଲୋଚନା ମନେପକାଉଛି ଉପା–୨ ସରକାର ସମୟରେ ଲୋକପାଳ ଦାବିରେ ହୋଇଥିବା ଆନ୍ନା ହାଜାରେଙ୍କ ପ୍ରତିବାଦ ଓ ତା'ର ସମାଧାନ ପାଇଁ ତତ୍କାଳୀନ ମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ନେତୃତ୍ୱରେ ବୈଠକ।

ଏଥିରୁ ବୁଝାପଡୁଛି, କୃଷକଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ ହୋଇଛନ୍ତି। ଭିତିରି କଥା ହେଉଛି କୃଷିକୁ ସମ୍ପୂର୍ଣ୍ଣ ଭାବେ କର୍ପୋରେଟ୍ ହାତରେ ଟେକିଦେବାକୁ ସରକାର ଯେଉଁ ଫନ୍ଦିଫିକର କରିଥିଲେ, ସେହି ବିଷୟ ସାଧାରଣରେ ପ୍ରକାଶ ପାଇଯାଇଛି। ଯେତେବେଳେ ବଡ଼ କମ୍ପାନୀ ହାତକୁ ଚାଷଜମି ଚାଲିଯିବ, ସେତେବେଳେ ଚାଷୀମାନେ ଚାପି ହୋଇଯିବେ।

ଆଜିର କ୍ଷମତାସୀନ ଦଳ ଏକ ନୂଆ ଓ ଭିନ୍ନ ପ୍ରକାରର ଭାରତ ସୃଷ୍ଟି କରିବା ପାଇଁ ଘୋଷଣା କରି ନିର୍ବାଚନ ଜିତିଥିଲେ। ଜନସାଧାରଣଙ୍କ ଆଶା ଓ ବିଶ୍ୱାସ ଥିଲା ଯେ ଦୀର୍ଘକାଳ ଶାସନ କରି କଂଗ୍ରେସ ଯେଉଁ ପ୍ରକାର ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣକୁ ପ୍ରୋତ୍ସାହନ ଦେଇଥିଲା, ସେଥିରେ ପରିବର୍ତ୍ତନ ଆସିବ। କିନ୍ତୁ କ୍ଷୁଦ୍ର ଚିନ୍ତାଧାରାରେ ସୀମିତ ଏବଂ ଗୋପନୀୟ ଏଜେଣ୍ଡା ବା କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରାଇବାକୁ ଯାଇ ଜାତୀୟ ଅର୍ଥନୀତି ଏବଂ ଦେଶର ମୂଳପିଣ୍ଡ କୃଷିକୁ ଘୋର କ୍ଷତି ପହଞ୍ଚାଇଲେଣି। ଧର୍ମର ଦୁହାଇ ଦେଇ ପେଟ ପୂରାଇବା ଅସମ୍ଭବ। ଏବେ କୃଷକଙ୍କ ବିରୋଧରେ ଯାଇ ପୋଲିସକୁ ଯେଉଁଭଳି ବ୍ୟବହାର କରାଯାଉଛି, ସେତେବେଳେ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିଷାନ' ଧ୍ୱନି ମନେପଡୁଛି। ଏବେ ସେହି କିଷାନ ବା କୃଷକଙ୍କ ବିରୋଧରେ ଠିଆ ହୋଇଛନ୍ତି ଯବାନ ବା ପୋଲିସ। ସେଥିପାଇଁ ପ୍ରଶ୍ନ ହୋଇପାରେ ଏବେ ଟାର୍ଗେଟ୍ କିଏ ?

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 8 | | 4 | | | | | | | | A | 7 | 9 |
| | | | B | | A | | | | | 2 | C | | 5 | |
| | | | | 9 | | | 3 | | | 4 | | B | | E |
| | | A | | | | | 8 | 6 | 9 | 0 | | | | D |
| 1 | | | | | 0 | | | E | | D | 8 | 4 | | |
| | C | | | | | 5 | | 4 | | | D | | | 1 |
| | | | | | | | | | 7 | 9 | 4 | | D | 3 |
| | | 0 | | 2 | | 7 | | C | | A | | 9 | B | |
| | | | | | | 9 | | A | | 5 | | 8 | E | |
| | | | | 6 | 8 | | | D | | | E | 7 | | 0 |
| | | | 3 | | | | 5 | 2 | | | 9 | C | 1 | B |
| | | 9 | C | D | | | | | | 7 | 0 | | 2 | |
| 4 | | | | 1 | | | 9 | | 3 | | | | | |
| | 8 | | A | | 5 | | | | D | B | | | | |
| E | D | | | B | 4 | | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | 4 | 9 | B | 2 | 7 | E | 8 | 6 | 1 | C | A | D | 5 |
| 5 | B | 9 | 4 | D | 0 | 6 | 1 | 2 | 7 | 8 | A | C | E | 3 |
| 2 | A | 1 | 8 | 5 | E | 0 | C | 3 | B | 4 | D | 6 | 9 | 7 |
| C | 8 | D | 3 | 6 | 7 | 4 | A | 5 | 9 | 0 | E | 1 | B | 2 |
| 6 | E | 7 | A | 1 | C | B | D | 9 | 2 | 5 | 3 | 0 | 8 | 4 |
| 8 | 4 | 5 | 6 | E | A | 2 | 9 | C | 0 | 7 | B | 3 | 1 | D |
| 0 | D | B | 1 | 9 | 5 | 3 | 8 | 6 | E | C | 4 | 7 | 2 | A |
| 9 | 1 | 6 | B | C | 4 | D | 7 | A | 5 | 3 | 2 | 8 | 0 | E |
| A | 2 | C | D | 7 | 3 | E | 0 | 1 | 8 | 6 | 9 | 5 | 4 | B |
| E | 7 | 3 | 2 | 0 | 8 | 5 | B | 4 | A | D | 1 | 9 | C | 6 |
| B | C | 8 | E | 3 | 1 | A | 5 | 0 | D | 2 | 6 | 4 | 7 | 9 |
| 7 | 6 | 0 | 5 | 4 | 9 | C | 2 | D | 3 | B | 8 | E | A | 1 |
| 1 | 3 | 2 | 7 | A | D | 8 | 4 | E | C | 9 | 5 | B | 6 | 0 |
| 4 | 5 | A | C | 2 | B | 9 | 6 | 7 | 1 | E | 0 | D | 3 | 8 |
| D | 9 | E | 0 | 8 | 6 | 1 | 3 | B | 4 | A | 7 | 2 | 5 | C |

ଗତକାଲିର ଉତ୍ତର

# ସରକାରଙ୍କ ପାଇଁ ଆହୁତି



ସହଦେବ ସାହୁ

ନିଜର ଭଲ ପାଇଁ ଠାକୁରଙ୍କୁ ସକ୍ରିୟ କରିବା ଅର୍ଥରେ ଯଜ୍ଞରେ ଘିଅ ଆହୁତି ଦିଆଯାଏ। ସେହି ନଜିରରେ ନିଜର ଦାବିକୁ ଭଲଭାବେ ବିଚାର କରିବା ପାଇଁ ସରକାରକୁ ସକ୍ରିୟ କରିବା ଉଦ୍ଦେଶ୍ୟରେ ଶରୀରକୁ ଆହୁତି ଦିଆଯାଉଛି। ଆହୁତିର ଅନ୍ୟ ଅର୍ଥ ଆହ୍ୱାନ। ଆଗରୁ ଚାଷୀ ଆତ୍ମହତ୍ୟା ଏତେ ଘଟିଛି, ତାକୁ ଆତ୍ମାହୁତି କୁହାଯାଇନାହିଁ, କାରଣ ୨୦୧୮ ମେ ୨୯ ପୂର୍ବରୁ ୧୮୬୦ର ଭାରତୀୟ ପିଙ୍ଗଳ ସଂହିତାର ୩୦୯ ଧାରା ଆତ୍ମହତ୍ୟା ଉଦ୍ୟମକୁ ଏକ ଦଣ୍ଡନୀୟ ଅପରାଧ ଧରିଥିଲା। ମରିବାକୁ ଯାଉଥିବା ଲୋକକୁ କିଏ ମରଣମୁହଁରୁ ରୋକିଦେଲା ମାନେ ଲୋକଟିକୁ ବର୍ଷେଯାଏ ଜେଲ୍ ହୋଇପାରୁଥିଲା। ୨୦୧୭ରେ ମେଣ୍ଟାଲ୍ ହେଲ୍‌ଥ ଆକ୍ଟ ପାରିତ ହେଲା, ତାହା ପିଙ୍ଗଳ କୋଡ୍‌ର ୩୦୯ ଧାରାକୁ ଚୁପ୍ କରିଦେଲା। ଲେଖାହୋଇଗଲା ଯେ ଆତ୍ମହତ୍ୟା ଉଦ୍ୟମ କରୁଥିବା ମଣିଷଟି ପ୍ରବଳ ମାନସିକ ଚାପରେ ଅଛି ବୋଲି ଧରିନିଆଯିବ ଏବଂ ତାହାର ଯଥାବିଧି ଚିକିତ୍ସା କରାଯିବ। ତେଣୁ ଅପରାଧ ନ ହୋଇ ଏକ ସ୍ୱାସ୍ଥ୍ୟସମସ୍ୟା ହୋଇଗଲା। ଆତ୍ମହତ୍ୟା ଉଦ୍ୟମକୁ ଆତ୍ମାହୁତି କୁହାଯାଉଛି। ଯେତେବେଳେ ସରକାରୀ ଅବହେଳା ବଞ୍ଚିରହିବାକୁ ଅସହ୍ୟ କରିଦିଏ ସେତେବେଳେ ବ୍ୟକ୍ତିଟି ଭାବିନିଏ, ଶରୀରଟାକୁ ସରକାର–ସମ୍ମୁଖରେ ଆହୁତିରେ ପକାଇଦେବା ଭଲ ହେବ। ସରକାର ଠାକୁର ହେଲେ ବିଧାନସଭା ତ ତାଙ୍କ ମନ୍ଦିର। ଆଉ କେଉଁଠି ଆହୁତି ଦେଲେ କେହି ରୋକିବେ ନାହିଁ, ବରଂ ମୃତ୍ୟୁକୁ ଅନ୍‌ନାଚୁରାଲ୍ ଡେଥ୍ କହିବେ। ସରକାର ଯେ ଏ ପ୍ରକାରର ମୃତ୍ୟୁର ଆବେଟର୍ (ପ୍ରରୋଚକ) ତେଣୁ ଆଇପିସି ଅନୁଯାୟୀ ଦଣ୍ଡନୀୟ– ସେ କଥା ନ୍ୟାୟାଳୟମାନେ କହୁନାହାନ୍ତି ବୋଲି ସରକାରୀ ଅବହେଳା ବଢ଼ିଚାଲିଛି। ଯଦି ସରକାରୀ ଅଧିକାରୀ ନ ଶୁଣନ୍ତି ଏବଂ ପୀଡ଼ିତ ବ୍ୟକ୍ତି ଭୁବନେଶ୍ୱର ଆସିପାରୁନାହିଁ ସେ ଭାବିବ (ତା' ଆଖିରେ) ସେ ଅଧିକାରୀଙ୍କ ଅଫିସ୍‌ଟା ରହି ଲାଭ କ'ଣ, ତାକୁ ଜାଳିଦେବା ଉଚିତ। ତାହା ହିଁ ରାଜୀବ କିଶାନ୍ ରେଙ୍ଗାଲି ତହସିଲ ଅଫିସକୁ ଜାଳି ଦେବାର କାରଣ ହୋଇଥିବ। ସମ୍ବଲପୁର ଜିଲାର ଠେଲକୁଲି ଥାନାର ଗୁମକର୍ମା ଗ୍ରାମର ୩୦ ବର୍ଷ ବୟସ୍କ ରାଜୀବ ବହୁବର୍ଷ ଧରି ବାର ବାର ଅଭିଯୋଗ କରିଆସୁଥିଲା ଯେ ତହସିଲ କର୍ମଚାରୀଙ୍କ ସାଜିସରେ ତାଙ୍କ ଜମିକୁ ଜାଲିଆତି ବିକ୍ରି କରିଦିଆଯାଇଛି, ତାହାର ସଂଶୋଧନ କରାଯାଉ। ତହସିଲଦାର ଚିରାଚରିତ କୈଫିୟତ ଦେଇଛନ୍ତି ତାଙ୍କୁ ସେ କେବେ ଦେଖା କରିନାହିଁ, ସେତକ କହିଲା ବେଳେ ସେ ମନେପକାଉ ନାହାନ୍ତି ଯେ ତାଙ୍କୁ ସାକ୍ଷାତ କରିବାକୁ କିପରି ତାଙ୍କ ପିଆଦା ସୁଯୋଗ ଦିଏ ନାହିଁ! ରେଙ୍ଗାଲି ତ କୌଣସି ମେଡିଅମ୍ (ମିଡିଆର ଏକ ବଚନ)ର ମୁଖ୍ୟାଳୟ ପାଖରେ ନାହିଁ, ତେଣୁ ନଭେମ୍ବର ୨୧ର ଅଫିସ୍ ପୋଡି ଖବର ପରେ ଭୁଲିଯିବାର ଏକ କ୍ଷଣିକ ପ୍ରକାଶନ ହୋଇଗଲା। ରାଜୀବକୁ ନିଶ୍ଚୟ ନ୍ୟାୟ ନ ମିଳି ଜେଲ ମିଳୁଥିବ। ଯଦି ସିଏ ବିଧାନସଭା ଆଗ ରାସ୍ତାକୁ ଆସି ଆତ୍ମାହୁତି ଦେବାର ଉଦ୍ୟମ କରିଥାନ୍ତା ତେବେ ଭୁବନେଶ୍ୱରର ଇଲେକ୍ଟ୍ରୋନିକ୍ ମିଡିଆ ଏବେ ବି ପାଟି କରୁଥାନ୍ତେ। ଆଠଗଡ଼ ସମବାୟ ଋଣ ସମିତି ଯଦି ମିଥ୍ୟା–ଋଣ–ଅଭିଯୋଗର ଶୁଣାଣି କରି ନ୍ୟାୟ ଦେଇଥାନ୍ତା, ତିନିଜଣ ଚାଷୀ ୨୭ ନଭେମ୍ବରରେ ବିଧାନସଭା ଆଗର ସଡ଼କକୁ ଆତ୍ମାହୁତି କରିବାକୁ ଆସି ନ ଥାନ୍ତେ।

ନୟାଗଡ଼ର ଯଦୁପୁର ଗାଁର ୫ ବର୍ଷର 'ପରୀ' ମୃତ୍ୟୁର ସନ୍ଦିଗ୍ଧ କାରଣ ରାଜନେତାମାନଙ୍କ ଛତ୍ରଛାୟା ତଳେ ଥିବା ଚକ୍ଷୁ ଓ ବୃକ୍କ ବିକ୍ରେତା ଭାବେ ଅଭିହିତ ବ୍ୟକ୍ତିଟିଏ ବୋଲି ଆସାମୀକୁ ପୋଲିସ୍ ଧରୁନାହିଁ– ତାହା ଦୁନିଆକୁ ଜଣାଇବା ପାଇଁ ପରୀର ମାଆବାପା ସୌଦାମିନୀ ଓ ଅଶୋକ ବିଧାନସଭା ଆଗର ସର୍ବସାଧାରଣ ରାସ୍ତାରେ ଆତ୍ମାହୁତି ଉଦ୍ୟମ କଲେ। ଆତ୍ମାହୁତି ଦେବା ଯୋଜନାରୁ 'ରକ୍ଷା' କରି ପାରିବା ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ସଫଳତା ବୋଲି ଉଚ୍ଚ ପୋଲିସ୍ ଅଧିକାରୀମାନେ ବାହାବା ନେଲେ ଏବଂ ମିଡିଆ ବି ପୋଲିସ୍‌କୁ ପ୍ରଶଂସା କଲେ। ସରକାର ଉତ୍ସାହିତ ହୋଇ ଦିନେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ପରିସରକୁ ଏଜି ଛକଠାରୁ ରବୀନ୍ଦ୍ର ଭବନ ଯାଏ ବ୍ୟାପ୍ତ କରିଦେଇପାରନ୍ତି। ଏପରି ବି ହେଲା, ଆତ୍ମାହୁତି ପାଇଁ କୁଜଙ୍ଗର ସୁଲୋଚନା ଓ ତା' ପୁଅ ସୁବ୍ରତକୁ ଇନ୍ଦିରା ଗାନ୍ଧୀପାର୍କ ପଛଆଡକୁ ଯିବାକୁ ପଡିଲା। ତଥାପି ପ୍ରପୀଡ଼ିତା ମିଡିଆର ନଜରକୁ ଆସିଗଲା। ତ୍ରି– ବା ଚତୁଃ– ସ୍ତରୀୟ ବ୍ୟବସ୍ଥା ଘୁଞ୍ଚି ଘୁଞ୍ଚି ଦିନେ ଭୁବନେଶ୍ୱର ରେଳ ଷ୍ଟେଶନ ପାଖକୁ ଚାଲିଯିବ, ସରକାରୀ ବ୍ୟବସ୍ଥା ବିରୋଧରେ ନାଗରିକର ଅଭିଯୋଗକୁ ସହଜରେ ଦଳି ଦେଇହେବ। ସରକାରୀ ଅବହେଳା ଏବଂ ନେତାମାନଙ୍କ ତଥା ସେମାନଙ୍କ ସମର୍ଥନରେ ଦାଦାମାନଙ୍କ ଜୁଲୁମ ଲୋକଲୋଚନକୁ ଆସିବ ନାହିଁ କାରଣ ତାହାର ସୁରାକ ମିଡିଆକୁ ମିଳିବ ନାହିଁ। ମିଡିଆ ପୋଲିସ୍‌ର କର୍ଡନକୁ ପ୍ରଶ୍ନ ନ କରି ଲୋକପ୍ରତିନିଧିମାନଙ୍କଠାରୁ ଲୋକଙ୍କୁ କାହିଁକି ଦୂରେଇ ରଖାଯାଉଛି ସେ ପ୍ରଶ୍ନ ଉଠାଇବା ଉଚିତ। ଏହାର ଗୂଢ଼ ଅର୍ଥ ଟିକେ ବୁଝନ୍ତୁ। ଲୋକପ୍ରତିନିଧିମାନେ ବିଧାନସଭାରେ ସରକାର ବିରୋଧରେ ପାଟି କରିବାର ତାତ୍କାଳିକ କାରଣ ଆଉ ପାଇବେ ନାହିଁ।

ଅଧିକନ୍ତୁ ନିଜର ଦୁଃଖକୁ ସର୍ବସାଧାରଣଙ୍କୁ ଜଣାଇବାର ସୁବିଧା ଆଉ ମିଳିବ ନାହିଁ, ସରକାରୀ–ଅବହେଳାକୁ ପ୍ରଦର୍ଶନ କରିବାକୁ ଆସୁଥିବା ଲୋକକୁ ପୋଲିସ ତ ସମସ୍ତଙ୍କ ଅଜାଣତରେ କୁଆଡେ ଟେକି ନେଇଥିବ, ଟେକାହୋଇ ନିଆ ହୋଇଥିବା ଲୋକ କୁଆଡେ ଗଲା କେହି ଜାଣିବେ ନାହିଁ। ଏ ଗଣ–ତନ୍ତ୍ର ନା ଗଣ–ହତ୍ୟା। ସରକାରଙ୍କ ପ୍ରତି କେହି ଅସନ୍ତୁଷ୍ଟ ନୁହନ୍ତି ବୋଲି ପୋଲିସ୍‌ର ରେକର୍ଡ ଦେଖି ଜାତିସଂଘ ରାଜ୍ୟକୁ ପ୍ରଶଂସା ପତ୍ର ଦେବେ। ଯେମିତି ଅପରାଧୀକୁ ଏନ୍‌କାଉଣ୍ଟରରେ ମାରି (ମୂଳୁମାଇଲେ ଯିବ ସରି) ଶାସକ ଦଳର ନେତାଙ୍କ ସହଯୋଗକୁ ପୋଲିସ୍ ଘୋଡ଼ାଇପକାଏ, ଆମ ରାଜ୍ୟର ରାଜଧାନୀରେ ବହୁସ୍ତରୀୟ ପୋଲିସ୍ ଘେର (କର୍ଡନ) ସେହିଭଳି କାମ କରିବ। ସଭ୍ୟ ରାଷ୍ଟ୍ରର ନାଗରିକ କ'ଣ ଏଇୟା ଚାହେଁ? ଏପରି କି ଶାସକ ଦଳକୁ ସମର୍ଥନ କରୁଥିବା ବୁଦ୍ଧିଜୀବୀମାନେ କ'ଣ ଶାସକ ଦଳର ଏ ପ୍ରକାରର ପଦ– ବା ହସ୍ତ– କ୍ଷେପକୁ ପସନ୍ଦ କରିବେ?

ସୁନାରୁପା ଚୋରକୁ ଧରିବାରେ ପୋଲିସ୍ ଯେତିକି ମୁଣ୍ଡ ଖେଳାଉଛି ସେତିକି ମୁଣ୍ଡ ଲଗାଇଲେ ବୃକ୍କ ଓ ଚକ୍ଷୁ ଚୋର ବୋଲି ସନ୍ଦେହ କରାଯାଉଥିବା ଲୋକଟା ଏବଂ ଲୋକଲୋଚନ ଆଢୁଆଳରେ ରାତାରାତି କୋଟିପତି ହେଉଥିବା ଲୋକଟା ଏ ଯାବତ୍ ପୋଲିସ ଜାଲରେ ଧରାପଡି ନ ଥାନ୍ତା କି? ସାହୁ ଦମ୍ପତିର ପଡ଼ିଶାମାନେ ମନ୍ତ୍ରୀଙ୍କ ପାଖଲୋକକୁ ଜାଣିଥିବେ, କିନ୍ତୁ ପୋଲିସ୍ ଜାଣି ନ ଥିବାର ଅଭିନୟ କରୁଛି। ଅଶୋକ–ସୌଦାମିନୀକୁ କେହି କୁଆଡ଼େ ଅପହରଣ କରିନେଇଯାଇଥିଲେ ଆମେ କେହି ଜାଣି ନ ଥାନ୍ତେ। ଅଣ୍ଡା ଫୋପଡ଼ାକୁ ମାରଣାସ୍ତ୍ର ରୂପ ଦେଇପାରୁଥିବା ପୋଲିସ୍ ଚାହିଁଥିଲେ ପରୀର ହତ୍ୟାକାଣ୍ଡର ଆସାମୀ ଗିରଫ ହୋଇସାରନ୍ତାଣି। ପୁଣି ଅପମୃତ୍ୟୁ ବୋଲି ମାନିବାକୁ ମୃତାର ମାଆବାପାଙ୍କୁ ତୃତୀୟପକ୍ଷ ଜରିଆରେ ଭୟ ଦେଖାଉଛନ୍ତି। ବିଚାରପତି ତ ଜନରବ ଉପରେ ରାୟ ଦେବେ ନାହିଁ, ପୋଲିସର ତଥ୍ୟ ଓ ପ୍ରମାଣ ସଂଗ୍ରହ ଉପରେ ବିଚାରପତି ତାଙ୍କ ରାୟ ଦେଇଥାନ୍ତି। ଯଦି ପୋଲିସ ଜାଣିଶୁଣି ବା କାହାର ପ୍ରଭାବରେ ତଥ୍ୟ ଓ ପ୍ରମାଣ ତେଡାମେଡା କରନ୍ତି ତେବେ ବିଚାରପତିଙ୍କ ରାୟରେ ନିଃସନ୍ଦେହ– ପ୍ରମାଣ–ଅଭାବରୁ ଦୋଷୀ ଖଲାସ ହୋଇଯିବ।

ଲୋକ ଆତ୍ମହତ୍ୟା ସ୍ତରକୁ ବା ସରକାରୀ ଅଫିସକୁ ଜାଳିଦେବା ସ୍ତରକୁ ଆସେ କାହିଁକି? ତାହାର ଅଭିଯୋଗ ଶୁଣାଯାଉ ନାହିଁ ବୋଲି ତ? ତାହାର ଜୀବନ ବା ଜୀବିକା ବା ଉଭୟ ବିପନ୍ନ ହୋଇଛି ବୋଲି ତ? ସେ ଆଇନ ଲାଗୁକରୁଥିବା (ଏନ୍‌ଫୋର୍ସମେଣ୍ଟ) ଅଧିକାରୀମାନଙ୍କଠାରୁ ନ୍ୟାୟ ପାଉନାହିଁ ବୋଲି ତ? କର୍ମଚାରୀମାନେ ଲାଞ୍ଚ ପାଇଁ ବା ମନ୍ତ୍ରୀଙ୍କ ପ୍ରଭାବରେ ନାଗରିକକୁ ଉପେକ୍ଷା କରିଥାଏ। ତାହା ନଥିର ବିଳମ୍ବ ହେବାରୁ ଜଣାପଡ଼େ। ଆଗେ ଓଡ଼ିଶା ରେକର୍ଡ ମାନୁଆଲରେ କିଏ କେତେ ଦିନ ଭିତରେ କାମ ସାରିବ ତାହାର ସମୟ ନିର୍ଘଣ୍ଟ ଥିଲା। ଡେରି ହେଲେ ନାଲି କାଳିରେ କିରାଣି ଲେଖୁଥିଲା। ଅଧୀକ୍ଷଣ (ସୁପରିଣ୍ଟେଣ୍ଡିଂ) ଅଧିକାରୀ ସେହି ଲେଖା ବଳରେ ବିଳମ୍ବ କରୁଥିବା କର୍ମଚାରୀଙ୍କ ଉପରେ ଦଣ୍ଡ ବିଧାନ କରିବାର ଥିଲା। ଏବେ ସେବା ଅଧିକାର ଆଇନ ପ୍ରତି କାମର ସମୟସୀମା ଧାର୍ଯ୍ୟ କରିଛି, ପୋଲିସ୍‌ର ବି। କିନ୍ତୁ ବିଳମ୍ବ (ଲାଞ୍ଚ ପାଇଁ ତ ବିଳମ୍ବ କରାଯାଏ) କରୁଥିବା କର୍ମଚାରୀକୁ ଅଧୀକ୍ଷକ ଅଧିକାରୀ ବା ବିଳମ୍ବ କରୁଥିବା ମନ୍ତ୍ରୀଙ୍କୁ କେବେ ଦଣ୍ଡ ମିଳୁଛି କି? ଏ ସବୁର କାରଣ କର୍ମଚାରୀମାନଙ୍କ କାମର ମନିଟରିଂ ହେଉ ନାହିଁ। ପଇସା ଦେଇପାରୁ ନ ଥିବା ମହିଳାକୁ ଦେହ ଦେ ବୋଲି ତ ସରପଞ୍ଚ କହିପାରୁଛନ୍ତି, କାରଣ ଉପଭୋକ୍ତାମାନେ କାହିଁକି ଘର ପାଉ ନାହାନ୍ତି ତାହାର ମନିଟରିଂ ହେଉନାହିଁ କି ବିଳମ୍ବ କରୁଥିବା ବିଡିଓଙ୍କ ଉପରେ ଦଣ୍ଡ ଦିଆଯାଉନାହିଁ। ଲାଞ୍ଚ ନ ମିଳିଲେ ଡାକ୍ତର କହିବେ ଭେଣ୍ଟିଲେଟର ଚଳାଇବାକୁ ଲୋକ ନାହିଁ, କିରାଣି କହିବେ ସର୍ଭର କାମ କରୁନାହିଁ। କିରାଣି ତାଚ୍ଛଲ୍ୟ କରି କହନ୍ତି – ସରକାର ପରା ଲାଞ୍ଚ ଏଡ଼ାଇବା ପାଇଁ ମଣିଷ ବଦଳରେ ମେଶିନ୍ କାମ କରିବ କହିଛନ୍ତି। କିନ୍ତୁ ମେଶିନ୍‌ଟା ମଣିଷ ଚଳାଉଛି ବୋଲି ସରକାର ଭୁଲିଯାଉଛନ୍ତି।

sahadevas@yahoo.mail

# କ୍ଷମତା ଲଢ଼େଇରେ ଭାରତ



ସାରଦା ପ୍ରସାଦ କର

ପ୍ରକାଶ ପାଇଥିବା ଆଇ.ଏମ୍.ଏଫ୍.ର ୱାର୍ଲ୍ଡ ଇକୋନୋମିକ୍ ଆଉଟପୁଟ–୨୦୨୦ ରିପୋର୍ଟ ଅନୁସାରେ ଆମେରିକାକୁ ଅତିକ୍ରମ କରି ଚାଇନା ଏବେ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ହୋଇପାରିଛି। ଆମେରିକା ଅର୍ଥନୀତିର ଆକାର ୨୦.୮ ଲକ୍ଷ କୋଟି ଡଲାର ହୋଇଥିବା ବେଳେ ଚାଇନା ଅର୍ଥନୀତି ୨୪.୨ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ମହାମାରୀ ଯୋଗୁ ବିଶ୍ୱର ଅନେକ ରାଷ୍ଟ୍ରର ଅର୍ଥନୀତି ମାଟି କାମୁଡ଼ିଛି। କିନ୍ତୁ କରୋନାର ଅନ୍ତୁଡିଶାଳ ଚାଇନା ସର୍ବବୃହତ୍ ଅର୍ଥନୀତିର ମୁକୁଟ ପିନ୍ଧି ଆସୁଥିବା ଆମେରିକାକୁ ଏବେ ବହୁପଛରେ ପକାଇଦେଇଛି। ଆମେରିକା ଭଳି କିଛି ଏହାର ମିତ୍ରରାଷ୍ଟ୍ର କଥାଟିକୁ ବିଶ୍ୱାସ କରୁ ନ ଥିଲେ ହେଁ ଖୋଦ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ଏହାକୁ ସ୍ୱୀକାର କରିଛି।

କୌଣସି ରାଷ୍ଟ୍ରର ଜିଡିପି ଆକାର ମାପିବା ପାଇଁ ଅର୍ଥନୀତିଜ୍ଞମାନେ ପାରମ୍ପରିକ ଭାବେ ବଜାର ବିନିମୟ ହାର (ମାର୍କେଟ୍ ଏକ୍ସଚେଞ୍ଜ୍ ରେଟ୍)କୁ ବ୍ୟବହାର କରିଆସୁଛନ୍ତି। କିନ୍ତୁ ଏମ୍.ଇ.ଆର. ବାସ୍ତବ ଚିତ୍ରକୁ ପ୍ରତିଫଳନ କରିବାରେ ଅସମର୍ଥ ଥିବାରୁ ଆଇ.ଏମ୍.ଏଫ୍. ଏହି ସିଦ୍ଧାନ୍ତରେ ପହଞ୍ଚିବା ପାଇଁ କ୍ରୟଶକ୍ତି ସମାନତା (ପରଚେଜିଙ୍ଗ୍ ପାୱାର୍ ପୋଟେନ୍‌ସିଆଲ୍)କୁ ମାନଦଣ୍ଡ ଭାବେ ଗ୍ରହଣ କରିଥିଲା। ସେହି ଅନୁସାରେ ଆମେରିକା ଓ ଚାଇନା ଅର୍ଥନୀତିକୁ ପରସ୍ପର ସହ ତୁଳନା କରିଥିଲା। ଏମ୍.ଇ.ଆର. ଭଳି ପାରମ୍ପରିକ କିନ୍ତୁ ପୁରୁଣା ପଦ୍ଧତିରେ ଜି.ଡି.ପି. ମପାଯିବା ବେଳେ ଏହା ଅଧିକାଂଶ ରାଷ୍ଟ୍ରର ମୁଦ୍ରା କ୍ରୟ କ୍ଷମତାକୁ କମ୍ ଭାବେ ଦର୍ଶାଇଥାଏ। ଫଳରେ ଆମେରିକୀୟ ଡଲାର ତୁଳନାରେ ଅନ୍ୟ ଦେଶର ମୁଦ୍ରାଗୁଡ଼ିକର ପ୍ରକୃତ ବିନିମୟ ମୂଲ୍ୟ ହ୍ରାସ ପାଇଯାଏ। ଏବେ ପି.ପି.ପି. ପଦ୍ଧତି ଅବଲମ୍ବନ କରି ଆଇ.ଏମ୍.ଏଫ୍. ଚାଇନାର ଆର୍ଥିକ ଉତ୍ପାଦନର ଠିକ୍ ଅନୁମାନ ଲଗାଇଛି; ଯାହା କି ଆମେରିକାଠାରୁ ଢେର୍ ଅଧିକ ହୋଇଛି। ଆଇ.ଏମ୍.ଏଫ୍. ନିଜ ରିପୋର୍ଟରେ ଦର୍ଶାଇଛି ଯେ, ପି.ପି.ପି. ପଦ୍ଧତି ଅର୍ଥବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଥିବା ମୂଲ୍ୟସ୍ତର ସଂକ୍ରାନ୍ତ ପାର୍ଥକ୍ୟକୁ ନିଃଶେଷ କରିଦେଉଛି। ପ୍ରତ୍ୟେକ ରାଷ୍ଟ୍ର ନିଜ ମୁଦ୍ରା ସହ ସେଠାରେ କେତେ ପରିମାଣର କିଣାକିଣି କରିପାରୁଛି ତାହା ପି.ପି.ପି. ତୁଳନା କରିଥାଏ।

ଆଇ.ଏମ୍.ଏଫ୍.ର ଏଭଳି ଯୁକ୍ତିକୁ ସି.ଆଇ.ଏ. ଗ୍ରହଣ କରିବା ପରେ ଏମ୍.ଇ.ଆର୍. ପରିବର୍ତ୍ତେ ପି.ପି.ପି. ପଦ୍ଧତିକୁ ଏହାର ଜାତୀୟ ବାର୍ଷିକ ଅର୍ଥନୀତି ମୂଲ୍ୟାୟନରେ ବ୍ୟବହାର ପାଇଁ ନିଷ୍ପତ୍ତି ନେଇଛି। 'ଦ ଇକୋନୋମିଷ୍ଟ' ମୁତାବକ ୨୦୧୯ରେ ଚାଇନାର ଶ୍ରମିକମାନେ ୯୯ଲକ୍ଷ କୋଟି ୟୁଆନ୍ ମୂଲ୍ୟର ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥିଲେ। ଆମେରିକାରେ ତାହା ୨୧.୪ ଲକ୍ଷ କୋଟି ଡଲାର ଥିଲା। ବିଗତ ୩୦ ବର୍ଷ ମଧ୍ୟରେ ଚାଇନାର ଅର୍ଥନୀତିର ଅଭିବୃଦ୍ଧି ପାଖାପାଖି ୧୦% ହାରରେ ବୃଦ୍ଧି ପାଉଛି। ପ୍ରତ୍ୟେକ କ୍ଷେତ୍ରରେ ଚାଇନା ଅଭିବୃଦ୍ଧିର ସାମ୍ନା କରୁଛି। ଆଇ.ଏମ୍.ଏଫ୍.ର ଆକଳନ ଅନୁସାରେ ଆସନ୍ତା ବର୍ଷ ଚାଇନା ୮.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ। ତେବେ ଆମେରିକା ଅର୍ଥନୀତିକୁ ଚାଇନା ଅତିକ୍ରମ କରିସାରିଥିଲେ ସୁଦ୍ଧା ଅର୍ଥନୀତିଜ୍ଞମାନେ ଏହାକୁ ନେଇ କାହିଁକି ଚୁପ୍ ରହୁଛନ୍ତି ତାହା ଉପରେ ପ୍ରଶ୍ନ ଉଠିଛି।

କୋଭିଡ୍–୧୯ ମହାମାରୀରେ ଭାରତ ଅନେକ କିଛି ହରାଇ ଆଉ ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ର (ପାୱାର୍ ବ୍ଲକ୍) ବର୍ଗରେ ନାହିଁ। କ୍ଷମତା ଲଢ଼େଇରେ ଚାଇନାଠାରୁ ବହୁ ପଛରେ ପଡ଼ିଛି। ସେପଟେ ଏସିଆ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରଭାବ ବଜାୟ ରଖିବାରେ ଭାରତ ସମର୍ଥ ହୋଇଥିବା କଥାଟି କିଛି ଅର୍ଥନୀତିଜ୍ଞମାନଙ୍କର ଭ୍ରୂକୁଞ୍ଚନ ହୋଇଛି। ଆମେରିକା, ଚାଇନା ଓ ଜାପାନ ପଛକୁ ଭାରତ ଏକ୍ଷେତ୍ରରେ ୪ର୍ଥ କ୍ଷମତାଶାଳୀ ରାଷ୍ଟ୍ର ବିବେଚିତ ହୋଇଛି। ମଧ୍ୟମ କ୍ଷମତାଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ ସବା ଉପରେ ମାନ୍ୟତା ବଜାୟ ରଖିଛି। ଭାରତ ପଛକୁ ରୁଷ୍ ଦ୍ୱିତୀୟ, ଅଷ୍ଟ୍ରେଲିୟା ୩ୟ, ଦକ୍ଷିଣ କୋରିଆ ୪ର୍ଥ, ସିଙ୍ଗାପୁର ୫ମ, ଥାଇଲାଣ୍ଡ ଓ ମାଲେସିଆ ଯଥାକ୍ରମେ ୬ଷ୍ଠ ଓ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସିଡ୍‌ନୀଭିତ୍ତିକ ଲୋୱି ଇନ୍‌ଷ୍ଟିଚ୍ୟୁଟ୍‌ର 'ଏସିଆ ପାୱାର୍ ଇଣ୍ଡେକ୍ସ–୨୦୨୦' ରେ ଏହା ଦର୍ଶାଯାଇଛି ଯେ ଭାରତ ଏଥର ପାୱାର ସ୍କୋର୍ ୩୯.୭ ପାଇଛି। ଅର୍ଥାତ୍ ଆଉ ମାତ୍ର ୦.୩ ସ୍କୋର୍ ହାତେଇଥିଲେ ଭାରତ ପ୍ରମୁଖ କ୍ଷମତାଶାଳୀ 'ମେଜର୍ ପାୱାର୍' ରାଷ୍ଟ୍ର ବିବେଚିତ ହୋଇଥାନ୍ତା। ୨୦୧୯ରେ ଦେଶକୁ ୪୧.୦ ସ୍କୋର ମିଳିଥିଲା।

ଏସିଆରେ ଏଥର ଜାପାନ ୪୧ ସ୍କୋର ହାସଲ କରି ଏକାକୀ ପ୍ରମୁଖ କ୍ଷମତାଶାଳୀ ରାଷ୍ଟ୍ର ବିବେଚିତ ହୋଇଛି। ଭାରତ ଏବେ ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏକ କ୍ଷମତାସମ୍ପନ୍ନ ମଧ୍ୟମ ଶକ୍ତିଶାଳୀ ରାଷ୍ଟ୍ର ବିବେଚିତ ହୋଇଛି। ତେବେ ଆଗାମୀ କିଛି ବର୍ଷ ମଧ୍ୟରେ ଦେଶ ଏହାର ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ର ମାନ୍ୟତା ପୁଣି ଫେରିପାଇବା ସମ୍ଭାବନା ରହିଛି ବୋଲି ଲୋୱି ଇନ୍‌ଷ୍ଟିଚ୍ୟୁଟ୍ ରିପୋର୍ଟ ଦର୍ଶେଇ ଥିବାବେଳେ ଏହା କେମିତି ସମ୍ଭବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିପାରିନାହିଁ। କେବଳ ଜନସଂଖ୍ୟା ଦିଗରୁ ଚାଇନାର ସମକକ୍ଷ ହୋଇପାରିବ ଭାରତ କିନ୍ତୁ ଅର୍ଥନୀତି କଥା କହିବାକୁ ଗଲେ ତାହା ଅବାସ୍ତବ। ବର୍ତ୍ତମାନ ସ୍ଥିତିକୁ ଦେଖିଲେ, ଦଶନ୍ଧି ଶେଷ ବେଳକୁ ଚାଇନାର ଅର୍ଥନୈତିକ ଉତ୍ପାଦନର ମାତ୍ର ୪୦ ପ୍ରତିଶତ ଯାଏ ଛୁଇଁବାକୁ ଯୋଗ୍ୟ ହେବ ଭାରତ। ୨୦୧୯ ଏସିଆ ପାୱାର ଇଣ୍ଡେକ୍ସରେ ଏହା ୫୦ ପ୍ରତିଶତ ଛୁଇଁବ ବୋଲି ଆକଳନ କରାଯାଇଥିଲା।

ଏସିଆ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୮୧.୬ ସ୍କୋର୍ ସହ ଆମେରିକା ସୁପରପାୱାର ମାନ୍ୟତା ବଜାୟ ରଖିଥିବାବେଳେ ଚାଇନା ମଧ୍ୟ ୭୬.୧ ସ୍କୋର ପାଇ ଦ୍ୱିତୀୟ ସ୍ଥାନରେ ମହାଶକ୍ତିଶାଳୀ ଗୌରବ ମଣ୍ଡିତ ହୋଇଛି। ୭୦ ସ୍କୋର ଛୁଇଁଥିବା ରାଷ୍ଟ୍ରକୁ ଏହି ମାନ୍ୟତା ଦିଆଯାଇଥିବା ପରିପ୍ରେକ୍ଷୀରେ ଭାରତ ପାଇଁ ଏହି ଅଖଣ୍ଡ କ୍ଷମତା ଏବେ ଆକାଶ କୁସୁମ ପରି। ସଂକୁଚିତ ହୋଇଆସୁଥିବା ଉତ୍ପାଦନ କ୍ଷେତ୍ର ଆର୍ଥିକ ମାନ୍ଦାବସ୍ଥାର କାରଣ। ଅର୍ଥନୀତିକୁ କୃଷିକ୍ଷେତ୍ରର ସକାରାତ୍ମକ ୩ ପ୍ରତିଶତ ଛାଡ଼ିଦେଲେ ଆଉ କୌଣସି କ୍ଷେତ୍ରର ଉନ୍ନତି ପରିଲକ୍ଷିତ ହେଉନାହିଁ। ଭାରତକୁ ନେଇ ଲୋୱି ଇନ୍‌ଷ୍ଟିଚ୍ୟୁଟ୍ ଆହୁରି ନକାରାତ୍ମକ ଆକଳନ କରିଛି। କରୋନା ପୂର୍ବରୁ ୨୦୩୦ ସୁଦ୍ଧା ଅର୍ଥନୀତି ଚାଇନାକୁ ଟପିଯିବାର ଯେଉଁ ଆକଳନ କରାଯାଇଥିଲା ଏବେ ତାହା ୧୩ ପ୍ରତିଶତ ଭବିଷ୍ୟତର ସମ୍ବଳ ଛୋଟ ହେବା କ୍ଷେତ୍ରରେ ଭାରତର ସ୍କୋର ପାଖାପାଖି ୫ ପଏଣ୍ଟ ତଳକୁ ଖସିଯିବାର ସମ୍ଭାବନା ଉପୁଜିବ।

ଅପରପକ୍ଷରେ ଏସିଆରେ ଭାରତର କୂଟନୈତିକ ପ୍ରଭାବ ଦୃଷ୍ଟିରୁ ଦକ୍ଷିଣ କୋରିଆ ଓ ରୁଷ୍‌କୁ ଭାରତ ପଛରେ ପକେଇଦେଇଛି। ଆମେରିକା ପରେ ଏବେ ଭାରତ ଚତୁର୍ଥ ସ୍ଥାନରେ ରହିଛି। କିନ୍ତୁ ପ୍ରତିରକ୍ଷା ନେଟ୍‌ୱର୍କ ଏବଂ ଅର୍ଥନୈତିକ ସମ୍ପର୍କ କ୍ଷେତ୍ରରେ ଭାରତ ଅତ୍ୟନ୍ତ ଦୁର୍ବଳ ପଡ଼ିଯାଇଛି। ପ୍ରତିରକ୍ଷା ନେଟ୍‌ୱର୍କ କ୍ଷେତ୍ରରେ ଭାରତ ମାତ୍ର ଗୋଟିଏ ସ୍ଥାନ ଉପରକୁ ଉଠିଥିବାବେଳେ ଉଭୟ ପ୍ରତିରକ୍ଷା ନେଟ୍‌ୱର୍କ ଓ ଅର୍ଥନୈତିକ ସମ୍ପର୍କ କ୍ଷେତ୍ରରେ ଭାରତ ସପ୍ତମ ସ୍ଥାନକୁ ଖସିଆସିଛି। ଆଞ୍ଚଳିକ ବ୍ୟାପକ ଅର୍ଥନୈତିକ ସହଯୋଗିତା (ଆର୍‌ସିଇପି)ରୁ ନିଜକୁ ପ୍ରତ୍ୟାହାର କରିନେବା ନିଷ୍ପତ୍ତି ଭାରତର ର୍‍ୟାଙ୍କିଙ୍ଗ୍ ହ୍ରାସର କାରଣ ସାଜିଛି।

ମୋ: ୮୨୪୯୮୨୭୧୪୮

## ଏଇ ଭାରତରେ

ମହାରାଷ୍ଟ୍ରରେ ଶିକ୍ଷକମାନେ ଚଳାଉଛନ୍ତି ଏକ ଅଜବ ସ୍କୁଲ। ଏହି ସ୍କୁଲରେ କେବଳ ଆଇମା'ମାନେ ପଢୁଛନ୍ତି। ଏହି ସ୍କୁଲର ନାମ ରଖାଯାଇଛି 'ଅଜିବାଇଚିଶାଳା' ବା ଆଇମା'ଙ୍କ ସ୍କୁଲ। ଏହାକୁ ୪ ବର୍ଷ ପୂର୍ବେ ଅନ୍ତର୍ଜାତୀୟ ମହିଳା ଦିବସରେ ଖୋଲାଯାଇଥିଲା। ଏବେ ଏହି ସ୍କୁଲ କୋଭିଡ୍ ମହାମାରୀ ଯୋଗୁ ବନ୍ଦ ରହିଛି। ୭୬ ବର୍ଷୀୟା ଶାନ୍ତାବାଇ କହନ୍ତି, ମରାଠୀ ଭାଷାରେ ଲିଖିତ ପବିତ୍ର ଗ୍ରନ୍ଥ ପଢିବା ଲାଗି ଭାଷା ଶିଖିବାକୁ ୨୦୧୬ରୁ ଏହି ସ୍କୁଲକୁ ସେ ଯାଉଛନ୍ତି। ଶାନ୍ତବାଇଙ୍କ ପରି ଫାଙ୍ଗେନି ଗାଁରେ ଥିବା ଏହି ସ୍କୁଲରେ ୬୦ରୁ ୯୦ ବର୍ଷ ବୟସର ୩୦ଜଣ ମହିଳା ପଢୁଛନ୍ତି। ଏହି ସ୍କୁଲରେ ନାମଲେଖାଇବା ପାଇଁ ସର୍ବନିମ୍ନ ବୟସ ସୀମା ରଖାଯାଇଛି ୬୦। ଏହି ସ୍କୁଲକୁ ଆରମ୍ଭ କରିଛନ୍ତି ଜିଲାପରିଷଦ ଶିକ୍ଷକ ଯୋଗେନ୍ଦ୍ର ବାଙ୍ଗର। ମୋତିଲାଲ ଦଲାଲ ଚାରିଟେବୁଲ୍‌ଏ ଟ୍ରଷ୍ଟ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛି। ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଦିଆଯାଉଛି। ଏଠାରେ ୯ଜଣ ଶିକ୍ଷକ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ୨ଟାରୁ ୪ ଟା ଯାଏ ପଢାନ୍ତି। କୋଭିଡ ମହାମାରୀ ପାଇଁ ଏବେ ସ୍କୁଲ ବନ୍ଦ ରହିଛି ଓ ଖୋଲିଲେ ଏଭଳି ବି ପଢା ଚାଲୁରହିବ ବୋଲି କହନ୍ତି ଯୋଗେନ୍ଦ୍ର। ସ୍ଥାୟୀଭାବେ ଶିତଲଙ୍କୁ ସେଠାରେ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେ ପ୍ରତିଦିନ ସେମାନଙ୍କୁ ଅକ୍ଷର ଶିଖାନ୍ତି। ସେହି ଗାଁର ଜଣେ ବ୍ୟକ୍ତି ସ୍କୁଲ ପାଇଁ ଗୋଟିଏ ବଖରା ଘର ଯୋଗାଇ ଦେଇଛନ୍ତି। ଏଥିପାଇଁ ସେ କୌଣସି ଭଡ଼ା ନେଉନାହାନ୍ତି। ସ୍କୁଲର ସବୁଠୁ ବୟସ୍କା ୯୪ ବର୍ଷୀୟା ମହିଳା ଅନସୂୟାଙ୍କର ନିକଟରେ ଦେହାନ୍ତ ଘଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୯୫

- ଭୁବନେଶ୍ୱର ରେଳଷ୍ଟେସନ ସ୍ଥାନ ସଂରକ୍ଷଣ କାଉଣ୍ଟରରେ ସିକନ୍ଦରାବାଦ ଚ୍ୟାନେଲ ଚାଲୁ କରାଯାଇଛି।
- କେନ୍ଦ୍ରାପଡ଼ା ଜିଲାରେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ୧୪ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

କଜଳପାତି ସେ ସ୍ୱାମୀ ସଙ୍ଗତେ
କଳହେ ରହିଛି ମଗନ
ତୁଟାଇବି ତାହା, ତୃଷିତ ଚାତକ–
ହାହାକାରେ ପୂରେ ଗଗନ।

–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚିଲିକାର ବିକାଶ ତ୍ୱରାନ୍ୱିତ ହେଉ

ମହାଶୟ,

ରାଜ୍ୟରେ ଥିବା ଚିଲିକା ପର୍ଯ୍ୟଟନ ସ୍ଥଳୀର ବିକାଶ ତ୍ୱରାନ୍ୱିତ କରାଯାଉ। ଏଠାକୁ ସୁଦୂର ସାଇବେରିଆରୁ ପକ୍ଷୀଗୁଡ଼ିକ ଆସିଥାନ୍ତି। ମନୋରମ ପରିବେଶ ଅନୁକୂଳ ହୋଇଥାଏ। ତା'ଛଡ଼ା ନଳବଣ ପକ୍ଷୀଙ୍କ ଆଶ୍ରୟସ୍ଥଳୀ ଭାବେ ମାନ୍ୟତା ଲାଭ କରିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଲବ୍ଧି ପାଇଁ ଆସିଥାନ୍ତି। ନୌ–ତାଲିମ କେନ୍ଦ୍ର ମଧ୍ୟ ବିଶେଷ ଶୋଭନୀୟ। ବିଭିନ୍ନ ଦେଶରୁ ଭ୍ରମଣରେ ତୀର୍ଥଯାତ୍ରୀମାନେ ପହଞ୍ଚିଥାନ୍ତି। ଦେବୀ ଉଗ୍ରତାରାଙ୍କୁ ଦର୍ଶନାର୍ଥେ ଭକ୍ତମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ରାଜ୍ୟ ସରକାର ସେଠାରେ ରାତ୍ରି ଆଶ୍ରୟସ୍ଥଳୀ ବ୍ୟବସ୍ଥା କରିବା ଆବଶ୍ୟକ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ସମ୍ବିଧାନ ଦିବସ**

**ନୂଆଦିଲ୍ଲୀ:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ସିଇଓ ସି.ଏଚ୍.ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କର୍ମଚାରୀଙ୍କ ସହ ସମ୍ବିଧାନର ପ୍ରସ୍ତାବନାକୁ ପାଠ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର, ଏକେ ଆଜାଦ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ବିଜୟ କୁମାର ତ୍ୟାଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦା କୋଚରଙ୍କ ଅପିଲ ଖାରଜ



**ନୂଆଦିଲ୍ଲୀ,୧।୧୨:** ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଚନ୍ଦା କୋଚରଙ୍କ ଅପିଲକୁ ମଙ୍ଗଳବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବମ୍ବେ ହାଇକୋର୍ଟଙ୍କ ଏକ ଅର୍ଡରକୁ ନେଇ ଚନ୍ଦା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଅର୍ଡର ଉପରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି। ସୂଚନାଯୋଗ୍ୟ, ଆଇସିଆଇସିଆଇ-ଭିଡିଓକନ ଋଣ ମାମଲାରେ ଚନ୍ଦାଙ୍କୁ ବ୍ୟାଙ୍କର ସିଇଓ ଏବଂ ଏମ୍‌ଡି ପଦବୀରୁ ହଟାଇ ଦିଆଯାଇଥିଲା। ଏହାକୁ ନେଇ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ସଞ୍ଜୟ କିଶନ କୌଲ ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଅର୍ଡର ଉପରେ ହସ୍ତକ୍ଷେପ ନ କରିବାକୁ କହିଛନ୍ତି।

# ରେକର୍ଡ ସ୍ତରରେ ସେନ୍‌ସେକ୍ସ



**ନୂଆଦିଲ୍ଲୀ,୧।୧୨:** ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ମଙ୍ଗଳବାର ରେକର୍ଡ ସ୍ତରରେ ବନ୍ଦ ହୋଇଛି। ୫୦୬ ପଏଣ୍ଟ (୧.୧୫%) ବଢିବା ପରେ ଏହା ୪୪,୬୫୫ ପଏଣ୍ଟ ସ୍ତରରେ ରହିଛି। ବ୍ୟାଙ୍କିଙ୍ଗ, ଆଇଟି ଏବଂ ରିୟଲ ଇଷ୍ଟେଟ ଷ୍ଟକ କାରବାର ଉନ୍ନତ ହେବା ଯୋଗୁ ସୂଚକାଙ୍କ ପ୍ରାୟ ୪୫୦ ପଏଣ୍ଟ ଉଚ୍ଚରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି ୧୪୦(୧.୦୮%) ଉର୍ଦ୍ଧ୍ୱରେ ରହି ୧୩,୧୦୯ ପଏଣ୍ଟ ଛୁଇଁଛି।

ସେନ୍‌ସେକ୍ସରେ ସନଫାର୍ମା, ଇଣ୍ଡସଇଣ୍ଡ ବ୍ୟାଙ୍କ, ଟେକ୍ ମହିନ୍ଦ୍ରା, ଓଏନ୍‌ଜିସି, ଭାରତୀ ଏୟାରଟେଲ, ଇନଫୋସିସ ଏବଂ ଆଇସିଆଇସିଆଇ ବ୍ୟାଙ୍କର ଶେୟାର କାରବାର ବେଶ ଭଲ ପ୍ରଦର୍ଶନ କରିଛି। ଏମାନଙ୍କର ଶେୟାର କାରବାର ପ୍ରାୟ ୫.୫୧% ବଢିଛି। ସେହିଭଳି କୋଟାକ ବ୍ୟାଙ୍କ, ନେସଲେ ଇଣ୍ଡିଆ, ଟାଇଟାନ, ବଜାଜ ଫାଇନାନ୍ସ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାର କାରବାର ପ୍ରାୟ ୧.୩୯% ଖସିଥିବା ନଜରକୁ ଆସିଛି। ଏହାବାଦ ଏନ୍‌ଏସ୍‌ଇ ପ୍ଲାଟଫର୍ମରେ ରିୟଲିଟି, ପିଏସ୍‌ୟୁ ବ୍ୟାଙ୍କ, ଆଇଟି ଏବଂ ଫାର୍ମା ଶେୟାର ୩.୩୩% ବଢିଛି।

କୋଭିଡ୍-୧୯ ଟିକା ଆସିବା ଆଶା ବଢିଥିବାରୁ ବିଦେଶୀ ନିବେଶକମାନେ ନିବେଶ ବଢାଉଛନ୍ତି। ଫଳରେ ଭାରତୀୟ ବଜାରକୁ ଏହାର ଲାଭ ମିଳୁଥିବା ଜଣାପଡିଛି। ନଭେମ୍ବରରେ ଉଭୟ ସୂଚକାଙ୍କ ପ୍ରାୟ ୧୧% ବଢିଥିବା ନଜରକୁ ଆସିଛି। ଗୁରୁ ନାନକ ଜୟନ୍ତୀ ଯୋଗୁ ସୋମବାର ବଜାର ବନ୍ଦ ରହିଥିଲା। ସେପ୍ଟେମ୍ବର ତ୍ରୈମାସରେ ଜିଡିପି ୭.୫% ଖସିଛି। ଏହା ପ୍ରଥମ ତ୍ରୈମାସରେ ୨୩.୯% ଖସିଥିଲା। ଜିଡିପିକୁ ନେଇ ମଧ୍ୟ ନିବେଶକଙ୍କ ମଧ୍ୟରେ ଆଶା ରହିଛି। ଅକ୍ଟୋବରରେ ୮ କୋର ସେକ୍ଟର କ୍ଷେତ୍ର ୨.୫% କମିଛି। ଅଶୋଧିତ ତେଲ ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ ଏବଂ ଇସ୍ପାତ ଉତ୍ପାଦନ କମିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଜିଡିପି ଡାଟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅର୍ଥ ବ୍ୟବସ୍ଥା ଟ୍ରାକକୁ ଫେରୁଥିବା ଏଥିରୁ ଅନୁମାନ ଲଗାଇ ହେବ ବୋଲି କ୍ୟାପିଟାଲ ଭାୟା ଗ୍ଲୋବାଲ ରିସର୍ଚ୍ଚର ମୁଖ୍ୟ ଗୌରବ ଗର୍ଗ କହିଛନ୍ତି।

# ୫୫ ଟଙ୍କା ବଢ଼ିଲା ଗ୍ୟାସ୍



**ଭୁବନେଶ୍ୱର, ୧।୧୨:** ତୈଳ ମାର୍କେଟିଂ କମ୍ପାନୀ ପକ୍ଷରୁ ମଙ୍ଗଳବାର କମର୍ସିଆଲ ଗ୍ୟାସ୍ ଦରରେ ପରିବର୍ତ୍ତନ କରିଛନ୍ତି। ଫଳରେ ଭୁବନେଶ୍ୱରରେ ବିନା ସବସିଡିଯୁକ୍ତ ଗ୍ୟାସ୍ ୧୪.୨ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ୬୨୦.୫୦ ଟଙ୍କା ରଖିଥିବାବେଳେ କମର୍ସିଆଲ ଗ୍ୟାସ ଦରରେ ୫୫ ଟଙ୍କା ବଢାଇ ଦେଇଛନ୍ତି। ଫଳରେ ଏହି ଦର ବୃଦ୍ଧି କାରଣରୁ ବର୍ତ୍ତମାନ ଦର ୧୩୨୧ ଟଙ୍କାରୁ ୧୩୭୬ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ପ୍ରମୁଖ ମେଟ୍ରୋ ସହର ଦିଲ୍ଲୀ, କଲିକତା, ମୁମ୍ବାଇ ଓ ଚେନ୍ନାଇ ଭଳି ସହରରେ ମଧ୍ୟ କମର୍ସିଆଲ ଗ୍ୟାସ୍ ଦର ୫୫ରୁ ୫୬ ଟଙ୍କା ବୃଦ୍ଧିପାଇଛି। ଯଥାକ୍ରମେ ୧୨୯୬, ୧୩୫୧.୫୦, ୧୨୪୪, ୧୪୧୦.୫୦ ଟଙ୍କାରେ ପହଞ୍ଚିଛି। ସେହିପରି ଏହି ୩ ମେଟ୍ରୋ ସହରର ଘରୋଇ ଗ୍ୟାସର ମୂଲ୍ୟ ଯଥାକ୍ରମେ ୫୯୪, ୬୨୦.୫୦ଟଙ୍କା, ୫୯୪ ଟଙ୍କା, ୬୧୦ ଟଙ୍କାରେ ସ୍ଥିର ରହିଛି।

# ଗାଡ଼ି ବିକ୍ରିରେ ଆସିଲା ଉନ୍ନତି



**ନୂଆଦିଲ୍ଲୀ,୧।୧୨:** କରୋନା ମହାମାରୀ ଯୋଗୁ ବଜାର ପ୍ରଭାବିତ ହୋଇ ରହିଛି। ଅକ୍ଟୋବରଠାରୁ ପୁଣି ଥରେ ସ୍ଥିତିରେ ସୁଧାର ଆସୁଥିବା ନଜରକୁ ଆସିଛି। ଦେଶର ଅଟୋମୋବାଇଲ କ୍ଷେତ୍ରର ବିକ୍ରି ଟ୍ରାକକୁ ଫେରୁଥିବା ନଜରକୁ ଆସିଛି। ଏମଜି ମୋଟର୍ସ ଇଣ୍ଡିଆ ଯାନର ଖୁଚୁରା ବିକ୍ରି କ୍ଷେତ୍ରରେ ଭଲ ରେକର୍ଡ ହାସଲ କରିଛି। ଚାଇନାର ଏସ୍‌ଏଆଇସି ମୋଟର୍ସ କର୍ପର ସମ୍ପୂର୍ଣ୍ଣ ସହଯୋଗୀ ଏହି କମ୍ପାନୀର ବିକ୍ରି ୨୮.୫% ବଢିଛି। ସେହିଭଳି ଅଶୋକ ଲେଲାଣ୍ଡର ବିକ୍ରି ନଭେମ୍ବରରେ ୫% ବଢିଥିବା ସୂଚନା ମିଳିଛି। ଟୟୋଟା ମୋଟର୍ସ ୨.୪% ଅଧିକ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ସେହିଭଳି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ବିକ୍ରି ୧.୭% ବଢିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ବଜାଜ ଅଟୋର ବିକ୍ରି ନଭେମ୍ବରରେ ୫% ଉର୍ଦ୍ଧ୍ୱରେ ରହିଛି। ଏସ୍କର୍ଟସ ଟ୍ରାକ୍ଟରର ବିକ୍ରିରେ ୩୩% ବୃଦ୍ଧି ଘଟିଥିବା ନଜରକୁ ଆସିଛି। ସୂଚନା ଯୋଗ୍ୟ, କରୋନା ଯୋଗୁ ବଜାର ପ୍ରଭାବିତ ରହିବା କାରଣରୁ ଗାଡି ବିକ୍ରି ପ୍ରଭାବିତ ସ୍ଥିତିରେ ରହିଥିଲା। ବିଭିନ୍ନ ବର୍ଗର ବିକ୍ରି ପ୍ରଭାବିତ ରହିଥିଲା। ହେଲେ ଏଥିରେ ବର୍ତ୍ତମାନ ପରିବର୍ତ୍ତନ ଦେଖାଯାଉଛି।

# ପୁଣି ଖସିଲା ମାନୁଫାକ୍ଚରିଂ ପିଏମ୍‌ଆଇ

**ନୂଆଦିଲ୍ଲୀ,୧।୧୨:** ଦେଶର ମାନୁଫାକ୍ଚରିଂ କ୍ଷେତ୍ର ପ୍ରଭାବିତ ସ୍ଥିତିରେ ରହିଛି। ଏହା ନଭେମ୍ବରରେ ୩ ମାସର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଫ୍ୟାକ୍ଟ୍ରି ଅର୍ଡର, ରପ୍ତାନି ଏବଂ କ୍ରେତାଙ୍କ କ୍ରୟ ଚାପଗ୍ରସ୍ତ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଆଇଏଚ୍‌ଏସ୍ ମାର୍କିଟ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ମାନୁଫାକ୍ଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍‌ଆଇ) ଅକ୍ଟୋବରରେ ୫୮.୯% ରହିଥିଲା। ଏହା ନଭେମ୍ବରରେ ୫୬.୩% ସ୍ତରରେ ରହିଛି। ମାନୁଫାକଚରିଂ ସାମାନ୍ୟ ଖସିଥିଲେ ମଧ୍ୟ ଏବେ ମଧ୍ୟ ଦୃଢତା ବଜାୟ ରଖିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହି ସୂଚୀ ୫୦ ସ୍ତରରୁ ଅଧିକ ରହିଲେ ମାନୁଫାକଚରିଂ ସମ୍ପ୍ରସାରଣ ହେଉଥିବା ଧରିନିଆଯାଏ। ନୂଆ ଅର୍ଡର ଆସିବା ଯୋଗୁ ମାନୁଫାକରିଂ ଟ୍ରାକକୁ ଫେରିବା ଧାରା ଜାରି ରହିଛି ବୋଲି ଆଇଏଚ୍‌ଏସ୍ ମାର୍କିଟର ଇକୋନୋମିକ୍ସ ଆସୋସିଏଟ ଡାଇରେକ୍ଟର ପଲିନା ଡି ଲିନା କହିଛନ୍ତି।

ଗତ ୩ ମାସରେ ଅର୍ଡର ଆସିବା ସାମାନ୍ୟ ଧୀମା ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। କୋଭିଡ୍-୧୯ ଯୋଗୁ ବଜାରର ବାଣିଜ୍ୟିକ ଆତ୍ମବିଶ୍ୱାସ ଏବେ ମଧ୍ୟ ପ୍ରଭାବିତ ହୋଇ ରହିଛି। ନିଯୁକ୍ତି ମଧ୍ୟ କମିଛି। ଇନପୁଟ ଖର୍ଚ୍ଚ ଏବଂ ଆଉଟପୁଟ ଚାର୍ଜ ବଢିଥିବା ନଜରକୁ ଆସିଛି। ସେପ୍ଟେମ୍ବର ତ୍ରୈମାସରେ ଆସିଥିବା ଜିଡିପି ଡାଟା ମୁତାବକ ଅଭିବୃଦ୍ଧି ପ୍ରଭାବିତ ହୋଇ ରହିଛି। ଜିଡିପି ହ୍ରାସ ୭.୫% ସ୍ତରରେ ରହିଛି। ଏହା ପୂର୍ବ ତ୍ରୈମାସ ତୁଳନାରେ କମ୍ ରହିଛି। ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ଖସିଥିଲା। ଲଗାତର ଦୁଇ ତ୍ରୈମାସ ଧରି ଜିଡିପି ଖସିଥିବାରୁ ଭାରତ ମାନ୍ଦାବସ୍ଥା ବଳୟରେ ରହିଥିବା ଜଣାପଡିଛି।






















See Career Appointment on every Wednesday & Saturday















**ସ୍ତ୍ରୀଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ**

ଖଇରା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କଖାରୁଆ ଗ୍ରାମର କୌଶଲ୍ୟା ମାଝି ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଖଇରା ପୋଲିସ ସ୍ୱାମୀ ଶଶିକାନ୍ତ ମାଝୀଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି । କୌଶଲ୍ୟାଙ୍କ ଭାଉଜ ଅନୁପମା ରାଉଳଙ୍କ ଅଭିଯୋଗ କ୍ରମେ ଶାରିରୀକ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କ ସମେତ ଶାଶୁ, ଦେଢଶୁର, ଯାଆଙ୍କ ନାମରେ ଏକ ମାମଲା(ନଂ.୨୫୧/୨୦) ରୁଜୁ କରିଛି ।



## ସଂକ୍ଷେପରେ

### ପାଟଣାରେ ଥମୁନି ହାତୀ ଉପଦ୍ରବ

**ପାଟଣା,୧।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ତଣ୍ଡ ବିଟ୍ ବଣ ମହୁଲଡିହା , ଡୁମୁରିଆ ଓ ହାତୀ ନୋଟା ଗ୍ରାମରେ ୧୯ ଟିକିଆ ହାତୀପଲଙ୍କ ଉପଦ୍ରବ ଥମିବାର ନା ଧରୁ ନାହିଁ। ଏହି ହାତୀପଲ ଦିନବେଳା ଗାଁ ପାଖ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଇ ଆଶ୍ରୟ ନେଉଥିବାବେଳେ ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି। ସୋମବାର ଏହି ହାତୀପଲ ବଣମହୁଲଡିହା ପାତୁଡି ସାହିରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଏହି ୧୯ ଟିକିଆ ହାତୀପଲରେ ଛୁଆ ହାତୀ ୬, ମାଈ ୧୦, ଦନ୍ତା ୩ ଥିବା ରେଞ୍ଜର ପବିତ୍ର ମୋହନ ନାଏକ ସୂଚନା ଦେଇଛନ୍ତି। ଖୁବ ଶୀଘ୍ର ଏହି ଅଞ୍ଚଳରୁ ହାତୀପଲଙ୍କୁ ବନ ବିଭାଗ ଘଉଡାଇବା ସହ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ପୋଲରେ ପିଟିହୋଇ ଅଟୋ ଚାଳକ ମୃତ

**ସଜନାଗଡ଼, ୧।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରିରୁ ଉଦଳା ଯାଉଥିବା ଏକ ଅଟୋ ଏକ ଗୋରୁକୁ ବଞ୍ଚାଇବାକୁ ଯାଇ ପୋଡ଼ାଶୁଳ ନିକଟ ବାଉଁଶନାଳଠାରେ ଏକ ଗୋରୁକୁ ବଞ୍ଚାଇବାକୁ ଯାଇ ପୋଲରେ ପିଟି ହୋଇଯିବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ପଥରଖଣି ଗ୍ରାମର ଗିରିଶ ଚନ୍ଦ୍ର ବେହେରା। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ନୀଳଗିରି ଏସ୍‌ଡିପିଓ ରୀତୀଶ କୁମାର ମହାପାତ୍ର ପହଞ୍ଚି ତଦନ୍ତ କରିଛନ୍ତି।

### ପୋଡ଼ିହୋଇ ମହିଳାଙ୍କ ଆତ୍ମହତ୍ୟା

**ବାରିପଦା ଅଫିସ,୧।୧୨:** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଦପୁର ଗ୍ରାମର ଜଣେ ମହିଳା ମଙ୍ଗଳବାର ସନ୍ଧ୍ୟାରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କାଳିଆ ସିଂଙ୍କ ସ୍ତ୍ରୀ ଟିକିଲି। ପାରିବାରିକ କଳହରୁ ଟିକିଲି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

### ଡାକ୍ତରଙ୍କ ପରଲୋକ

**ଝୁମ୍ପୁରା ୧।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଅଞ୍ଚଳର ଜଣାଶୁଣା ଡାକ୍ତର ସଲିମ୍ ଅନ୍‌ସାରୀଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ହୃଦରୋଗରେ ପିଡିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୩ଜଣ ଝିଅ, ଜ୍ୱାଇଁ ଉପସ୍ଥିତ ରହିଥିଲେ। କବର ଖାନାରେ ସର୍ଦ୍ଦାର ହାପିଜ୍ ଅନ୍‌ସାରୀଙ୍କ ତତ୍ତ୍ୱାବଧାନରେ ଦିବଂଗତ ଡାକ୍ତରଙ୍କ ପ୍ରତି ସମ୍ମାନ ଜଣାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଡାକ୍ତରଙ୍କ ମୃତ୍ୟୁକୁ ନେଇ ଝୁମ୍ପୁରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଧାନ ବୋଝେଇ ଟ୍ରାକ୍ଟରରେ ଲାଗିଲା ନିଆଁ

**କପ୍ତିପଦା,୧।୧୨(ଡ଼ି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ବିଶୋଳ ଛକରେ ଏକ ଧାନ ବୋଝେଇ ଟ୍ରାକ୍ଟରରେ ସୋମବାର ନିଆଁ ଲାଗି ଯାଇଥିଲା। ବିଶୋଳ ଗ୍ରାମର ଅଞ୍ଜନ ବେହେରା ବିଲରୁ ଧାନ କଳେଇ ବୋଝେଇ କରି ଆସୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେଥିରେ ନିଆଁ ଲାଗି ଯାଇଥିଲା। ଖବରପାଇ କପ୍ତିପଦା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# ୩ ବ୍ଲକରେ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ଅଧିକ

**ବାଲେଶ୍ୱର ଅଫିସ, ୧।୧୨**



ଏଡ୍‌ସ ଦିବସ ପାଳନ ଅବସରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ କକ୍ଷ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୁଲାଳସେନ ଜଗଦେବଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଡ୍‌ସ ରୋଗର ଭୟାବହତା ଓ 'ବିଶ୍ୱ ଏକତା, ଦାୟିତ୍ୱର ସମଭାଗିତା' ସମ୍ପର୍କିତ ବିଷୟ ଉପରେ ଆଲୋଚନା କରାଯାଇଥିଲା। ୨୦୦୩ରୁ ୨୦୨୦ ଅକ୍ଟୋବର ଶେଷ ସୁଦ୍ଧା ଜିଲାରେ ଚିହ୍ନଟ ହୋଇଥିବା ମୋଟ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ୧୬୮୯ରେ ପହଞ୍ଚିଛି। ଇତିମଧ୍ୟରେ ୩୯୧ଜଣ ଏଡ୍‌ସ ରୋଗୀ ମୃତ୍ୟୁବରଣ କରିଥିବା ବେଳେ ୧୧୮ଜଣ ଗର୍ଭବତୀ ଆକ୍ରାନ୍ତ ଅଛନ୍ତି। ତେବେ ଜିଲାର ଅନ୍ୟାନ୍ୟ ବ୍ଲକ ତୁଳନାରେ ଖଇରା, ସୋରୋ ଓ ସଦର ବ୍ଲକରେ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡିଛି। ଜିଲାରେ ଏବେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବା ଡିପିଏମ୍ ରଶ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡସ୍ ରୋଗ ଏବଂ ଏଚଆଇଭି ସଂକ୍ରମଣ ଉପରେ ଆଲୋକପାତ କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତବର୍ଷର ବିଶ୍ୱ ଏଡ୍‌ସ ଦିବସ ବିଷୟ ଉପରେ ଆଲୋକପାତ କରି ଏଡ୍‌ସ ରୋଗର ନିରାକରଣ ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଏଡିଏମ୍‌ଓ (ମେଡିକାଲ) ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡା ଅନ୍ତର୍ଯ୍ୟାମୀ ମିଶ୍ର ଏଚଆଇଭି ସଂକ୍ରମିତ ଏବଂ ଏଡ୍‌ସ ରୋଗୀମାନେ କିଭଳି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ ତାହା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଏଡ୍‌ସ ସଚେତନତା ବାର୍ତ୍ତା ସମ୍ପର୍କିତ ଏକ ରଙ୍ଗୋଲି ପ୍ରତିଯୋଗିତା ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ

ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଜିଲା ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ କକ୍ଷ ଡିପିଏମ୍ ରଶ୍ମିତା ମହାନ୍ତି ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବରିଷ୍ଠ ମେଡିକାଲ ଅଫିସର ଅନୁପ କୁମାର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଅତିଥିମାନେ ପତାକା ଦେଖାଇ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ୫ଦିନ ଧରି ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ଏଣିକି ପ୍ରତି ମମତା ଦିବସରେ ଗର୍ଭବତୀଙ୍କର ଏଚ୍‌ଆଇଭି ଓ ସିଫିଲସ୍ ପରୀକ୍ଷା ଲାଗି ବ୍ୟବହାର କରାଯିବାକୁ ଥିବା ଏକ କମ୍ବୋ କିଟ୍‌ର ଉଦଘାଟନ ସ୍ଥାନୀୟ ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଡିପିଏମ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଚାଷୀଙ୍କ ପାଇଁ ପ୍ରଚାର ରଥ ଆରମ୍ଭ



ପ୍ରଚାର ରଥକୁ ଶୁଭାରମ୍ଭ କରାଯାଉଛି।

**ଆନନ୍ଦପୁର,୧।୧୨(ସ୍ୱ.ପ୍ର.)**

ଖରିଫ ଋତୁରେ ଚାଷୀମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଧାନ ବିକ୍ରି କରିବା ଏବଂ ଧାନର ହାରାହାରି ମାନ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ମଙ୍ଗଳବାର ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି। ଏହି ସୂଚନା ରଥ ଦ୍ୱାରା ଖରିଫ୍ ଋତୁ ୨୦୨୦-୨୧ ରେ ସରକାରଙ୍କ ଦ୍ୱାରା ପରିଚାଳିତ ଧାନକ୍ରୟ କେନ୍ଦ୍ରରେ ଧାନକ୍ରୟର ସୂଚନା ପ୍ରଦାନ କରିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଏକାଦଶୀ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ତଥା ଉପଜିଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ରଥର ଶୁଭାରମ୍ଭ କରିଥିଲେ। ନିୟନ୍ତ୍ରିତ ବଜାର କମିଟିର ବରିଷ୍ଠ ହିସାବ ରକ୍ଷକ ଜଳଧର ସିଂହ ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏସିଏସଓ ବୁଦ୍ଧଦେବ ଜେନା, ଏଆରସିଏସ ନିତ୍ୟାନନ୍ଦ ଦେହୁରୀ, ଏସ୍‌ଆରସିଏସ କୈଳାସ ଚନ୍ଦ୍ର ନାୟକ, ବିଜୟ କୁମାର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ସହର ପରିକ୍ରମା କଲା ଏଡ୍‌ସ ସଚେତନତା ରଥ


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ସଚେତନତା ରଥ।

**ଭଦ୍ରକ ଅଫିସ,୧।୧୨**

ଭଦ୍ରକ ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ମଙ୍ଗଳବାର କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ନିରାଡ଼ମ୍ବର ସଭା ମାଧ୍ୟମରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ରଥ ସହର ପରିକ୍ରମା ପାଇଁ ଶୁଭାରମ୍ଭ କରାଯାଇଥିଲା। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଉପସ୍ଥିତ ଥିଲେ। ପରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ସଭା ହୋଇଥିଲା। ଜିଲା ଏଡ୍‌ସ ନିୟନ୍ତ୍ରକ ଅଧିକାରୀ ତଥା ଡିପିଏମ୍ ଦେବବ୍ରତ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁବାଶିଷ ମହାରଣା ଓ ଡା. ମୁରଲୀଧର ପାଢ଼ୀ ଯୋଗ ଦେଇଥିଲେ। ଜିଲାପାଳ ଡ. ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଶ୍ୱ ଏକତା, ସହଭାଗିତା ଓ ଦାୟିତ୍ୱ ବିଷୟବସ୍ତୁକୁ ନେଇ ଚଳିତବର୍ଷର ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଛି। କରୋନା ମହାମାରୀକୁ ଗୁରୁତ୍ୱ ଦେବାକୁ ଯାଇ ଏଡ୍‌ସ ଭଳି ଆଉ ଏକ ମହାମାରୀକୁ ଅଣଦେଖା କରିବା ଉଚିତ୍ ନୁହେଁ। ସଚେତନତା, ସଂଯମତା ଓ ଦାୟିତ୍ୱ ସମ୍ପନ୍ନ ଆଚରଣ ମାଧ୍ୟମରେ ଏହାର ନିରାକରଣ କରାଯାଇପାରିବ। ମୁଖ୍ୟ ଚିକିତ୍ସାଧିକାରୀ ଡା. ପାତ୍ର ଜିଲାର ଏଡ୍‌ସ ରୋଗୀଙ୍କ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ସଭାରେ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ବାରିପଦା ଅଫିସ,୧।୧୨**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୮୫୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ୬ବର୍ଷ ପୂର୍ବେ ପୀଡ଼ିତାଙ୍କ ସହ ତକତପୁର କଲୋନୀସାହିର ପ୍ରଦୀପ ମିଶ୍ରଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ପ୍ରଦୀପ ତାଙ୍କ ସହ ଶାରିରିକ ସମ୍ପର୍କ ରଖିଆସୁଥିଲେ । ମାତ୍ର ପ୍ରଦୀପ ବିବାହିତ ଥିବା ଜାଣିବା ପରେ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇଛି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଥିବା ଆଇଆଇସିବୀରେନ୍ଦ୍ରସେନାପତିକହିଛନ୍ତି।

## ଭାଇରାଲ୍ ଫଟୋକୁ ନେଇ ଥାନାରେ ମାମଲା

**ବାରିପଦା ଅଫିସ,୧।୧୨**

ମୟୂରଭଞ୍ଜ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୁନୀଲ ନାୟକଙ୍କ ଫଟୋକୁ ଏଡିଟିଂ କରି ଆପତ୍ତିଜନକ ଦର୍ଶାଇ ସୋସିଆଲ ମିଡିଆରେ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବାରିପଦା ଟାଉନ ଥାନା ପୋଲିସ ଏକ ମାମଲା (ନଂ. ୮୫୭/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଫଟୋ ଉଠାଇଥିବା ବ୍ୟକ୍ତି ଓ ଫଟୋକୁ ଏଡିଟ୍ କରି ଫେସ୍‌ବୁକ୍‌ର ୩ଟି ଗ୍ରୁପରେ ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାୟକ ଦାବି କରିଛନ୍ତି। ସୂଚନା ଅନୁଯାୟୀ, କିଛି ଦିନ ପୂର୍ବେ ବିଜୁ ଛାତ୍ର ଜନତା ଜିଲା ସଭାପତି ଭାବେ ସୁନୀଲଙ୍କୁ ମନୋନୀତ କରାଯାଇଥିଲା । ରାଜନୈତିକ ଉଦ୍ଦେଶ୍ୟ ରଖି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କ ଶୋଇଥିବା ଅବସ୍ଥାର ଫଟୋକୁ ଭିନ୍ନରୂପ ଦେଇ ପୋଷ୍ଟ କରିଥିଲେ। ଏଭଳି ହୀନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି ।

## ଚୋରି ଉଦ୍ୟମ, ଯୁବକ ଗିରଫ

**ରାଇରଙ୍ଗପୁର,୧।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ତଲି ରାଖାସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ସେହି ଗ୍ରାମର ସମ୍ବରା ମୁର୍ମୁ। ମଙ୍ଗଳବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ବନ୍ତଲି ରାଖାସାହି ଗ୍ରାମର ନବୀନ ପରିଡ଼ାଙ୍କ ଘରୁ ଗତ ସପ୍ତାହକ ତଳେ ଚୋରି ଉଦ୍ୟମ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୫୫/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ନବୀନଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ସମ୍ବରାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## 'ବାଲ୍ୟବିବାହ ଏକ ବ୍ୟାଧି, ସଚେତନତା ଏହାର ଔଷଧ'



ସଚେତନତା ନାଟକର ଏକ ଦୃଶ୍ୟ।

**ଭଦ୍ରକ ଅଫିସ, ୧।୧୨**

ମହିଳା ଓ ବାଳିକା ହିଂସା ନିରୋଧ ସପ୍ତାହ ପାଳନ ଅବସରରେ ଭଦ୍ରକ ଫେଲୋଶିପ୍ ସ୍ୱାଧାର ଗୃହରେ ବାଲ୍ୟ ବିବାହ ପ୍ରତିରୋଧ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫେଲୋଶିପ୍‌ର ଅଧ୍ୟକ୍ଷ ଲଲାଟେନ୍ଦୁ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ସଭାପତି ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ସମ୍ପାଦକ ଏସ୍ ଏମ୍ ଫାରୁକ୍, ଜୁଭେନାଇଲ ବୋର୍ଡର ସଦସ୍ୟ ଅଧିବକ୍ତା ଶିବ ପ୍ରସାଦ ମହାନ୍ତି, ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର, ଖବରଦାତା ତପନ ମିଶ୍ର ଓ ଛାତ୍ରୀ କଳ୍ପନା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବାଲ୍ୟ ବିବାହ ହେଉଛି ଏକ ବିରାଟ ସାମାଜିକ ବ୍ୟାଧି। ଏହି ବ୍ୟାଧିର ମହୌଷଧି ହେଉଛି କେବଳ ସଚେତନତା। ଲୋକେ ସଚେତନ ହେଲେ ଏ ବ୍ୟାଧି ମୂଳପୋଛ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟ ଜିଲାଗୁଡ଼ିକଠାରୁ ଭଦ୍ରକ ବାଲ୍ୟବିବାହ ପରିସଂଖ୍ୟାନରେ ବହୁ ତଳେ ରହିଛି ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ସ୍ୱାଧାର ଗୃହର ଅନ୍ତେବାସୀ ପିଲାମାନେ ବାଲ୍ୟବିବାହ କରିବା ଏକ ଅପରାଧ ଦର୍ଶାଇ ନାଟକ ପରିବେଷଣ କରିଥିଲେ। ସଭାପତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଶିଶୁ ଯତ୍ନ କେନ୍ଦ୍ର ଓ ସ୍ୱାଧାର ଗୃହ ଅଧକ୍ଷା ଯୋଗମାୟା ଚାନ୍ଦ ପରିଚାଳନା କରିଥିଲେ।

# ନାବାଳିକା ହତ୍ୟା ଘଟଣା, ଏନ୍‌ଏଚ୍‌ଆରସିରେ ମାମଲା

**କେନ୍ଦୁଝର, ୧।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ପୁରୁଣା ସହର ଜାତୀୟ ରାଜପଥ ୨୦ ନିକଟରୁ ପୋଲିସ ନଭେମ୍ବର ୨୦ ତାରିଖରେ ଏକ ଅଖାରେ ବନ୍ଧା ଜଣେ ନାବାଳିକାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଗତ୨୮ ତାରିଖରେ ଅଭିଯୋଗ ପରେ କମିଶନ ମଙ୍ଗଳବାର ଗ୍ରହଣ କରିଛନ୍ତି। ଉକ୍ତ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରି ହତ୍ୟା କରାଯାଇଥିବା ଆଶଙ୍କା କରି ଅଭିଯୋଗ ହୋଇଥିଲା। ତେବେ ପୋଲିସର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗକୁ କମିଶନ କେସ୍ (ନମ୍ବର ୩୦୪୦/୧୮/୧୮/୨୦୨୦)ରେ ଗ୍ରହଣ କରିଛନ୍ତି । ଉକ୍ତ ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ବାପା ୧୭ ତାରିଖରେ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ଗୁରୁତ୍ୱ ଦେଇ ଉଦ୍ଧାର କରିବା ପାଇଁ ପଦକ୍ଷେପ ନ ନେବାରୁ ଏଭଳି ଘଟଣା ଘଟିଥିବା ଅଭିଯୋଗକାରୀ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି। ଏଣୁ କ୍ଷତିଗ୍ରସ୍ତ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ଖିଲାପୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସେହିପରି ନାବାଳିକାଙ୍କ ବାପା ଝିଅର ମୃତ୍ୟୁ ପୋଲିସର ନିଷ୍କ୍ରିୟତା କାରଣରୁ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦୁଝର ଏସ୍‌ପିଙ୍କୁ ଲିଖିତ ନିବେଦନ କରିଛନ୍ତି ।

# ଖଇରାରେ ଯାଦବ ସମ୍ମିଳନୀ

**ଖଇରା, ୧।୧୨(ଡି.ଏନ.ଏ.)**


ସମ୍ମିଳନୀରେ ଉପସ୍ଥିତ ଯାଦବ ନେତୃବୃନ୍ଦ।

ଉତ୍କଳ ଯାଦବ ମହାସଭା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଯାଦବ ସମ୍ମିଳନୀ ରବିବାର ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ଇଂ. ରାଜେଶ ମହାକୁଡଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉତ୍କଳ ଯାଦବ ଯୁବ ମହାସଭାର ସଭାପତି ଇଂ. ପ୍ରଦୀପ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲା ଉତ୍କଳ ଯାଦବ ମହାସଭା ସଭାପତି ଡ. ସୁଧାଂଶୁ ନାୟକ, ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭା ସମ୍ପାଦକ କୈଳାସ ବାରିକ, ବରିଷ୍ଠ ଯାଦବ ନେତା ସମରଜିତ୍ ବେହେରା, ଜଗନ୍ନାଥ ଦାସ, କାର୍ତ୍ତିକ ବେହେରା, ମନୋଜ ଦାସ ପ୍ରମୁଖ ଯୋଗଦେଇ ଯାଦବମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଭାରେ ଖଇରା ବ୍ଲକର ସମସ୍ତ ୩୭ ପଞ୍ଚାୟତର ଯାଦବମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଯାଦବ ସଦସ୍ୟମାନଙ୍କ ସହମତିକ୍ରମେ ଖଇରା ବ୍ଲକ ଯାଦବ ମହାସଭାର ସ୍ଥାୟୀ କମିଟି ଗଠନ କରାଯାଇଛି। ଏହି କମିଟିରେ ସଭାପତି ଭାବେ ଲମ୍ବୋଦର ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ଚିରଞ୍ଜୀବ ଆଶିଷ ବାରିକ, ସାଧାରଣ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ବାରିକ, ଉପସଭାପତି ଭାବେ ତୁଷାରକାନ୍ତ ବାରିକ ଓ କୋଷାଧ୍ୟକ୍ଷ ଭାବେ ଜ୍ଞାନରଞ୍ଜନ ପାଇକରାୟଙ୍କୁ ଚୟନ କରାଯାଇଛି। ଏହି ସଭାରେ ଆଗାମୀ ଦିନରେ ଖଇରା ବ୍ଲକ ଯାଦବ ମହାସଭାକୁ ସୁଦୃଢ଼ କରିବା ସହିତ ଅଧିକରୁ ଅଧିକ ଯାଦବମାନଙ୍କୁ ସଙ୍ଗଠିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଡମ୍ବରୁଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳୁନି ଭତ୍ତା, ଟିଣ ଛପର ଭରସା

**ବାରିପଦା ଅଫିସ,୧।୧୨**


ଟିଣ ଛପର ଘର ସମ୍ମୁଖରେ ଶୁକଦେବ।

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକର ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ରାଜନେତା ତଥା ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ଏହି ବ୍ଲକ ବୁଡ଼ାମରା ପଞ୍ଚାୟତ ଅନ୍ତର୍ଗତ ରାଇକଳା ଗ୍ରାମର ୭୫ବର୍ଷୀୟ ବୃଦ୍ଧ ଶୁକଦେବ ଲାଗୁରୀ ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ଭତ୍ତା ପାଇଁ ସେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଭତ୍ତା ପାଇପାରି ନ ଥିବା କହିଛନ୍ତି। ଟିଣ ଛପର ତଳେ ରହୁଥିବା ଶୁକଦେବଙ୍କ ପରିବାର କହିଲେ ସେ ଏକା । ୧୦ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀ ଆରପାରିକୁ ଯିବା ପରେ ପରିବାରର ଅନ୍ୟ କେହି ନାହାନ୍ତି। ମୂଲ ମଜୁରୀ ଲାଗି ସେ ପେଟ ପୋଷୁଛନ୍ତି। ରୋଗବାଧକରେ ପଡ଼ିଲେ ପାଖ ପଡ଼ୋଶୀ ତାଙ୍କୁ ସହାୟତା କରିଥାନ୍ତି । ଭତ୍ତା ଆବେଦନ କରିବା ପାଇଁ ଫର୍ମ କିଣା ଠାରୁ ଆରମ୍ଭ କରି ଅନ୍ୟାନ୍ୟ କାଗଜପତ୍ର ବାବଦରେ ଅନେକ ଟଙ୍କା ଖର୍ଚ୍ଚ କରିଛନ୍ତି । ବିଭାଗୀୟ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଉଥିବା ବେଳେ ଅଦ୍ୟାବଧି ତାଙ୍କୁ ଭତ୍ତା ମିଳି ପାରିନାହିଁ । ସେହିପରି ୮ବର୍ଷ ପୂର୍ବେ ଆବାସ ଯୋଜନାରେ ତାଙ୍କର ଏକ ପକ୍କା ଘର ନିର୍ମାଣ କରାଯାଇଥିଲେ ହେଁ ଠିକାଦାର ଘରକୁ ଅସମ୍ପୂର୍ଣ୍ଣ କରି ଟଙ୍କା ଉଠାଇ ନେଇଛନ୍ତି । ଫଳରେ ଛାତ ପଡ଼ି ନ ଥିବା ଘରେ ଟିଣ ଛପର କରି ସେ ରହୁଛନ୍ତି। ଏ ସମ୍ପର୍କରେ ଏବିଡିଓ ସର୍ବେଶ୍ୱର ପଲେଇଙ୍କୁ ପଚାରିବାରୁ ଶୁକଦେବଙ୍କୁ ଖୁବଶୀଘ୍ର ଭତ୍ତା ପ୍ରଦାନ କରାଯିବ। ତେବେ ତାଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଯିବା ସହିତ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ଗ୍ରାମର ରେଟୟ ଚାମ୍ପିଆ, ଜନକ ଚାମ୍ପିଆ, ପୂର୍ଣ୍ଣଚନ୍ଦ୍ର ଗାଗରାଇ, ସୁଶାନ୍ତ ଗିରି ପ୍ରମୁଖ ଦାବି କରିଛନ୍ତି ।

## କାର୍ ଧକ୍କାରେ ୩ ଗୁରୁତର

ସୋର,(ଡି.ଏନ.ଏ.)-ସୋର କଲେଜ ଛକ ନିକଟରେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ୩ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ବାସୁଦେବପୁର ଥାନା ପଡୁଆ ଅଞ୍ଚଳର ପଙ୍କଜ ସାହୁ, ରବୀନ୍ଦ୍ର ସାନ୍ତରା ଓ ଆଲୋକ ପରିଡ଼ା।

# କେନ୍ଦୁଆପଦାରେ ହେବ ଫ୍ଲାଏଓଭର

ବନ୍ତ,୧।୧୨(ଡି.ଏନ.ଏ.)

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଜନ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ରବିବାର ବହିଷ୍କୃତ କରାଯାଇଛି। ତେବେ କେଉଁ ଜନବିରୋଧୀ କାର୍ଯ୍ୟ ସ୍ୱାମୀ କରିଛନ୍ତି ସେ ବିଷୟରେ ଗଣମାଧ୍ୟମକୁ ବିଜେଡି ପକ୍ଷରୁ ଜଣାଯିବା ଦରକାର ବୋଲି ପ୍ରଦୀପଙ୍କ ସ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି , ୩ ଥର ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ ଓଡ଼ିଶାବାସୀଙ୍କୁ ବୋକା ଭାବି ଭୂତାଉଛନ୍ତି। ତାଙ୍କ ଭାବୀ ଜ୍ୱାଇଁ ଆକାଶ ପାଠକ ଟାଟା ମୋଟର୍ସର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ। ସିଏ ସବୁଠୁ ମହଙ୍ଗା ଚାର୍ଟର ବିମାନରେ ଯାତ୍ରା କରନ୍ତି ଓ ଦାମୀ ଫ୍ଲାଟରେ ରୁହନ୍ତି ବୋଲି ପ୍ରଦୀପ କହିଥିଲେ। ଯେତେବେଳେ କି ଟାଟା କମ୍ପାନି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି , ଆକାଶ ପାଠକଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ବହୁ ଯୁବତୀଯୁବକଙ୍କୁ ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଜାଲ୍ ନିଯୁକ୍ତିପତ୍ର ଦେବା ସହ ଆକାଶ କୋଟି କୋଟ ଟଙ୍କା ଠକିଛନ୍ତି ବୋଲି କମ୍ପାନି ତାଙ୍କ ବିରୋଧରେ ଏତଲା ଦେଇଛି।

ପ୍ରଦୀପ ଭାବୁଛନ୍ତି ଓଡ଼ିଶାବାସୀ ମୂର୍ଖ। ତା' ନ ହୋଇଥିଲେ ଏପରି ହାଇ ପ୍ରୋଫାଇଲ ଠକାମିକୁ ଲୁଚାଇବାକୁ ଓଡ଼ିଶାବାସୀଙ୍କୁ ମନଗଢ଼ା କାହାଣୀ କହି ଦିନରେ ଜହ୍ନ ଦେଖାନ୍ତେ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ଗଞ୍ଜାମରେ ଯେତେବେଳେ କରୋନା ସ୍ଥିତି ଭୟଙ୍କର ଥିଲା, ଲୋକମାନେ ମରୁଥିଲେ ଏବଂ କୋଭିଡ୍ ଯୋଦ୍ଧାମାନେ ଦିନରାତି ସଂଘର୍ଷ କରୁଥିଲେ ସେତେବେଳେ ଗୋପାଳପୁର ବିଧାୟକ ତାଙ୍କ ପରିବାର ସହ ଦିଲ୍ଲୀରେ ପଞ୍ଚତାରକା ହୋଟେଲରେ ଦିନକୁ ଅଢ଼େଇ ଲକ୍ଷ ଟଙ୍କା ଉଡ଼ାଇ ମଉଜ କରୁଥିଲେ। ନିଜର ଅୟସ ପାଇଁ ଉଡ଼ାଉଥିବା ଟଙ୍କା କାହାର ଥିଲା। ଏତେ ଟଙ୍କା ସେ କେଉଁଠୁ ଆଣିଥିଲେ। ଏହା ଓଡ଼ିଶାବାସୀଙ୍କ ଝାଳବୁହା ଧନ ଥିଲା। ଯାହା ସେ ବେଧଡକ ଖର୍ଚ୍ଚ କରୁଥିଲେ। ଏହି ଟଙ୍କା ସେହିମାନଙ୍କର ଯେଉଁମାନେ ଖଣ୍ଡେ ଚାକିରି ପାଇବା ଆଶାରେ ତାଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ। ଏସବୁ ଜନବିରୋଧୀ କାର୍ଯ୍ୟକଳାପ ନୁହେଁ ତ ଆଉ କ'ଣ ବୋଲି ବିଜେଡି ପ୍ରଶ୍ନ କରିଛି। ୩ ଥର ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ମିଳିତ ଭାବେ ୨୧ ବର୍ଷର ଯୁବକ ତଥା ନିଜ ପୁଅ ଓ ଭାବୀ ଜ୍ୱାଇଁଙ୍କୁ ଟାଟା ମୋଟର୍ସର ଜାଲ୍ ଏମ୍‌ଡି କରିପାରନ୍ତି। ସେଭଳି ଲୋକଙ୍କୁ କ'ଣ କୁହାଯିବ। ପିଲାଙ୍କୁ ଭୁଲ୍ ପଥରେ ଯିବାକୁ ରୋକିବା, ଉଚିତ୍ ରାସ୍ତା ଦେଖାଇବା ମା'ବାପାଙ୍କ କର୍ତ୍ତବ୍ୟ। ହେଲେ ଏଠି ନିଜର ସ୍ୱାର୍ଥ ସକାଶେ ଆରାମଦାୟକ ଜୀବନ ପାଇଁ ମା'ବାପା ନିଜ ପିଲାଙ୍କୁ ଦୁର୍ନୀତିର ଦଳ ଭିତରକୁ ଠେଲି ଦେଇଛନ୍ତି। ଗୋଟିଏ ପରେ ଗୋଟିଏ ଦୁର୍ନୀତି କରିବାକୁ ପ୍ରୋତ୍ସାହନ ଦେଇଛନ୍ତି। ପ୍ରେସ୍ ମିଟ୍ କରି ଲୋକଙ୍କୁ ଭ୍ରମିତ କରିବା ସହ ଚାକିରି ପାଇଁ ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ତାଙ୍କ ବିରୋଧରେ ନ ଯିବାକୁ ପରୋକ୍ଷରେ ପ୍ରଦୀପ ଧମକାଇଥିଲେ। ଓଡ଼ିଶାବାସୀ ତାଙ୍କ ଚାଲ୍ ଜାଣି ପାରିଛନ୍ତି। ଏପରି ଧୋକାବାଜଙ୍କୁ ସେମାନେ ଛାଡିବେ ନାହିଁ। ଓଡ଼ିଶାବାସୀଙ୍କ କାମ କରିବା ବିଜେଡିର ଏକମାତ୍ର ଉଦ୍ଦେଶ୍ୟ। ପ୍ରଦୀପଙ୍କ ପରି ହୀନ ବ୍ୟକ୍ତି ଯିଏ ନିଜର ସ୍ୱାର୍ଥ ପାଇଁ ଭାବି ଜ୍ୱାଇଁଙ୍କୁ ବ୍ୟବହାର କରିପାରନ୍ତି, ନିଜର ନିର୍ବାଚନମଣ୍ଡଳୀବାସୀଙ୍କୁ ଧୋକା ଦେଇପାରନ୍ତି ଏବଂ ଓଡ଼ିଶାବାସୀଙ୍କୁ ମିଛ କହିପାରନ୍ତି ସେପରି ବ୍ୟକ୍ତିଙ୍କ ଦଳରେ ସ୍ଥାନ ନାହିଁ ବୋଲି ବିଜେଡି ଇସ୍ତାହାରରେ କୁହାଯାଇଛି। ବିଜେଡିର ଏଭଳି ଜବାବ ସମ୍ପର୍କରେ ପ୍ରଦୀପଙ୍କୁ ପଚରାଯିବାରୁ ସେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି।

# 'ସମ୍ପର୍କୀୟଙ୍କୁ ଥାର୍ଡ ଡିଗ୍ରୀ ପ୍ରୟୋଗ କରାଯାଉଛି'

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସୁରକ୍ଷା ମାଗିଲେ**

**ଭୁବନେଶ୍ୱର,୧।୧୨(ବ୍ୟୁରୋ)**

ବିଜେଡିରୁ ବହିଷ୍କୃତ ହେବା ପରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କର ସମ୍ପର୍କୀୟଙ୍କୁ ପୋଲିସ ଥାନାକୁ ଡକାଇ ଥାର୍ଡ ଡିଗ୍ରୀ ପ୍ରୟୋଗ କରୁଛି। ତାଙ୍କ ବିରୋଧରେ କୌଣସି ଏତଲା କିମ୍ବା ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଜାଣିଶୁଣି ହଇରାଣ କରାଯାଉଛି। ତେଣୁ ସୁରକ୍ଷା ପାଇଁ ସେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ ଏବଂ ପୋଲିସ ଡିଜିଙ୍କୁ ଚିଠି ଲେଖି ଜଣାଇଛନ୍ତି ବୋଲି ମଙ୍ଗଳବାର ପ୍ରଦୀପ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦୀପଙ୍କ କହିବାନୁଯାୟୀ ତାଙ୍କ ସମ୍ପର୍କୀୟଙ୍କୁ ନିର୍ଯାତନା ଦିଆଯିବା ସହ ସେମାନଙ୍କୁ ମୋ ବିରୋଧରେ ବୟାନ ଦେବାକୁ ବାଧ୍ୟ କରାଯାଉଛି। ସରକାର ମୋତେ ଏବଂ ମୋ ପରିବାରକୁ ହଇରାଣ କରିବା ଉଦ୍ଦେଶ୍ୟରେ ବିଭିନ୍ନ ତଦନ୍ତକାରୀ ସଂସ୍ଥାକୁ ବ୍ୟବହାର କରୁଛନ୍ତି। ପରୀ ହତ୍ୟା ଭଳି ମାମଲାରୁ ନଜର ହଟାଇବା ପାଇଁ ମୋ ବିରୋଧରେ ଏଭଳି ଷଡ଼ଯନ୍ତ୍ର କରାଯାଉଛି। ମୁଁ ଜାଣିପାରୁନି ମୋ ବିରୋଧରେ ହେଉଥିବା ଏଭଳି ଷଡ଼ଯନ୍ତ୍ର ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜାଣିଛନ୍ତି କି ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଫୋନ କଲେ ମଧ୍ୟ ତାଙ୍କ ସହିତ କଥା କରାଇ ଦିଆଯାଉ ନାହିଁ ବୋଲି ପ୍ରଦୀପ କହିଛନ୍ତି।



## ପ୍ରଥମ ପୃଷ୍ଠାରୁ

### ମାସେ ବି...

କମ୍ପାନୀକୁ କୁହାଯାଇଛି ବୋଲି ପରିଡା କହିଛନ୍ତି। ସେହିପରି ସରକାରୀ ତଥ୍ୟ ଅନୁଯାୟୀ, ବଲାଙ୍ଗୀର ଜିଲାରେ ମୋଟ ୨୭୮ ପ୍ରକଳ୍ପ ମଧ୍ୟରୁ ୧୮ଟି ଅଚଳ ହୋଇଥିବାବେଳେ ଅନୁଗୋଳରେ ୩୦୦ରୁ ୨୫, ଦେବଗଡ଼ରେ ୨୫୪ରୁ ୧୬, ନୟାଗଡରେ ୨୭୨ରୁ ୧୫, ବାଲେଶ୍ୱରରେ ୧୭୯ରୁ ୧୧, ବରଗଡ଼ରେ ୨୧୩ରୁ ୩ ପ୍ରକଳ୍ପ ଅଚଳ ହୋଇଛି। ଅନ୍ୟ ଜିଲା ମଧ୍ୟରେ ମୟୂରଭଞ୍ଜରେ ୮୦, କୋରାପୁଟରେ ୫୫, କଳାହାଣ୍ଡିରେ ୪୮, ଗଞ୍ଜାମରେ ୨୮, ବୌଦ୍ଧରେ ୧୧, କଟକରେ ୯, ଢେଙ୍କାନାଳରେ ୨୩, ଗଜପତିରେ ୧୭, ଭଦ୍ରକରେ ୩, ଜଗତ୍‌ସିଂହପୁରରେ ୨, ଝାରସୁଗୁଡ଼ାରେ ୧୦, କନ୍ଧମାଳରେ ୧୭, କେନ୍ଦ୍ରାପଡ଼ାରେ ୧, କେନ୍ଦୁଝରରେ ୮୩, ଖୋର୍ଦ୍ଧାରେ ୫, ମାଲକାନଗିରିରେ ୧୩, ନବରଙ୍ଗପୁରରେ ୭, ନୂଆପଡ଼ାରେ ୧୦, ପୁରୀରେ ୮, ରାୟଗଡ଼ାରେ ୨୬, ସମ୍ବଲପୁରରେ ୩୭, ସୁବର୍ଣ୍ଣପୁରରେ ୧୭ ଓ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୧୧୬ଟି ସୌରଚାଳିତ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସୁନ୍ଦରଗଡ଼ ଜିଲାରେ ଅଚଳ ପ୍ରକଳ୍ପ ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ଜଣେ ବିଭାଗୀୟ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏପରି କି ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ଯାଏ ଥିବାବେଳେ ତାହା କରାଯାଉ ନ ଥିବା ସେ କହିଛନ୍ତି। ଏଭଳି ପରିସ୍ଥିତି ଯୋଗୁ ରାଜ୍ୟରେ ହାରାହାରି ପ୍ରାୟ ୩୦ କୋଟି ଟଙ୍କା ବରବାଦ ହୋଇଯାଇଛି।

ମାଲକାନଗିରି ଜିଲା ଦାୟିତ୍ୱରେ ଥିବା ଓରେଡା ଉପ ନିର୍ଦ୍ଦେଶକ ଅରୁଣ କୁମାର ମହାପାତ୍ର କହିଛନ୍ତି ଯେ, ଜିଲାର ୩୮୨ ପ୍ରକଳ୍ପରୁ ୨୫ଟି ଅଚଳ ହୋଇଛି। ଅନେକ ପ୍ରକଳ୍ପର ମରାମତି ଆବଶ୍ୟକ ହେଲାଣି। ଆସନ୍ତା ମାସେ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକୁ ଜିଲା ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗକୁ ହସ୍ତାନ୍ତର କରାଯିବ। ଏହାର ରକ୍ଷଣାବେକ୍ଷଣ ଏବଂ ଜଳ ଯୋଗାଣ ଦାୟିତ୍ୱ ଆମ ବିଭାଗ ଆଉ ବୁଝିବ ନାହିଁ ବୋଲି ସେ କହିଛନ୍ତି।

ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଏନ୍‌ଆର୍‌ଡିଡବ୍ଲ୍ୟୁପି) ଜରିଆରେ ପ୍ରାୟ ସାଢେ ୪ ଲକ୍ଷ ଟଙ୍କା ଖର୍ଚ୍ଚରେ ୯୦୦ ଡବ୍ଲ୍ୟୁପି କ୍ଷମତା ବିଶିଷ୍ଟ ପ୍ରକଳ୍ପରେ ୧ ଏଚ୍‌ପି ସବ୍‌ମରସିବଲ ପମ୍ପ ସ୍ଥାପନ ହୋଇଥାଏ। ଏହି ପମ୍ପ ବଳରେ ଦୈନିକ ୮ ହଜାରରୁ ୧୦ ହଜାର ଲିଟର ପର୍ଯ୍ୟନ୍ତ ଜଳଯୋଗାଣ ହୋଇଥାଏ। ହେଲେ କେତେକ ବୋର୍‌ୱେଲ୍ ଆବଶ୍ୟକ ଗଭୀର ପର୍ଯ୍ୟନ୍ତ ଖନନ ହୋଇ ନଥିବାରୁ ସୌରଚାଳିତ ପ୍ରକଳ୍ପ ଅକାମୀ ହେଉଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ତାଳଜଙ୍ଗ ପଞ୍ଚାୟତର ପଥୁରିଆ ବସ୍ତିରେ ଟାଟା ପାୱାର ଜରିଆରେ ହୋଇଥିବା ପ୍ରକଳ୍ପ ୬୪୨ ଦିନ ଚାଲିବା ପରେ ଅଚଳ ହୋଇ ପଡ଼ିଥିଲା। ସେହିପରି ସୁକିନ୍ଦା ବ୍ଲକ ଗୋବରଘାଟି ପଞ୍ଚାୟତର ମିର୍ଗିଚରା, ଚିଙ୍ଗୁଡିପାଳ ପଞ୍ଚାୟତ ଛତାନଗର ଗ୍ରାମର ମୁଣ୍ଡାସାହି ଓ କଅଁସ ପଞ୍ଚାୟତର ତଳଙ୍ଗୀ ଗ୍ରାମର ପେଠସାହିରେ ଭୂତଳ ଜଳ କମ୍ ରହିଥିବାରୁ ତାହା ଅଚଳ ହୋଇ ପଡିଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଥିଲା।

ଅଚଳ ପ୍ରକଳ୍ପ ସମ୍ପର୍କରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ରିପୋର୍ଟ ମାଗିବା ପରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ଡିସେମ୍ବର ୩ ସୁଦ୍ଧା ଅଚଳ ପ୍ରକଳ୍ପଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍ବୋଚ୍ଚ ଯନ୍ତ୍ରୀ ଗତ ୨୭ ତାରିଖରେ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଓରେଡା ସଂସ୍ଥାକୁ ଏନେଇ ସୂଚିତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ବାହୀ ଯନ୍ତ୍ରୀମାନଙ୍କୁ କୁହାଯାଇଛି।

### ନାବାଳିକାଙ୍କୁ ବଳାତ୍କାର...

ଆରମ୍ଭ କରିଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଷଡ଼ଙ୍ଗୀ ଏକ ଟିମ୍ କରି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନୀଳଗିରି ଏସ୍‌ଡିପିଓ ରୀତେଶ କୁମାର ମହାପାତ୍ର ଓ ଆଇଆଇସି ପ୍ରଭଞ୍ଜନ ବେହେରା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଇଟାଭାଟିକୁ ଯାଇ ମଧ୍ୟ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ନୀଳଗିରି ଶ୍ରମ ଅଧିକାରୀ ମଧ୍ୟ ଇଟାଭାଟିକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ମନୋଜ ରାଉତ ନୀଳଗିରି ଥାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ମାଜିଷ୍ଟ୍ରେଟ ମଧ୍ୟ ଉପସ୍ଥିତ ଥିଲେ। ଏନେଇ ନୀଳଗିରି ଥାନାରେ ଏକ ମାମଲା(ନଂ.୩୯୫/୨୦) ରୁଜୁ ହୋଇଛି। ଦଫା ୩୨୮, ୩୦୨, ୩୭୬ (ଡିଏ) ଆଇପିସି ୬ ପୋକ୍‌ସୋ ଧାରାରେ ମାମଲା ରୁଜୁ ହୋଇଥିବା ଆଇଆଇସି ପ୍ରଭଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଫାଶରେ ହାତୀ ମୃତ

**ସାତମାଇଲ, ୧।୧୨(ଡି.ଏନ୍.ଏ.)**

ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିଲା ବିଦ୍ୟୁତ୍ ଫାଶ। ସେଥିରେ ଛନ୍ଦି ହୋଇ ଏକ ମାଖନା ଦନ୍ତାହାତୀର ମୃତ୍ୟୁ ଘଟିଛି। ଘଟଣା ଘଟିଛି ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅଧୀନ ବେଣୀପଥର ଗ୍ରାମ ନିକଟରେ। ଏହା ଜଣାପଡ଼ିବା ପରେ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଖବର ଲେଖାଯିବା ଯାଏ କାହାରିକୁ ଗିରଫ କରାଯାଇନାହିଁ।

କଡ଼ଲା ପଞ୍ଚାୟତ ଅଧୀନ ବେଣୀପଥର ଗ୍ରାମ ଆଖପାଖ ଅଞ୍ଚଳରେ କିଛିଦିନ ହେଲା ଜନ୍ତୁ ଶିକାର ବଢ଼ିବାରେ ଲାଗିଛି। ଜଙ୍ଗଲୀଜନ୍ତୁ ଖାଦ୍ୟ ଅନ୍ୱେଷଣରେ ରାତିଅଧରେ ଜମିରେ ପଶୁଛନ୍ତି। ଏହାର ସୁଯୋଗ ନେଉଛନ୍ତି ଶିକାରୀ। ଜମି ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ତାର ବିଛାଇ ଶିକାର କରୁଛନ୍ତି। ଗତ ସୋମବାର ରାତିରେ ଗ୍ରାମ ନିକଟ ଧାନଜମି ସଂଲଗ୍ନ ପଡ଼ିଆରେ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ଶିକାରୀମାନେ ତାର ବିଛାଇଥିଲେ। ଏଥିରେ ପଡ଼ି ଉକ୍ତ ହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଘଟଣାସ୍ଥଳରୁ ଏକ ବାରହାର ମୃତଦେହ ମଧ୍ୟ ଜବତ କରାଯାଇଛି। ଏହାର ମୃତ୍ୟୁ ମଧ୍ୟ ବିଦ୍ୟୁତ୍ ଆଘାତରେ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନା ପାଇ ଡିଏଫ୍‌ଓ ପ୍ରକାଶଚାନ୍ଦ ଗୋଗିନେନି, ଏସିଏଫ୍ ସୁବ୍ରତ ପାତ୍ର, ୱାଇଲ୍ଡ ଲାଇଫ୍ ପିସିସିଏଫ୍ ହରିଶଙ୍କର ଉପାଧ୍ୟାୟ, ଆର୍‌ସିସିଏଫ୍ ପ୍ରଦୀପରାଜ କରାଟ, ହିନ୍ଦୋଳ ରେଞ୍ଜର ଲୋହିତ କୁମାର ରଥ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଉଭୟ ଜନ୍ତୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋତିଦିଆଯାଇଛି।



ବେଣୀପଥର ଗ୍ରାମ ନିକଟରେ ପଡ଼ିଥିବା ମୃତ ହାତୀ।

## କାଦୁଅରେ ଗଲା ଶାବକ ଜୀବନ

**ଶେରଗଡ଼, ୧।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଲାଉଗୁଡ଼ା ନିକଟ ନାଳରେ ଫଶି ସୋମବାର ଏକ ହାତୀ ଶାବକର ମୃତ୍ୟୁ ଘଟିଛି। ଏହି ଅଣ୍ଡିରା ହାତୀଟିର ଆନୁମାନିକ ବୟସ ୩ ମାସ ହେବ। ସୂଚନା ପାଇ ଶେରଗଡ ଫରେଷ୍ଟର ଶୁଭଶ୍ରୀ ଶତପଥୀ, ଷଡ଼ଙ୍ଗୀପଲ୍ଲି ଫରେଷ୍ଟର ଶାନ୍ତନୁ କୁମାର ନାୟକ, ଆସିକା ରେଞ୍ଜର ପ୍ରସନ୍ନ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ରାତି ୧୨ଟାବେଳେ ମୃତହାତୀକୁ ଷଡ଼ଙ୍ଗୀପଲ୍ଲି ବନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ମଙ୍ଗଳବାର ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସତ୍ୟନାରାୟଣ ବେହେରା, ସହକାରୀ ବନ ସଂରକ୍ଷକ (ଏସିଏଫ୍) ଶଙ୍କର୍ଷଣ ବେହେରା, ଶେରଗଡ଼ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ମୃତଦେହ ପୋତି ଦିଆଯାଇଛି।

**ବଢୁଛି ଶୀତ**

## ସୋନପୁର ୮.୮ ଡିଗ୍ରୀ, କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୧।୧୨(ବ୍ୟୁରୋ)**

ରାଜ୍ୟରେ ହାଲୁକା ଶୀତ ଜାରିରହିଛି। ମଙ୍ଗଳବାର ରାଜ୍ୟରେ ୩ ସହର ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ଥିବା ବେଳେ ୧୪ ଡିଗ୍ରୀ ତଳେ ୯ ସହର ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ଦାରିଙ୍ଗବାଡି ୯, ଫୁଲବାଣୀ ୯.୮, କୋରାପୁଟ ୧୨.୪, କେନ୍ଦୁଝର ୧୨.୪, ଝାରସୁଗୁଡା ୧୩.୪, ବାରିପଦା ୧୨, ଅନୁଗୋଳ ୧୦, ବଲାଙ୍ଗୀର ୧୪, ଭବାନୀପାଟଣା ୧୨, ତାଳଚେର ୧୪, ସୁନ୍ଦରଗଡ଼ ୧୪, କଟକ ୧୪.୫, ଚାନ୍ଦବାଲିରେ ସର୍ବନିମ୍ନ ତାପମାତ୍ରା ୧୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବା ସହ କେତେକ ଜିଲାରେ କୁହୁଡି ହେବ ବୋଲି ଅନୁମାନ କରାଯାଇଛି।

## ପିଲାଙ୍କୁ ପାଠ ପଢ଼ାଉଛନ୍ତି ଯବାନ

ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲାର ଖାଜୁଵାଲା ବର୍ଡରରେ ଥିବା ସିଆର୍‌ପିଏଫ୍ ଯବାନ ଏବେ ନିକଟସ୍ଥ ଗାଁର ପିଲାମାନଙ୍କୁ ପାଠ ପଢାଉଛନ୍ତି। କରୋନା ପାଇଁ ଯବାନମାନେ ଗାଁର ପିଲାମାନଙ୍କୁ ଡିଜିଟାଲ ଶିକ୍ଷା ଦେଉଛନ୍ତି। ଏମିତି କି ଯବାନମାନେ ନିଜ ଖର୍ଚ୍ଚରେ କମ୍ପ୍ୟୁଟର କିଣି ପିଲାଙ୍କୁ ପାଠ ପଢାଉଛନ୍ତି। ଯବାନଙ୍କର ଏଭଳି କାମରେ ଏବେ ସ୍ଥାନୀୟ ଲୋକେ ବହୁତ ଖୁସି। ଏମିତି କି ପିଲାମାନେ ଯବାନଙ୍କ ପାଖରୁ ଡିଜିଟାଲ ଶିକ୍ଷା ନେବାପାଇଁ ଅତ୍ୟନ୍ତ ଆଗ୍ରହ ଦେଖାଉଛନ୍ତି। ପାଠ ପଢ଼ିବାର ସୁଯୋଗ ପାଉ ନ ଥିବା ପିଲାମାନେ ଏବେ କମ୍ପ୍ୟୁଟର ଚଳାଇବା ଶିଖିବା ସହିତ ନୂଆ କଥା ସବୁ ଶିଖି ପାରୁଛନ୍ତି।

# ଇକୋଫ୍ରେଣ୍ଡଲି 'ଅଳକାନନ୍ଦା କ୍ରୁଜ୍'

**ବାରାଣସୀର ପ୍ରସିଦ୍ଧ ବାବା ବିଶ୍ୱନାଥ ମନ୍ଦିରରେ ଅନୁଷ୍ଠିତ ଦେବ ଦୀପାବଳି ଉତ୍ସବରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଅଳକାନନ୍ଦା କ୍ରୁଜ୍'ରେ ଜଳଯାତ୍ରା କରିଥିଲେ। ଏହା ପରେ ଏହି ଭବ୍ୟ ଜାହାଜକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ପୃଥିବୀର ସବୁଠାରୁ ପୁରାତନ ସହର ଦେଇ ପ୍ରବାହିତ ଗଙ୍ଗା ନଦୀରେ ଥିବା ଏହି କ୍ରୁଜ୍‌ରେ ପଞ୍ଚତାରକା ହୋଟେଲ ଭଳି ସମସ୍ତ ସୁବିଧା ରହିଛି। କେବଳ ଏତିକି ନୁହେଁ, ଏହାର ଆଭ୍ୟନ୍ତରୀଣ ପରିବେଶ ମଧ୍ୟ ଇକୋ ଫ୍ରେଣ୍ଡଲି।**



**ବାରାଣସୀ:** ହିନ୍ଦୁ ସଂସ୍କୃତିର ସପ୍ତତୀର୍ଥ ମଧ୍ୟରେ ଅନ୍ୟତମ ବାରାଣସୀ। ଗଙ୍ଗାଘାଟ ଲାଗି ଏହା ଯେତିକି ପ୍ରସିଦ୍ଧ, ଏଠାରେ ନିୟୋଜିତ 'ଅଳକାନନ୍ଦା କ୍ରୁଜ୍' ଲାଗି ସେତିକି ଚର୍ଚ୍ଚିତ। ବାରାଣସୀର ଅଶୀଘାଟଠାରୁ ରାଜଘାଟ ପର୍ଯ୍ୟନ୍ତ ଚାଲୁଥିବା ଏହି ବିଳାସମୟ ଜାହାଜରେ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ।

୨,୦୦୦ ବର୍ଗଫୁଟ ବିଶିଷ୍ଟ 'ଅଳକାନନ୍ଦା କ୍ରୁଜ୍' ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ। ଏକ ଫାଇଭ୍ ଷ୍ଟାର ହୋଟେଲରେ ଯେଉଁ ସବୁ ସୁବିଧା ରହିଥାଏ, ଡବଲ ଡେକର ବିଶିଷ୍ଟ ଏହି କ୍ରୁଜ୍‌ରେ ସେସବୁ ରହିଛି। ଏହାର ଝରକାଗୁଡ଼ିକ ଖୁବ୍ ବଡ଼, ଯାହା ସହାୟତାରେ ଯାତ୍ରୀମାନେ ଗଙ୍ଗାନଦୀରେ ଜଳଯାତ୍ରାକୁ ସ୍ମୃତିମଧୁର କରିପାରିବେ। ସକାଳେ ଅଶୀ ଘାଟରେ ହେଉଥିବା ସୁବହ-ଏ-ବନାରସ ଏବଂ ସନ୍ଧ୍ୟାରେ ଦଶାଶ୍ୱମେଧ ଘାଟରେ ଗଙ୍ଗା ଆଳତିର ଦୃଶ୍ୟକୁ ଅତି ନିକଟରୁ କ୍ରୁଜ୍ ଦେଖାଇଥାଏ।

କ୍ରୁଜ୍‌ର ତଳ ଡେକ୍‌ରେ ୬୦ ଏବଂ ଉପର ଡେକ୍‌ରେ ୩୦ ଜଣ ବସିବା ସୁବିଧା ରହିଛି। ଯାତ୍ରୀଙ୍କ ଲାଗି ଏଠାରେ ସ୍ୱାଦିଷ୍ଟ ବ୍ୟଞ୍ଜନ ବ୍ୟବସ୍ଥା ମଧ୍ୟ ଉପଲବ୍ଧ। ଷ୍ଟ୍ରିଟ୍‌ଫୁଡ୍‌ଠାରୁ ଆରମ୍ଭ କରି ଶାକାହାର ଏବଂ ଅନ୍ୟ ସୁଆଦିଆ ଖାଦ୍ୟ ଅର୍ଡର ଅନୁଯାୟୀ ଯୋଗାଇ ଦିଆଯାଏ। କ୍ରୁଜ୍‌ର ଦ୍ୱିତୀୟ ମହଲାରେ ଅତ୍ୟାଧୁନିକ ରେଷ୍ଟୁରାଣ୍ଟ ରହିଛି। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ତାଳେ ତାଳେ ଏଥିରେ ଜଳଯାତ୍ରା ପର୍ଯ୍ୟଟକଙ୍କୁ ଅଧିକ ଆମୋଦିତ କରିଥାଏ। 'ଅଳକାନନ୍ଦା କ୍ରୁଜ୍'ରେ ଯାତ୍ରା ଲାଗି ଜଣକା ୭୫୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଏଥିସହ ଟ୍ୟାକ୍ସ ଏବଂ ଖାଦ୍ୟପେୟଜନିତ ଅନ୍ୟ ଖର୍ଚ୍ଚ ଅଲଗା ରହିଛି। କ୍ରୁଜ୍ ଦୈନିକ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ଯାତ୍ରା କରେ। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଗଙ୍ଗା ଆଳତି ଦେଖିବା ଲାଗି ଏଥିରେ ଯାତ୍ରା କରିବାକୁ ପ୍ରାଥମିକତା ଦେଇଥାନ୍ତି। ଅପରାହ୍ନରେ କ୍ରୁଜ୍‌ରେ କର୍ପୋରେଟ ମିଟିଂ ପାର୍ଟି ଲାଗି ବୁକ୍ କରାଯାଇଥାଏ। କରୋନାଜନିତ ଲକ୍‌ଡାଉନ କାରଣରୁ 'ଅଳକାନନ୍ଦା କ୍ରୁଜ୍'ର ସେବା ପ୍ରଭାବିତ ହୋଇଥିଲା। ତେବେ କୋଭିଡ୍ କଟକଣା ଅନୁଯାୟୀ ଏହାକୁ ପୁନର୍ବାର ଆରମ୍ଭ କରାଯାଇଛି। ଷ୍ଟାର୍ଟଅପ୍ ଇଣ୍ଡିଆ ଆନୁକୂଲ୍ୟରେ ନିର୍ମାଣ କରାଯାଇଥିବା ଏହି କ୍ରୁଜ୍ ପ୍ରସ୍ତୁତରେ ରିଭର ବୋଟ୍ କମ୍ପାନୀ 'ନର୍ଡିକ୍ କ୍ରୁଜ୍‌ଲାଇନ' ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛି। ଗଙ୍ଗା ଆଳତି ଦର୍ଶନ କରିବାକୁ ପୃଥିବୀରୁ ଲକ୍ଷାଧିକ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଆସୁଥିବାବେଳେ ସେମାନଙ୍କୁ ସୁବିଧା ଯୋଗାଇଦେବା ଏହି ଅତ୍ୟାଧୁନିକ କ୍ରୁଜ୍‌ର ଉଦ୍ଦେଶ୍ୟ।

ଗଙ୍ଗାକୁ ପ୍ରଦୂଷଣମୁକ୍ତ କରିବାକୁ କେନ୍ଦ୍ର ସରକାର ଅଭିଯାନ ଆରମ୍ଭ କରିଛନ୍ତି। ଏଥିଲାଗି ବହୁ କୋଟି ଟଙ୍କାର ପ୍ରକଳ୍ପ 'ନମାମି ଗଙ୍ଗେ' କାର୍ଯ୍ୟକାରୀ କରାଯାଇଛି। ତେଣୁ 'ଅଳକାନନ୍ଦା କ୍ରୁଜ୍'ରେ ଯାତ୍ରା କରିବା ସମୟରେ ନଦୀଜଳ ଯେପରି ପ୍ରଦୂଷିତ ନ ହେବ, ସେଥିଲାଗି ବିଶେଷ ଧ୍ୟାନ ଦିଆଯାଇଛି। ଶୌଚ କରିବା ଲାଗି ଏଠାରେ ରହିଛି ବାୟୋ ଟଏଲଟ୍ ବ୍ୟବସ୍ଥା। ଖାଦ୍ୟପେୟ ପରେ ବର୍ଜ୍ୟବସ୍ତୁ ପାଣିରେ ନ ପକାଇବାକୁ କଡ଼ା ନିୟମ କରାଯାଇଛି। ବିଭିନ୍ନ ବର୍ଜ୍ୟ ଲାଗି ପୃଥକ୍ ଡଷ୍ଟବିନ ରହିଛି। କ୍ରୁଜ୍‌ର ଇଞ୍ଜିନ୍‌କୁ ପରିବେଶ ଅନୁକୂଳ ଭଳି ନିର୍ମାଣ କରାଯାଇଛି। ଏହା ସାଉଣ୍ଡପ୍ରୁଫ୍ ମଧ୍ୟ, ଯାହା ପର୍ଯ୍ୟଟକଙ୍କ ଯାତ୍ରାକୁ ଅଧିକ ଆରାମଦାୟକ କରିଥାଏ। ସେହିପରି ଜରୁରିକାଳୀନ ସମୟରେ ଯାତ୍ରୀଙ୍କ ଲାଗି ସୁରକ୍ଷା ଜ୍ୟାକେଟ, ଲାଇଫ୍‌ଗାର୍ଡ ସମେତ ଲାଇଫ୍ ବୋଟ ବ୍ୟବସ୍ଥା ମଧ୍ୟ ରହିଛି।

## ନୂଆ ଅବତାରରେ ଜାକ୍‌ଲିନ




**ମୁମ୍ବାଇ:** ସାଜିଦ୍ ନାଡିଆଡ୍‌ୱାଲାଙ୍କ ଆକ୍ସନ କମେଡି ଫିଲ୍ମ ବଚ୍ଚନ ପାଣ୍ଡେରେ ଏବେ ଆଉ ଜଣେ ବଲିଉଡ୍ ସେଲିବ୍ରିଟିଙ୍କ ନାଁ ସାମିଲ ହୋଇଯାଇଛି। ସୁପରଷ୍ଟାର ଅକ୍ଷୟ କୁମାର, କ୍ରିତି ସାନନ, ଅରଶଦ ୱାରସିଙ୍କ ଭଳି ଏବେ ଏମାନଙ୍କ ସହ ସାମିଲ ହୋଇଛନ୍ତି ଜାକ୍‌ଲିନ ଫର୍ଣ୍ଣାଡିଜ୍। ଆସନ୍ତାବର୍ଷ ଜାନୁୟାରୀରେ ଏହାର ଶୁଟିଂ ଆରମ୍ଭ ହେବାକୁ ଥିବା ବେଳେ ଏଥିରେ ଜାକ୍‌ଲିନ ସମ୍ପୂର୍ଣ୍ଣ ନୂଆ ଅବତାରରେ ନଜର ଆସିବେ। ଫିଲ୍ମକୁ ନେଇ ଜାକ୍‌ଲିନ କହିଛନ୍ତି, ଇଣ୍ଡଷ୍ଟ୍ରିରେ ନୂଆ ନୂଆ ପ୍ରବେଶ କରିବା ସମୟରେ ସେ ନାଡିଆଡ୍‌ୱାଲାଙ୍କ ସହ ହାଉସ୍‌ଫୁଲରେ କାମ କରିଥିଲେ। ଏହା ପରେ ତାଙ୍କ ସହ ଏକ ଭଲ ସମ୍ପର୍କ ଗଢି ଉଠିଥିଲା। ଆଉ ଏବେ ପୁଣିଥରେ ତାଙ୍କ ସହ କାମ କରିବାକୁ ନେଇ ସେ ଖୁବ୍ ଉତ୍ସାହିତ ଅଛନ୍ତି ବୋଲି ଇନଷ୍ଟାରେ ଏହା ଶେୟାର କରି ସେ ଜଣାଇଛନ୍ତି। ବଚ୍ଚନ ପାଣ୍ଡେକୁ ମିଶାଇଲେ ଏହା ତାଙ୍କର ଅଷ୍ଟମ ଫିଲ୍ମ। ଆଉ ଥରେ ଅକ୍ଷୟଙ୍କ ସହିତ କାମ କରିବାକୁ ଚାହିଁ ବସିଥିଲି ବୋଲି ଜାକ୍‌ଲିନ କହିଛନ୍ତି। କାରଣ ଶୁଟିଂ ସେଟ୍‌ରେ ଆମର ବହୁତ ମସ୍ତି ହୁଏ। ଏହି ଫିଲ୍ମର ଶୁଟିଂ ଜାନୁୟାରୀରୁ ଜୈସଲମେର୍‌ରୁ ଆରମ୍ଭ ହେବ। ଏହି ମୁଭିରେ ଅକ୍ଷୟ ଏକ ଗ୍ୟାଙ୍ଗଷ୍ଟର ଭୂମିକାରେ ନଜର୍ ଆସିବେ।

# କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି ହେଉ

**ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ**



ପ୍ରତିବର୍ଷ ଡିସେମ୍ବର ୨କୁ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଭାବେ ପାଳନ କରାଯାଇଥାଏ। ମାନବ ଚାଲାଣ ରୋକିବା, ଶ୍ରମ, ବେଶ୍ୟାବୃତ୍ତି ଆଦି କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଗୋଲାମ କରି ରଖିବାର କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଥମ ଥର ପାଇଁ ୧୯୮୬ରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଅନୁମୋଦନ ଲାଭ କରିଥିଲା । ସେବେଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ଦିବସ ଉପଲକ୍ଷେ ଦାସତ୍ୱ ପ୍ରଥାର ବିଲୋପ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆନ୍ତର୍ଜାତିକ ସ୍ତରରେ ଦାସତ୍ୱକୁ ବେଆଇନ ଘୋଷଣା କରାଯାଇଛି।

ଏବେ ସାରା ବିଶ୍ୱରେ ୩କୋଟିରୁ ଅଧିକ କ୍ରୀତଦାସ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭାରତରେ ଅଛନ୍ତି। ଭାରତରେ ଏବେ ବି ୧କୋଟି ୪୦ ଲକ୍ଷ କ୍ରୀତଦାସ ଅଛନ୍ତି। କ୍ରୀତଦାସ ପ୍ରଥା ବିରୋଧରେ କାର୍ଯ୍ୟ କରୁଥିବା 'ୱାକ୍ ଫ୍ରି ଫାଉଣ୍ଡେଶନ' ନିକଟରେ ରିପୋର୍ଟରେ ପ୍ରକାଶ କରିଥିବାବେଳେ ସାରା ବିଶ୍ୱରେ କେତେ କ୍ରୀତଦାସ ଅଛନ୍ତି ତା'ର ତାଲିକା ପ୍ରଦାନ କରିଛି। ଏଥିରେ ୧୬୨ଟି ଦେଶରେ କେତେ କ୍ରୀତଦାସ ରହୁଛନ୍ତି, କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ତଥା ଏହାକୁ ରୋକିବାରେ ସରକାରଙ୍କ ସାମର୍ଥ୍ୟ ଉପରେ ସବିଶେଷ ଅଧ୍ୟୟନ କରାଯାଇଛି । ଯୌନକର୍ମୀ କିମ୍ବା ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଅନେକ ସମୟରେ ହେଉଥିବା ମାନବ ଚାଲାଣ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ସାରା ବିଶ୍ୱରେ ୨.୯୮କୋଟି କ୍ରୀତଦାସ ରହୁଥିବାବେଳେ ଏଥିରୁ ପ୍ରାୟ ୭୬ ପ୍ରତିଶତ କେବଳ ୧୦ଟି ଦେଶରେ ରହୁଛନ୍ତି । ସେଗୁଡ଼ିକ ହେଲା ଭାରତ (୧କୋଟି ୩୯ ଲକ୍ଷ), ଚାଇନା (୨୯ଲକ୍ଷ), ପାକିସ୍ତାନ (୨୧ଲକ୍ଷ), ନାଇଜେରିଆ (୭ଲକ୍ଷ), ଇଥିଓପିଆ (୬ଲକ୍ଷ ୫୧ ହଜାର), ରୁଷିଆ (୫ଲକ୍ଷ ୧୬ ହଜାର), ଥାଇଲାଣ୍ଡ (୪ଲକ୍ଷ ୭୨ ହଜାର), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୪ଲକ୍ଷ ୬୨ ହଜାର), ମ୍ୟାନ୍‌ମାର (୩ଲକ୍ଷ ୮୪ ହଜାର) ଓ ବାଂଲାଦେଶରେ ୩ଲକ୍ଷ ୪୩ ହଜାର। ଆଧୁନିକ ସମୟରେ କ୍ରୀତଦାସର ଅର୍ଥ ବଦଳି ଯାଇଥିବାବେଳେ ମାନବ ଚାଲାଣ, ଗୋତି ଶ୍ରମିକ ପ୍ରଥା, ଶିଶୁ ନିର୍ଯାତନା ଓ ଜୋରଜବରଦସ୍ତ ବିବାହ ଆଦିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ବିଶ୍ୱସ୍ତରରେ କ୍ରୀତଦାସଙ୍କ ତାଲିକା ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଛି ଏହା ବିରୋଧ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇବା। କାରଣ ସାରା ବିଶ୍ୱରେ ଏବେ ଯେତିକି ସଂଖ୍ୟକ କ୍ରୀତଦାସ ଅଛନ୍ତି ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଗବେଷକ କେଭିନ୍ ବେଲ୍ସ ପ୍ରକାଶ କରିଛନ୍ତି। ଦାରିଦ୍ର୍ୟ କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ହୋଇଥିବାବେଳେ ଦୁର୍ନୀତି ଏହାର ଅନ୍ୟ ଏକ କାରଣ।

ଚାଇନାରେ ମଧ୍ୟ ମହିଳା, ପୁରୁଷ ତଥା ଶିଶୁମାନଙ୍କୁ କ୍ରୀତଦାସ ହେବା ପାଇଁ ବାଧ୍ୟ କରାଯାଉଛି । ଆଇସ୍‌ଲାଣ୍ଡ, ଆୟର୍ଲାଣ୍ଡ ଓ ବ୍ରିଟେନ ପରି ପାଶ୍ଚାତ୍ୟ ଦେଶ ମଧ୍ୟ କ୍ରୀତଦାସ ମୁକ୍ତ ନୁହନ୍ତି ବୋଲି ବେଲ୍ସ ପ୍ରକାଶ କରିଛନ୍ତି । ଏହି ରିପୋର୍ଟ ଧନୀ ରାଷ୍ଟ୍ରଗୁଡ଼ିକ ପାଇଁ ମଧ୍ୟ ଚେତାବନୀ ସଦୃଶ ହୋଇଛି।

–ଶେଖ୍ ଫରିଦ୍‌ଉଦ୍ଦିନ
ମୋ:୯୪୩୭୦୦୪୮୮୮

# ଆଧୁନିକୀକରଣ ସହିତ ପ୍ରଦୂଷଣ ନିୟନ୍ତ୍ରଣ ଆବଶ୍ୟକ



ସାରା ବିଶ୍ୱରେ ପରିବେଶ ପ୍ରଦୂଷଣ ଆଜି ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଆଧୁନିକତାର ଅନ୍ଧ ଦୌଡ଼ରେ ମଣିଷ ଆଜି ପରିବେଶକୁ ଭୁଲିଯାଇଛି। ହେଲେ ଆଧୁନିକୀକରଣ ସହିତ ଏବେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ମଧ୍ୟ ନିହାତି ଜରୁରୀ। କାରଣ ଯଦି ପ୍ରଦୂଷଣକୁ ରୋକିବାରେ ଅସଫଳ ହେବା, ତେବେ ଆଗାମୀ ଦିନରେ ପୃଥିବୀରେ ବାସ କରିବା କଷ୍ଟକର ହୋଇପଡ଼ିବ। ତେଣୁ ଏହାର ମୁକାବିଲା ଲାଗି ଲୋକଙ୍କୁ

**ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ**

ସଚେତନ କରାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୨କୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଶିଳ୍ପ ବିପର୍ଯ୍ୟୟର ପରିଚାଳନା ତଥା ନିୟନ୍ତ୍ରଣ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ବିଭିନ୍ନ ଉପାୟରେ ସମାଜରେ ବାୟୁ, ଜଳ, ଓ ମୃତ୍ତିକା ପ୍ରଦୂଷଣକୁ ରୋକିବା ଲାଗି ବ୍ୟାପକ ସଚେତନା ଲୋଡ଼ା। ପ୍ରତିବର୍ଷ ଦେଶରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଆଧୁନିକୀକରଣ ସହିତ ପ୍ରଦୂଷଣ ନିୟନ୍ତ୍ରଣ କେତେ ଆବଶ୍ୟକ ତାହା ଏହି କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ସୂଚାଇ ଦିଆଯାଇଥାଏ।

ଭୋପାଳ ଗ୍ୟାସ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ଦିନ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଏ। ସୂଚନାଯୋଗ୍ୟ, ୧୯୮୪ରେ ଡିସେମ୍ବର ୨ରେ ମଧ୍ୟପ୍ରଦେଶ ଭୋପାଳ ସହର ସ୍ଥିତ ୟୁନିଅନ କାର୍ବାଇଡ୍ ଇଣ୍ଡିଆ ଲି. କାରଖାନାରୁ ମିଥାଇଲ ଆଇସୋକିଆନେଟ ନାମକ ଏକ ବିଷାକ୍ତ ଗ୍ୟାସ ଲିକ ହୋଇଥିଲା। ବିଷାକ୍ତ ଗ୍ୟାସ ଯୋଗୁ ପ୍ରାୟ ୧୦ହଜାର ଲୋକ ପ୍ରାଣ ହରାଇଥିଲେ। କେବଳ ସେତିକି ନୁହେଁ, ଏହି ବିଷାକ୍ତ ଗ୍ୟାସ ବର୍ଷସାରା ଲୋକଙ୍କ ଉପରେ ପ୍ରଭାବ ପକାଇଥିଲା। ଉକ୍ତ ଗ୍ୟାସ ଯୋଗୁ ପରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅନେକ ଲୋକ ପ୍ରାଣ ହରାଇଥିଲେ। ତେଣୁ ସାରା ବିଶ୍ୱର ଇତିହାସରେ ଏହାକୁ ସବୁଠାରୁ ବଡ଼ ଶିଳ୍ପ ପ୍ରଦୂଷଣ ବିପର୍ଯ୍ୟୟ ବୋଲି କୁହାଯାଏ।


**ବିବାହ ଉପଲକ୍ଷେ ଶୁଭେଚ୍ଛା**



ରାଜେଶ ରୋଶନ୍ (ବାପୁନି)
ସହିତ
ଦେବାଶ୍ରୀତା ଜଗଦେବ (ମାମା)
ଜଗତ୍‌ସିଂହପୁର–ଜରିପୁଟ (ଖୋର୍ଦ୍ଧା
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ୍ଭ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
–:ଶୁଭେଚ୍ଛା ସହ:–
ମା' ବାପା, ବଡ଼ବାପା, ବଡ଼ମା', ଦାଦା, ଖୁଡୀ, ଭାଇ ଓ ପରିବାରବର୍ଗ ।
ଧ-୧୯୧୧୩

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଶକ୍ତି ପ୍ରକାଶ ଦାଶ
ପି.ଏଚ୍.ଡି କଲୋନୀ, ସତ୍ୟନଗର, ଭୁବନେଶ୍ୱର
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେମା', ଅଜା, ଆଈ, ମାମୁ, ନନା, ବୋଉ, ନାନୀ ଓ ବନ୍ଧୁ, ପରିବାରବର୍ଗ ।
ଧ-୬୮୩୯୮


# ଗଛରେ ଲାଗିଛି ମାସ୍କ



**ନୂଆଦିଲ୍ଲୀ:** କାନ୍ଧ ପଛପଟେ ପିଠିରେ ଝୁଲୁଛି ଗଛ। ଆଉ ଗଛରୁ ସିଧାସଳଖ ପାଇପ୍ ଯୋଗେ ବାହାରୁଛି ଅମ୍ଳଜାନ। ଏମିତି ବ୍ୟବସ୍ଥା କରି ଏବେ ଦିଲ୍ଲୀର ରାଜରାସ୍ତାରେ ବୁଲୁଛନ୍ତି ପଙ୍କଜ କୁମାର। ବାୟୁ ପ୍ରଦୂଷଣ ରୋକିବା ପାଇଁ ଗଛ ଲଗାଇବା ଆଉ ଗଛର ଯତ୍ନ ନେବା ନେଇ ସେ ଲୋକଙ୍କୁ ସଚେତନ କରୁଛନ୍ତି। ବାୟୁ ପ୍ରଦୂଷଣକୁ ନେଇ ଏବେ ସବୁଆଡ଼େ ଚିନ୍ତା। ବାୟୁ ପ୍ରଦୂଷଣ ରୋକିବା ନିମନ୍ତେ ଗଛ ଲଗାଇବା ନିହାତି ଆବଶ୍ୟକ। ଏକଥା ଲୋକଙ୍କୁ ବୁଝାଇବା ପାଇଁ ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି ପଙ୍କଜ କୁମାର। ବିହାରର ମୂଳବାସିନ୍ଦା ପଙ୍କଜ ରୁହନ୍ତି ଦିଲ୍ଲୀର ନଏଡାରେ। ଏବେ ସେ ପରିବେଶ ସୁରକ୍ଷା ନେଇ ଆରମ୍ଭ କରିଛନ୍ତି ଅଭିଯାନ। ଏ ଦୃଷ୍ଟିରୁ ସେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ପିଠିରେ ଏକ ପାଣି ଭର୍ତ୍ତି ଜାର ଭିତରେ କିଛି ଗଛ ରଖି ତା' ସହିତ ସଂଯୁକ୍ତ କରି ଏକ ମାସ୍କ ଲଗାଇଛନ୍ତି। ଏହା ସହିତ ନିଜ ବେକରେ ଏକ ବୋର୍ଡ ଝୁଲାଇ ସେଥିରେ ଲେଖିଛନ୍ତି– 'ଗଛ ଲଗାନ୍ତୁ ଏବଂ ଗଛ ସୁରକ୍ଷା କରନ୍ତୁ।' ୫ ବର୍ଷ ତଳରୁ ପଙ୍କଜ ଦିଲ୍ଲୀରେ ରହି ପରିବା ବିକ୍ରି କରୁଛନ୍ତି। କିନ୍ତୁ ଏବେ ସେ ପରିବା ବିକ୍ରି କରିବା ସହିତ ଏକ ମଲ୍ଟିନ୍ୟାଶନାଲ୍ କମ୍ପାନୀରେ ରାତିରେ କାମ କରୁଛନ୍ତି।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶ୍ରୀଧର ସାହୁ
ନୂଆବସଷ୍ଟାଣ୍ଡ, ଖୋର୍ଦ୍ଧା
ଆବିର୍ଭାବ: ୧୬।୦୫।୧୯୩୮
ତିରୋଧାନ: ୨୨।୧୧।୨୦୨୦ (କାର୍ତ୍ତିକ ଶୁକ୍ଳ ଗୋଷ୍ଠାଷ୍ଟମୀ, ରବିବାର)
ମୋ ମଥାର ପାଟ ଓଢ଼ଣି ତୁମେ, ମୋ କପାଳ ସିନ୍ଥିର ସିନ୍ଦୂର ତୁମେ, ମୋ ହାତର ସୁନା କଙ୍କଣ ତୁମେ, ମୋ ପାଦର ପାଉଁଜି, ଅଳତା ତୁମେ, ତୁମରି ବିନା, ଆଜି ମୋ ହୃଦୟ ହୋଇଛି ଚୂନା। ମୋ କ୍ଷୀଣକାୟାର ଜୀବନ ତୁମେ, ମୋ ଅନ୍ତରାତ୍ମାର ସ୍ପନ୍ଦନ ତୁମେ, ମୋ ପିଲାମାନଙ୍କ ଆନନ୍ଦ ତୁମେ, ମୋ ବନ୍ଧୁବାନ୍ଧବ ଭରସା ତୁମେ, ତୁମରି ବିନା, ଖାଲିଖାଲି ଲାଗେ ଘରଅଗଣା।
–:ତୁମ ଅଭୁଲା ସ୍ମୃତିରେ:–
ନିଃସଙ୍ଗ ପତ୍ନୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୮୪୮

**ଏକାଦଶାହ**



ସ୍ୱର୍ଗତା ବସନ୍ତ କୁମାରୀ ପଣ୍ଡା
ଠିକଣା: ଗୋପାଳ ଗାଁ, ପି.ପଣ୍ଡା ଲେନ୍, ଶ୍ରୀକଣ୍ଠପୁର, ବାଲେଶ୍ୱର
ଜନ୍ମ: ୧୫।୦୩।୧୯୨୮
ତିରୋଧାନ: ୨୨।୧୧।୨୦୨୦
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ପୁତ୍ର- ପୁତ୍ରବଧୂ: କିଶୋର-ଜ୍ୟୋତିରେଖା, କଲ୍ଲୋଳ- ସ୍ମିତା, କୌଶିକ- ସରିତା, ପୁଅ- କୁମୁଦ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ।
ଧ-୧୯୧୧୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରମେଶ ଚନ୍ଦ୍ର ପ୍ରଧାନ
ଖାଲକଟାପାଟଣା, ପୁରୀ
ତିରୋଧାନ: ୨୨।୧୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ଭାଇ: ସୁବାଷ, ପୁଅ: ରାଜେଶ, ରାକେଶ, ଚିନ୍ମୟ, ଭଣଜା: ନରେଶ, ସୁରେଶ, ତ୍ରିଲୋଚନ, ଚିତ୍ରସେନ, ମମି, ଡଲି, ମିଲି, ମିତାଲି, ରୀତୁ, ପୁଷ୍ପା, ପିଙ୍କି, ପପୁ, ପ୍ରଭାତ, ଟୁଟୁ, ସାନୁ, ଭାଣିଜୀ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୧୧୭

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହରଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖରାଦିନିଆ ଗେଣ୍ଡୁଫୁଲ

**ଖ**ରାଦିନିଆ ଗେଣ୍ଡୁ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ। ଏହାପରେ ଏଥିରେ ସିରାକୋଲ୍ ବି.ଏମ୍.-୨ ଏବଂ ବି.ଏମ୍.-୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗାକିସମ ଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦-୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



## ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ

**ଏ**କ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଜାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତୀ ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।



## ଆମ୍ବ ବଉଳର ସୁରକ୍ଷା

**ଆ**ମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡ଼ାକ୍ଲୋପ୍ରିଡ଼୍କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ଼୍ ସହିତ ଆଉଥରେ ସିଞ୍ଚନ କରନ୍ତୁ । ଆମ୍ବ ଡାହାଣୀରୁ ରକ୍ଷା ପାଇବା ପାଇଁ ଥାଇଆମେଥୋକ୍ଜାମ୍ ୧୫ ଲିଟର ପାଣିରେ ୫ ଗ୍ରାମ୍ ରୋଗର୍ ସାଙ୍ଗରେ ୩୦ ଗ୍ରାମ୍ ସଲ୍‌ଫେକ୍ସ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବଉଳ ପୁରାମାତ୍ରାରେ ଥିବାବେଳେ ଯଦି କୁହୁଡ଼ିଆ ପାଗ ରହେ ତେବେ ବଗିଚାର ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ।



## ରାଶି ବିହନ ବିଶୋଧନ

**ଢି**ପ ଜମିରେ ରାଶି ବୁଣିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଏକର ପ୍ରତି ୪ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢା ଗୋବର ଖତ ସହି ୬କିଗ୍ରା ଯବକ୍ଷାରଜାନ, ୬କି.ଗ୍ରା. ଫସଫରସ ଓ ୬କିଗ୍ରା ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସଫରସ ଓ ୮କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

# ଡାଲୁଅ ଧାନଚାଷ

ଏ ମାସର କୃଷି ସୂଚନା

**ଚ**ଳିତ ମାସ ଶେଷସୁଦ୍ଧା ଡାଲୁଅ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ଲାଗି ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ଲାଗି ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

**ବିହନ କିସମ :** ସଅଳ କିସମ: ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀଧାନ ।

ମଧ୍ୟମ କିସମ : ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍.ଟି.ୟୁ.-୧୦୦୧ ।

- ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ ।
- ବିହନରୁ କଣ୍ଡା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ ।



**ଗହମ :** ବୁଣିବାର ୨୧ ଦିନପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ।

- ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଂକଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ ।
- ମଞ୍ଜି ଗଜା ହେବାର ୨୧ ଦିନପରେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।
- ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

**ଆଖୁ:** ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟନ୍ତୁ। ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ ।

**ମୂଳିଆଖୁ** - ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ସକାଶେ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ତୈଳବୀଜ ଫସଲ**
**ଚିନାବାଦାମ**

- ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ଡାଲିଜାତୀୟ ଫସଲ

**ଏ**କ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ। ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ। ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ଆଶଙ୍କା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ଼୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ଲାଗି ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ସକାଶେ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିଡଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ । ଡାଲିଜାତୀୟ ଫସଲ ଓ ଚିନାବାଦାମରେ ୨୫ କି.ଗ୍ରା. ବିହନ ପ୍ରତି ୧୦ ଗ୍ରାମ୍ ସୋଡ଼ିୟମ୍ ମଲିବ୍‌ଡେଟ୍ ଏବଂ ୧ ଗ୍ରାମ୍ କୋବାଲ୍‌ଟସ୍ କ୍ଲୋରାଇଡ଼୍ ପାଣିରେ ଦ୍ରବୀଭୂତ କରି ଏହା ସହିତ ରାଇଜୋବିୟମ୍ କଲ୍‌ଚର ୫୦୦ ଗ୍ରାମ୍‌ରୁ ୧ କି.ଗ୍ରା. ମିଶାଇ ମଞ୍ଜି ଉପଚାର କରି ଛାଇରେ ଶୁଖାଇ ଏକ ଘଣ୍ଟା ପରେ ଉପରବେଳା ମଞ୍ଜି ବୁଣିଲେ ଭଲ ।



## ମହୁ ମାଛିଙ୍କ ଶତ୍ରୁ ଓ ପରିଚାଳନା



(ଶେଷ ଭାଗ)

**ମ**ହୁମାଛି ଦୁର୍ବଳ ହେଲେ ଶଲଭ ପୋକ ସହଜରେ ମହୁମାଛିଗୁଡ଼ିକୁ ଆକ୍ରମଣ କରନ୍ତି। ଦୁର୍ବଳ ଦଳକୁ ପ୍ରବେଶ କରିବା ପାଇଁ ଥିବା ପ୍ରବେଶ ପଥର ଆକାର ସଙ୍କୁଚିତ ହେବା ଆବଶ୍ୟକ। ମହୁବାକ୍ସର ବଟମ ବୋର୍ଡକୁ ନିୟମିତ ପରିଷ୍କାର ପରିଚ୍ଛନ୍ନ ରଖିବା ଜରୁରୀ। ବଟମ ବୋର୍ଡର ଯୋଡେଇ ସ୍ଥାନରେ ଯେପରି ଶଲଭ ପୋକର ଶୂକମାନେ ନ ରୁହନ୍ତି ସେଥିପ୍ରତି କଡା ନଜର ଦିଅନ୍ତୁ। ପୂର୍ଣ୍ଣାଙ୍ଗପ୍ରାପ୍ତ ବିରୁଡିଗୁଡିକ ଯନ୍ତା ମାଧ୍ୟମରେ ସଂଗ୍ରହ କରି ବିନାଶ କରାଯାଏ। ଏଥିପାଇଁ ଦୁଇ ଲିଟରର ପ୍ଲାଷ୍ଟିକ ବୋତଲର ବେକ ନିକଟରେ ଗୋଟିଏ ଇଞ୍ଚର କଣାକରି ସେଥିରେ ଏକ କପ ପାଣି, ଏକ କପ ଚିନି, ଅଧା କପ ଭିନେଗାର ଓ ଗୋଟିଏ କଦଳୀ ଚୋପା ରଖି ସେସବୁକୁ ପଚିବାକୁ ଦିଅନ୍ତୁ। ଏହି ବୋତଲ ଭିତରକୁ ଶଲଭ ପୋକମାନେ ପ୍ରବେଶ କରିବେ। କିନ୍ତୁ ପୁନର୍ବାର ବାହାରକୁ ଆସିପାରିବେ ନାହିଁ। ପଚାଶଢ଼ା ପାଣିରେ ପଡି ମରିଯିବେ। ଶଭଲ ପୋକର ଶୂକମାନେ ୫-୬ଦିନ ହେଲା ପରେ ମହୁ ବାକ୍ସରେ ଥିବା ମହୁ ଫେଣାକୋଠରିଗୁଡିକ ଓ ରେଶମ ସୁଡଙ୍ଗଗୁଡିକ ରେଶମ ଦ୍ୱାର ଆବୃତ୍ତ ସେଥିରେ ପୋକମାନେ ରହନ୍ତି। କୋଠରି ଓ ସୁଡ଼ଙ୍ଗଗୁଡିକୁ ତନ୍ନ ତନ୍ନ କରି ନିରୀକ୍ଷଣ କଲେ ସେଥିରେ ଥିବା ଶୁକଗୁଡିକ ଜାଣିହୁଏ। ବିରୁଡି ଶୂକଗୁଡିକୁ ଆଣି କୀଟନାଶକ ପ୍ରୟୋଗ କରି ସେମାନଙ୍କୁ ବିନାଶ କରାଯାଏ। ଏତଦ୍‌ବ୍ୟତୀତ ଯେଉଁ ଅଞ୍ଚଳରେ ବିରୁଡିଙ୍କର ସ୍ଥିତି ଆତଙ୍କ ସୃଷ୍ଟି କରିବାର ଆଶଙ୍କା ଥାଏ ସେ ସ୍ଥାନରେ ଏକ କ୍ଷୁଦ୍ର ବୋତଲରେ ପାଞ୍ଚ ଗ୍ରାମ୍ ପାରାଡାଇକ୍ଲୋରୋବେଜିନ୍ ରଖି ଏହାର ମୁହଁକୁ ତୁଳା ଦ୍ୱାରା ବନ୍ଦ କରି ମହୁ ବାକ୍ସ ସନ୍ନିକଟରେ ରଖିଲେ ବିରୁଡିଙ୍କ ସଂଖ୍ୟା ହ୍ରାସ ପାଏ।

**ଭୃଙ୍ଗଜାତୀୟ ପୋକ :** ଭିନ୍ନ ଭିନ୍ନ ପ୍ରଜାତିର ଭୃଙ୍ଗ ପୋକ ମହୁ ବାକ୍ସରେ ଥିବା ମହୁମାଛିଙ୍କୁ ଆକ୍ରମଣ କରନ୍ତି। ଯେଉଁ ଦଳରେ ରାଣୀ ମହୁମାଛି ନ ଥାଏ ଏବଂ ଦଳଟି ଦୁର୍ବଳ ହୋଇଥାଏ ସେହି ଦଳରେ ମହୁମାଛିଙ୍କୁ ଏମାନେ ଆକ୍ରମଣ କରନ୍ତି। ଏହି ଭୃଙ୍ଗ ପୋକ ଯୋଗୁ ମହୁର ରଙ୍ଗ ହ୍ରାସ ପାଏ ଓ ମହୁ ପଚି ଦୁର୍ଗନ୍ଧ ହୁଏ। ମହୁଫେଣାର କୋଠରିଗୁଡିକ ନଷ୍ଟ ହୁଏ।

**ପରିଚାଳନା :** ମହୁବାକ୍ସ ଏବଂ ମହୁମାଛି ଦଳ ଦୁର୍ବଳ ହେବା ଉଚିତ ନୁହେଁ। ମହୁ ବାକ୍ସ ପଥର କିମ୍ବା ଟାଣୁଆ ମାଟି ଉପରେ ରଖନ୍ତୁ। ଆଚ୍ଛାଦିତ ମହୁ ବାକ୍ସ କିମ୍ବା କ୍ଷତ ବିକ୍ଷତ ହୋଇଥିବା ମହୁ ବାକ୍ସରେ ଭୃଙ୍ଗ ପୋକ ଆଶ୍ରୟ ନିଅନ୍ତି। ମହୁ ବାକ୍ସ ନିକଟରେ ମାଟିକୁ ଓଲଟ ପାଲଟ କରି ଚାଷ କରନ୍ତୁ। ଏହା ଫଳରେ ମାଟି ତଳେ ଆଶ୍ରୟ ନେଇଥିବା କୋଷାଗୁଡିକ ବାହାରକୁ ବାହାରେ। ଅତ୍ୟଧିକ ସୂର୍ଯ୍ୟକିରଣ ଓ ପରାଙ୍ଗଭୋଜୀ ଚଢ଼େଇଙ୍କ ଯୋଗୁଁ କୋଷାଗୁଡିକ ନଷ୍ଟ ହୁଅନ୍ତି।

**ବୁଢିଆଣୀ:** ବୁଢ଼ିଆଣୀ ମହୁମାଛିଙ୍କୁ ଖାଆନ୍ତି। ସେମାନେ ଜାଲ ତିଆରି କରି ସେଥିରେ ମହୁମାଛିଙ୍କୁ ପକାଇ ଖାଇ ଦିଅନ୍ତି।

**ଚଢ଼େଇ:** ପ୍ରାୟ ୩୨ ପ୍ରଜାତିର ଚଢ଼େଇ ମହୁମାଛିଙ୍କୁ ଆକ୍ରମଣ କରନ୍ତି। ଏମାନେ ଫସଲଜାତ ଦ୍ରବ୍ୟକୁ ଖାଆନ୍ତି। ଯେଉଁ ସମୟରେ ଜମିରେ ଫସଲ ରହି ନ ଥାଏ ଏମାନେ ମହୁମାଛିଙ୍କୁ ଖାଆନ୍ତି। କେତେକ ଚଢ଼େଇ ନଦୀ ପଠା, ଗଡାଣିଆ ସ୍ଥାନରେ ବସା ତିଆରି କରି ରହନ୍ତି। ସେମାନେ ଦେଖିବାକୁ ପ୍ରାୟ ଏକ ପ୍ରକାରର। ସେମାନଙ୍କ ମଧ୍ୟରୁ କେତେକ ପ୍ରଜାତିର ଚଢ଼େଇ ବଡ ମୁଣ୍ଡଯୁକ୍ତ। ଏହି ଚଢ଼େଇ ଆକାଶରେ ମହୁମାଛି ଉଡୁଥିବା ସମୟରେ ସେମାନଙ୍କୁ ଖାଆନ୍ତି। ମହୁବାକ୍ସ ନିକଟରୁ ଚଢ଼େଇଙ୍କୁ ଘଉଡାଇବା ପାଇଁ ଡ୍ରମ ବଜାଇ କିମ୍ବା ଟିଣ ବଜାଇ ସେମାନଙ୍କୁ ଘଉଡ଼ାଇ ଦିଆଯାଏ। ମହୁବାକ୍ସଗୁଡିକ ରଖାଯାଉଥିବା ସ୍ଥାନକୁ ନାଲି ରିବନ ଦ୍ୱାରା ଘେରାଇ ରଖିବା ଭଲ। ଟେଲିଫୋନ୍ ଏବଂ ଇଲେକ୍ଟ୍ରି ତାର ଓ ଇଲେକ୍ଟ୍ରିଖୁଣ୍ଟଠାରୁ ଦୂରରେ ମହୁବାକ୍ସଗୁଡିକୁ ରଖନ୍ତୁ।

**-ଡ. ବିଷ୍ଣୁଚରଣ ଜେନା**
ପୂର୍ବତନ ପ୍ରଫେସର, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର
ମୋ: ୯୭୭୬୪୦୪୪୦୬

## ଅଳ୍ପରେ...

➡ସଅଳ ଲଗାଯାଇଥିବା କପାରେ ବକରା ଫାଟିବାର ୪୦ ଦିନ ମଧ୍ୟରେ ୪-୫ଥରରେ କପା ଅମଳ କରନ୍ତୁ। କପା ଅମଳ କରିବା ପରେ ୩-୪ଦିନ ଖରାରେ ଶୁଖାଇ ସାରି କାଠି, ଶୁଖିଲା ପତ୍ର ଇତ୍ୟାଦି ବାଛିଦେଇ ଭାତି କରି ସାଇତି ରଖନ୍ତୁ।

➡ବର୍ତ୍ତମାନ ଆଖୁ ଲଗାଉଥିଲେ ଆଠ ମାସିଆ ପୋକ ଲାଗି ନ ଥିବା ଆଖୁ ବିହନ ପାଇଁ ସଂଗ୍ରହ କରନ୍ତୁ। ଯଦି ଆଖୁ ଫସଲ ଆଠ ମାସର ହୋଇଯାଇଥାଏ ତେବେ ଆଖୁ ଗଛର ଉପର ଦୁଇ ତୃତୀୟାଂଶକୁ ବିହନ ପାଇଁ ବ୍ୟବହାର କରନ୍ତୁ।

➡ରବି ଋତୁରେ ଗୋଖାଦ୍ୟ ମକା ଚାଷ ପାଇଁ ଜଳସେଚିତ ଢ଼ିପ ଓ ମଧ୍ୟମ କିସମ ଜମିକୁ ପ୍ରସ୍ତୁତ କରି ଆଫ୍ରିକାନ୍ ଟଲ୍ କିମ୍ବା ଜେ-୧୦୦୬ ବିହନକୁ ଧାଡିକୁ ଧାଡି ୩୦ ସେମି ଓ ଗଛକୁ ଗଛ ୧୫ ସେମି ବ୍ୟବଧାନରେ ଲଗାନ୍ତୁ।

➡ପିଆଜ ତଳିଗୁଡିକ ୧୨-୧୫ ସେମି ଉଚ୍ଚା ହୋଇଯାଇଥିଲେ ସେଗୁଡିକୁ ଉପରବେଳା ଉପାଡି ଲଗାନ୍ତୁ। ଶୀତ ଦିନରେ ୮-୧୦ ସପ୍ତାହର ଚାରା ଲଗାନ୍ତୁ।



## ଶୀତଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀରକିଶୋର ପରିଡ଼ା

**ଶୀ**ତଦିନେ ଜଳବାୟୁର ଉତ୍ତାପ କମିଯିବା ସହିତ ଆର୍ଦ୍ରତା ହ୍ରାସ ଯୋଗୁ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଟିଙ୍କ ଓ ଉକୁଣିଙ୍କ ବଂଶ ବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ଯୋଗୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ପ୍ରାଣୀଙ୍କୁ କାମୁଡି ରକ୍ତ ଶୋଷିବା ଦ୍ୱାରା ବିଭିନ୍ନ ଜୀବାଣୁ, ଭୂତାଣୁ ଓ ଏକକୋଷୀ ପ୍ରାଣୀଜନିତ ରୋଗ ସୃଷ୍ଟି କରିଥାନ୍ତି। ଏଥିସହିତ ପଶୁପକ୍ଷୀଙ୍କ ଖାଦ୍ୟ ଯଥା- ଦାନା, କୁଣ୍ଡା, ଚୋକଡ଼, ପିଡିଆ, ନଡ଼ା ଆଦିରେ ଆଗରୁ ବର୍ଷାଦିନେ ପାଣି ପଡି ଫିମ୍ପି ମାରିଥାଏ ବା ଗମୁରିଆ ହୋଇଯାଏ। ବେଳେବେଳେ କୁଣ୍ଡା ବା ଦାନା ଗମୁରିଆ ହେବା ଯୋଗୁ ଉକୁଣିଆ ପୋକ ମଧ୍ୟ ହୋଇଥାଏ। ଏହି ଫିମ୍ପି ମାରିଥିବା ଖାଦ୍ୟ ପଶୁପକ୍ଷୀ ଖାଇଲେ କବକଜନିତ କାରଣରୁ ଖାଦ୍ୟ ବିଷାକ୍ତ ଯୋଗୁ ଜୀବନହାନି ଘଟିଥାଏ। ଖାଲି ସେତିକି ନୁହେଁ, ଥଣ୍ଡାର ପ୍ରଭାବ ଯୋଗୁ ପ୍ରାଣୀଙ୍କ ଶରୀରରେ ଉଭୟ ଶାରୀରିକ ଓ ମାନସିକ ଚାପ ସୃଷ୍ଟି କରିଥାଏ । ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ପ୍ରାଣୀମାନେ ବିଭିନ୍ନ ରୋଗର ଶିକାର ହୋଇଥାଆନ୍ତି । ଶୀତଦିନେ ଅତ୍ୟଧିକ ବୃଦ୍ଧି ଘଟିଥିବା କଅଁଳିଆ ବା ଛନଛନିଆ ଘାସ ଖାଇ ଗୋରୁ, ଛେଳିମେଣ୍ଢା ଓ ଅନ୍ୟ ପ୍ରାଣୀମାନେ ଧାତବଲବଣ ଅଭାବଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥାଆନ୍ତି। ବାୟୁ ମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଗାଈଙ୍କ ଶରୀରରେ ଜଳଶୁଷ୍କତା ସହିତ ଧାତବଲବଣ ଓ ଭିଟାମିନ୍ ଅଭାବଜନିତ କାରଣ ଯୋଗୁ ବାଛୁରି ପ୍ରସବ ପରେ ଫୁଲ ପଡ଼େ ନାହିଁ ବା ଦୁଃଖ ପ୍ରସବ ହୋଇଥାଏ। ତେଣୁ ଶୀତଦିନେ ପଶୁପକ୍ଷୀଙ୍କର ବାସଗୃହ, ଖାଦ୍ୟ, ପ୍ରଜନନ, ଲାଳନପାଳନରେ ଯତ୍ନ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେଲେ ସେମାନଙ୍କୁ ଶୀତଦିନେ ସୁରକ୍ଷା ଯୋଗାଇ ଦେବା ସହିତ ସେମାନଙ୍କଠାରୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରି ଆମେ ବିଶେଷ ଲାଭବାନ ହୋଇପାରିବା। (କ୍ରମଶଃ..)



ମୋ: ୯୪୩୭୬୦୭୩୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଡିସେମ୍ବର ୨/୨୦୨୦ Balasore, Wednesday, December 2/ 2020

## ସଂକ୍ଷେପରେ

### ସଭାପତି ପଦବୀ ପାଇଁ ବ୍ୟାକ୍ ଏକମାତ୍ର ପ୍ରାର୍ଥୀ

**ଲାଉସାନେ, ୧।୧୨ (ଏପି):** ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ପଦବୀ ପାଇଁ ଥୋମାସ ବ୍ୟାକ୍ ଏକମାତ୍ର ପ୍ରାର୍ଥୀ ରହିଛନ୍ତି। ତେଣୁ ମାର୍ଚ୍ଚରେ ହେବାକୁଥିବା ଭୋଟରେ ସେ ପୁନଃନିର୍ବାଚିତ ହେବେ ବୋଲି ଏବେଠାରୁ ସ୍ପଷ୍ଟ ହୋଇଛି। ୧୦୦ରୁ ଊର୍ଦ୍ଧ୍ୱ ଆଇଓସି ସଦସ୍ୟଙ୍କର ବ୍ୟାକ୍‌ଙ୍କ ପ୍ରାର୍ଥୀତ୍ୱ ପ୍ରତି ସମର୍ଥନ ରହିଛି। ବ୍ୟାକ୍ ୨୦୧୩ରେ ୮ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ସେ ଆଉ କେବଳ ୪ ବର୍ଷ ଏହି ପଦବୀରେ ରହିପାରିବେ। ଅଗଷ୍ଟ ୮ରେ ଟୋକିଓ ଅଲିମ୍ପିକ୍ସ ଶେଷ ହେବା ପରେ ତାଙ୍କର ଅନ୍ତିମ କାର୍ଯ୍ୟକାଳ ବିଧିବଦ୍ଧ ଆରମ୍ଭ ହେବ।

### ହାମିଲଟନ କୋଭିଡ୍ ପଜିଟିଭ୍

**ସାଖୀର (ବାହାରିନ୍), ୧।୧୨ (ଏପି):** କୋଭିଡ୍ ଟେଷ୍ଟରେ ୭ଥର ବିଶ୍ୱଚାମ୍ପିୟନ ଲୁଇସ୍ ହାମିଲଟନଙ୍କର ପଜିଟିଭ୍ ଆସିଛି। ମର୍ସିଡିଜ୍ ଏଏମ୍‌ଜି ପେଟ୍ରୋନାସ୍ ଫର୍ମୁଲା ୱାନ ଟିମ୍ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଫଳରେ ଆସନ୍ତା ରବିବାର ହେବାକୁଥିବା ସାଖୀର ଗ୍ରାଁ ପ୍ରିରେ ସେ ଭାଗ ନେଇପାରିବେ ନାହିଁ। ଗତ ସପ୍ତାହରେ ହାମିଲଟନଙ୍କର ୩ଥର ଟେଷ୍ଟ ହୋଇଥିଲା। ତାଙ୍କର ପ୍ରତିଟି



ଥର ନେଗେଟିଭ୍ ଆସିଥିଲା। ଗତ ରବିବାର ଅପରାହ୍ନରେ ବାହାରିନ୍ ଇଣ୍ଟରନ୍ୟାଶନାଲ ସର୍କିଟରେ ତାଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା, ଯେଉଁଠାରେ ସେ ଗ୍ରାଁ ପ୍ରି ଜିତିଥିଲେ। କିନ୍ତୁ ସୋମବାର ସକାଳେ ଶଯ୍ୟାତ୍ୟାଗ ପରେ ତାଙ୍କ ନିକଟରେ ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଥିଲା। ବାହାରିନ୍‌ରେ ପହଞ୍ଚିବା ପୂର୍ବରୁ ହାମିଲ୍‌ଟନ ଜଣଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କର ଟେଷ୍ଟ ହେବାରୁ ସେ ପଜିଟିଭ ବୋଲି ଜଣାପଡ଼ିଥିଲେ। ଫଳରେ ହାମିଲଟନଙ୍କର ଆଉଥରେ ଟେଷ୍ଟ କରାଯାଇଥିଲା ଏବଂ ତାଙ୍କର ପଜିଟିଭ ଆସିଥିଲା। ବାହାରିନ୍ ସ୍ୱାସ୍ଥ୍ୟ ପ୍ରୋଟୋକଲ ଅନୁସାରେ ବର୍ତ୍ତମାନ ହାମିଲଟନ ଆଇସାଲେଶନରେ ଅଛନ୍ତି।

# ତୃତୀୟ ଦିନିକିଆ ଆଜି



ଶାର୍ଦ୍ଦୁଳ ଠାକୁର



ଟି. ନଟରାଜନ

**କାନବେରା,୧।୧୨(ପି.ଟି.)**

ଅଷ୍ଟ୍ରେଲିଆଠାରୁ ପ୍ରଥମ ଦୁଇଟି ଦିନିକିଆରେ ପରାସ୍ତ ହେବା ପରେ ଭ୍ରମଣକାରୀ ଭାରତ ତୃତୀୟ ମ୍ୟାଚ୍ ଜିତି ସିରିଜ ହ୍ୱାଇଟ୍‌ୱାଶ୍‌କୁ ଏଡେଇବାକୁ ପ୍ରୟାସ କରିବ। ସିରିଜରେ ୦–୨ରେ ପଛରେ ପଡି ଭାରତ ସିରିଜ ହାତଛଡ଼ା କରିସାରିଛି। ବୁଧବାର ସ୍ଥାନୀୟ ମନୁକା ଓଭାଲ ଗ୍ରାଉଣ୍ଡରେ ଘରୋଇ ଦଳକୁ ହରାଇ ଭାରତ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। କ୍ରମାଗତ ଦୁଇଟି କ୍ଲିନ୍ ସୁଇପ୍‌କୁ ଏଡାଇବା ପାଇଁ ଭାରତ ଦଳରେ ଗୋଟିଏ ଦୁଇଟି ପରିବର୍ତ୍ତନ କରିବା ଆଶା କରାଯାଉଛି। ଖାସ୍ କରି ବୋଲିଂ ବିଭାଗରେ ପରିବର୍ତ୍ତନ ହେବା ନିଶ୍ଚିତ ମନେ ହେଉଛି। ଏହା ପୂର୍ବରୁ ଭାରତ ଗତବର୍ଷ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ୦–୩ରେ ଦିନିକିଆ ସିରିଜ ପରାଜୟ ବରଣ କରିଥିଲା।

ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ଆମେ ଦୃଢ଼ ନିଶ୍ଚିତ। ତେଣୁ ଅଷ୍ଟ୍ରେଲିଆକୁ ଏତେ ସହଜରେ କ୍ଲିନ୍ ସୁଇପ୍ କରିବାକୁ ଆମେ ଦେବୁନାହିଁ ବୋଲି ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର କହିଛନ୍ତି। ଯଦି ଭାରତ ପରାସ୍ତ ହୁଏ ତେବେ, ଦୀର୍ଘ ୨୦ ବର୍ଷ ପରେ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ କ୍ଲିନ୍ ସୁଇପ୍ କରିବ। ନେଟ୍ସରେ ଆମ ବୋଲରମାନେ ସକାରାତ୍ମକ ମନୋଭାବ ସହିତ ଅଭ୍ୟାସ କରୁଛନ୍ତି। କେତୋଟି ନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଆମ ବୋଲରମାନେ ଅଭ୍ୟାସ କରିବା ଜାରି ରଖିଛନ୍ତି ବୋଲି ଆୟାର କହିଛନ୍ତି।

ହାଇସ୍କୋରିଂ ପ୍ରଥମ ଦୁଇଟି ଦିନିକିଆରେ ଅଷ୍ଟ୍ରେଲିଆ କୋହଲିଙ୍କ ଦଳକୁ ବୃହତ୍ ବ୍ୟବଧାନରେ ଚକ୍‌ମା ଦେଇଥିଲା। ମାନୁକା ଓଭାଲ ଅଷ୍ଟ୍ରେଲିଆର ସବୁଠାରୁ ଫ୍ଲାଟେଷ୍ଟ ପିଚ୍ ଓ ସବୁଠାରୁ ଲମ୍ବା ବାଉଣ୍ଡାରି ପାଇଁ ଜଣାଶୁଣା। ତେଣୁ ପ୍ରଥମ ଦୁଇଟି ଦିନିକିଆ ଭଳି ଏହି ମ୍ୟାଚ୍ ମଧ୍ୟ ହାଇସ୍କୋରିଂ ହେବ ଓ ଏଠାରେ ଦ୍ରୁତଗତିରେ ରନ୍ ସଂଗ୍ରହ ହେବ ବୋଲି ଆଶା କରାଯାଉଛି। ଆଉ ୨୩ ରନ ସଂଗ୍ରହ କଲେ କୋହଲି ଦିନିକିଆରେ ୧୨,୦୦୦ ରନ ପୂରଣ କରିବେ। ଏହି ମ୍ୟାଚ୍ ସହ ସେ ୨୪୨ଟି ଇନିଂସ ଖେଳି ଏହି ସଫଳତା ହାସଲ କରିବେ। ପୂର୍ବରୁ ସଚିନ ତେନ୍ଦୁଲକର ୩୦୦ ଇନିଂସ ଖେଳି ଦ୍ରୁତତମ ୧୨,୦୦୦ ରନ ପୂରଣ କରିଥିଲେ।

**ସଇନିଙ୍କ ବଦଳରେ ନଟରାଜନ କିମ୍ବା ଶାର୍ଦ୍ଦୁଳ ଖେଳିବେ**

ସେହିପରି ଆଉ ୨ ଉଇକେଟ ହାସଲ କଲେ ମହମ୍ମଦ ସାମି ଦିନିକିଆରେ ୧୫୦ ଉଇକେଟ ହାସଲ କରିବେ। ପାଗ ସଫା ଓ ଉଷ୍ମ ରହିବ।

ପ୍ରଥମ ଦୁଇଟି ମ୍ୟାଚ୍‌ରେ ଆମେ ସବୁ ବିଭାଗରେ ସମ୍ପୂର୍ଣ୍ଣ ଭାବେ ପରାସ୍ତ ହୋଇଛୁ ବୋଲି ଅଧିନାୟକ କୋହଲି ସ୍ୱୀକାର କରିଛନ୍ତି। ତେବେ ତ୍ରୁଟି ସୁଧାରି ଆମେ ପ୍ରତ୍ୟାବର୍ତ୍ତନ କରିବୁ ବୋଲି ସେ ଆଶା ପ୍ରକାଶ ପ୍ରକାଶ କରିଛନ୍ତି। ନିଜର ପ୍ରଥମ ଅଷ୍ଟ୍ରେଲିଆ ଗସ୍ତରେ ଦ୍ରୁତତମ ବୋଲର ନବଦୀପ ସଇନି ଅସହାୟ ମନେହେଉଛନ୍ତି। ମାତ୍ର ୭ ଓଭରରେ ସଇନି ୭୦ ରନ ବ୍ୟୟ କରିଥିଲେ। ଫଳରେ ତାଙ୍କ କୋଟା ପୂରଣ କରିବାକୁ କୋହଲି ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା ଓ ମୟଙ୍କ ଅଗ୍ରୱାଲଙ୍କୁ ବୋଲିଂ ଦେଇଥିଲେ। ଏବେ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଥିବା ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର କିମ୍ବା ୟର୍କର ସେନ୍‌ସେସନ ବାମହାତୀ ପେସର ଟି. ନଟରାଜନଙ୍କୁ ସଇନିଙ୍କ ସ୍ଥାନରେ ଖେଳାଯିବା ଏକପ୍ରକାର ନିଶ୍ଚିତ ମନେହେଉଛି। ଟି୨୦ ସିରିଜ ପୂର୍ବରୁ ନଟରାଜନ ଦିନିକିଆରେ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ପୁଣି ଟେଷ୍ଟ ସିରିଜ ପୂର୍ବରୁ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କୁ ବିଶ୍ରାମ ଦେବାକୁ ଶାର୍ଦ୍ଦୁଳ ଓ ନଟରାଜନ ଉଭୟଙ୍କୁ କୋହଲି ସୁଯୋଗ ଦେଇ ପାରନ୍ତି।

ବୋଲିଂରେ ବିବିଧତା ଓ ଗତି ପରିବର୍ତ୍ତନ କରି ନଟରାଜନ ବେଶ୍ ଚତୁର ବୋଲିଂ କରିଥାନ୍ତି। ସେ ମଧ୍ୟ ବଲ୍ ସୁଇଂ କରିବାରେ ସମର୍ଥ। ତେଣୁ ସେ ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ ବୋଲି ଆଶା କରାଯାଉଛି। ପୂର୍ବରୁ ଅଷ୍ଟ୍ରେଲିଆରେ ଭାରତୀୟ ବୋଲରମାନେ ଏଭଳି ପ୍ରହାର ଖାଇ ନ ଥିଲେ। ଭାରତୀୟ ବୋଲରମାନେ ଗତ ଦୁଇଟି ମ୍ୟାଚ୍‌ରେ ୬୯ ଚୌକା ଓ ୧୯ଟି ଛକା ଦେଇଛନ୍ତି। ବୋଲରଙ୍କ ପ୍ରଦର୍ଶନ ନିଶ୍ଚିତ ଭାବେ ଆଶାନୁରୂପ ହୋଇପାରିନାହିଁ ବୋଲି କୋହଲି ସ୍ୱୀକାର କରିଛନ୍ତି। ଷ୍ଟିଭ୍ ସ୍ମିଥ୍‌ଙ୍କୁ କେଉଁଠାରେ ଓ କିଭଳି ବୋଲିଂ କରାଯିବ ଭାରତୀୟ ବୋଲରମାନେ ଜାଣି ନ ଥିଲେ। କ୍ରମାଗତ ଦୁଇଟି ଶତକ ହାସଲ କରି ସ୍ମିଥ୍ ଭାରତକୁ ନିରାଶ କରିଛନ୍ତି। ଧୂଆଁଧାର ବ୍ୟାଟିଂ କରି ଗ୍ଲେନ୍ ମ୍ୟାକ୍ସୱେଲ ଦଳକୁ ଅଧିକ ୩୦ ରନର ଯୋଗଦାନ କରିଛନ୍ତି। ଫଳରେ ଭାରତ ୬୬ ଓ ୫୧ ରନରେ ପରାସ୍ତ ହୋଇଥିଲା। ବାରମ୍ବାର ବୋଲିଂ ପରିବର୍ତ୍ତନ କରି କୋହଲି ସମାଲୋଚିତ ହୋଇଛନ୍ତି। ଓପନିଂ ସ୍ପେଲ୍‌ରେ ଯଶପ୍ରୀତ ବୁମ୍‌ରାଙ୍କୁ ଦୁଇ ଓଭର ବୋଲିଂ କରିବାର ସୁଯୋଗ ଦେଇଥିବାରୁ କୋହଲିଙ୍କୁ ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ଓ ଆଶିଷ ନେହେରା ସମାଲୋଚନା କରିଛନ୍ତି। ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ସବୁଠାରୁ ବ୍ୟୟ ବହୁଳ ସାବ୍ୟସ୍ତ ହୋଇଛନ୍ତି। ସେ ୧୯ ଓଭରରେ ୧୬୦ ରନ ବ୍ୟୟ କରି ମାତ୍ର ଗୋଟିଏ ଉଇକେଟ ହାସଲ କରିଛନ୍ତି। ସେହିପରି ରବୀନ୍ଦ୍ର ଜାଡେଜା ୬.୧୫ ହାରରେ ରନ ବ୍ୟୟ କରିଛନ୍ତି ଓ ଦୁଇଟି ମ୍ୟାଚ୍‌ରେ ଉଇକେଟ ହାସଲ କରିପାରି ନାହାନ୍ତି। କୋହଲି ଓ ରାହୁଲ ଦ୍ୱିତୀୟ ଦିନିକିଆରେ ଭଲ ବ୍ୟାଟିଂ କରିଥିଲେ।

**ମ୍ୟାଚ୍ ଆରମ୍ଭ: ୯.୧୦**
**ଭେନ୍ୟୁ: କାନବେରା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

# ସ୍ପାନିଶ ଟେନିସ ଖେଳାଳି ୮ବର୍ଷ ବାସନ୍ଦ

**ଲଣ୍ଡନ, ୧।୧୨ (ଏପି):** ସ୍ପାନିଶ ଟେନିସ ଖେଳାଳି ଏନ୍‌ରିକ୍ ଲୋପେଜ୍ ୮ବର୍ଷ ବାସନ୍ଦ ହୋଇଛନ୍ତି। ୨୦୧୭ରେ ସେ ବିଭିନ୍ନ ଟୁର୍ନାମେଣ୍ଟରେ ମ୍ୟାଚ୍ ଫିକ୍ସିଂ କରିଥିବା ଅଭିଯୋଗ ହୋଇଛି। ବାସନ୍ଦ ସମୟରେ ଲୋପେଜ ଖେଳିପାରିବେ ନାହିଁ କିମ୍ବା କୌଣସି ସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟରେ ଉପସ୍ଥିତ ହୋଇପାରିବେ ନାହିଁ। ଆହୁରି ତାଙ୍କୁ ୨୫,୦୦୦ ଡଲାର ଜରିମାନା କରାଯାଇଥିବା ଟେନିସ ଇଣ୍ଟିଗ୍ରିଟି ୟୁନିଟ୍ (ଟିଆଇୟୁ) ପ୍ରକାଶ କରିଛି। ୨୯ ବର୍ଷୀୟ ଲୋପେଜ ୨୦୧୮ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୫୪ତମ ର୍‍ୟାଙ୍କିଂ ହାସଲ କରିଥିଲେ। ତେବେ ସେ କୌଣସି ଗ୍ରାଣ୍ଡସ୍ଲାମ ଇଭେଣ୍ଟର ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ହାସଲ କରିପାରି ନାହାନ୍ତି। ଲୋପେଜଙ୍କ ବିରୋଧରେ ତିନୋଟି ମ୍ୟାଚ ଫିକ୍ସିଂ ଅଭିଯୋଗର ପ୍ରମାଣ ମିଳିସାରିଛି। ଅନ୍ୟ ଦୁଇଟି ପ୍ରମାଣିତ ହୋଇ ପାରିନାହିଁ।

**ମ୍ୟାଚ୍ ଫିକ୍ସିଂ**




# ଇଷ୍ଟବେଙ୍ଗଲକୁ ହରାଇଲା ମୁମ୍ବାଇ



ଡବଲ୍ ଗୋଲ୍ ସ୍କୋରର ଗ୍ଲେନ୍‌ଭିଲେ ଆଡାମ ଜେମ୍ସ ଲି ଫଣ୍ଡ୍ରେ।

**ବାମ୍ବୋଲିମ୍, ୧।୧୨**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ସିଟି ଏଫସି ୩–୦ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ୩ ମ୍ୟାଚରୁ ୨ୟ ବିଜୟ ସହ ମୁମ୍ବାଇ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ଇଷ୍ଟବେଙ୍ଗଲ ୧୧ ଦଳ ବିଶିଷ୍ଟ ଲିଗ୍ ଟେବୁଲର ନିମ୍ନରେ ଅପରିବର୍ତ୍ତିତ ରହିଛି। ମୁମ୍ବାଇ ପ୍ରଥମ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡଠାରୁ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଏଫସି ଗୋଆକୁ ପରାସ୍ତ କରିଥିଲା। ଇଷ୍ଟବେଙ୍ଗଲ ଏହାର ପ୍ରଥମ ମ୍ୟାଚରେ ଏଟିକେ ମୋହନବାଗାନଠାରୁ ହାରି ଯାଇଥିଲା।

ମ୍ୟାଚ ଆରମ୍ଭରୁ ଇଷ୍ଟବେଙ୍ଗଲକୁ ଝଟ୍‌କା ଲାଗିଥିଲା। ୨ୟ ମିନିଟରେ ଅଧିନାୟକ ଡାନିଏଲ ଫକ୍ସ ତଳେ ପଡ଼ିଯାଇ ଆହତ ହୋଇଥିଲେ। ସେ ଖେଳ ଜାରି ରଖିବାକୁ ଚାହିଁଥିଲେ ହେଁ ସମ୍ଭବ ନ ହେବାରୁ ବଦଳ ଖେଳାଳି ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଦଳକୁ ୧୦ ଜଣରେ ଖେଳିବାକୁ ପଡ଼ିଥିଲା। ୭ମ ମିନିଟରେ ତାଙ୍କ ବଦଳ ଖେଳାଳିଭାବେ ମହମ୍ମଦ ରଫିକ୍ ପଡ଼ିଆକୁ ଆସିଥିଲେ। ଆକ୍ରମଣାତ୍ମକ ଆଭିମୁଖ୍ୟରେ ୯ମ ମିନିଟରେ ମୁମ୍ବାଇ ପକ୍ଷରୁ ଗୋଲ ଉଦ୍ୟମ ହୋଇଥିବାବେଳେ ଗୋଲକିପର ଦେବଜିତ ମଜୁମଦାରଙ୍କ ଚମତ୍କାର ସେଭ୍ ଯୋଗୁ ଇଷ୍ଟବେଙ୍ଗଲ୍ ବର୍ତ୍ତି ଯାଇଥିଲା। ୨୦ତମ ମିନିଟରେ ରଫିକ୍ ପ୍ରତିପକ୍ଷ ଗୋଲପୋଷ୍ଟକୁ ଟାର୍ଗେଟ କରି ଶଟ୍ ମାରିଥିଲେ ହେଁ ମୁମ୍ବାଇ ଗୋଲକିପର ଅମରିନ୍ଦର ରଣଜିତ ସିଂ ତାହାକୁ ସେଭ୍ କରିଥିଲେ। କାଉଣ୍ଟର ଆକ୍ରମଣରେ ସଫଳ ହୋଇଥିଲା ମୁମ୍ବାଇ। ୨୦ତମ ମିନିଟରେ ହ୍ୟୁଗୋ ଆଦନାନ ବୌମସଙ୍କ ପାସ୍‌କୁ ଗୋଲରେ ପରିଣତ କରି ଗ୍ଲେନ୍‌ଭିଲେ ଆଡାମ ଜେମ୍ସ ଲି ଫଣ୍ଡ୍ରେ ମୁମ୍ବାଇକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅଗ୍ରଣୀକୁ

**ଇଣ୍ଡିଆନ ସୁପରଲିଗ୍**

ବଢ଼ାଇବା ପାଇଁ ମୁମ୍ବାଇ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ୪୭ତମ ମିନିଟରେ ଆଡାମ ଜାହୋଉ ବଲ୍‌କୁ ନିୟନ୍ତ୍ରଣରେ ରଖି ପେନାଲ୍ଟି ବକ୍ସ ମଧ୍ୟରେ ଥିବା ହ୍ୟୁଗୋ ଆଦନାନ ବୌମସଙ୍କ ନିକଟକୁ ପଠାଇ ଦେଇଥିଲେ। ମାତ୍ର ଇଷ୍ଟବେଙ୍ଗଲ ଗୋଲକିପର ଦେବଜିତ ବଲ୍‌କୁ ଧରିବା ଉଦ୍ୟମରେ ହ୍ୟୁଗୋକୁ ତଳେ ପକାଇ ଦେଇଥିଲେ। ଫଳରେ ରେଫରି ମୁମ୍ବାଇକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ଫଣ୍ଡ୍ରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଏହାକୁ ଗୋଲରେ ପରିଣତ କରି ମୁମ୍ବାଇ ଅଗ୍ରଣୀକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ଫଣ୍ଡ୍ରେ ଡାହାଣ ପଟକୁ ଶଟ୍ ମାରିଥିବାବେଳେ ଦେବଜିତ ଭୁଲ ପୂର୍ବାନୁମାନରେ ବାମ ପଟକୁ ଡାଇଭ୍ ମାରିଥିଲେ। ଇଷ୍ଟବେଙ୍ଗଲର ଦୁର୍ଦ୍ଦଶା ଏତିକିରେ ସରି ନ ଥିଲା। ୫୮ତମ ମିନିଟରେ ହେର୍ନାନ୍ ଡାନିଏଲ ସାଣ୍ଟାନା ବ୍ରୁଜିଲୋ। ଫ୍ରିକିକ୍‌ରୁ ଏକ ଗୋଲ ଦେଇ ଇଷ୍ଟବେଙ୍ଗଲକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ବୌମସଙ୍କଠାରୁ ପାସ୍ ପାଇବାପରେ ବ୍ରୁଜିଲୋ ବଟମ୍ ରାଇଟ୍ କର୍ନରରେ ବଲ୍‌କୁ ଗୋଲପୋଷ୍ଟକୁ ପଠାଇ ଦେଇଥିଲେ। ଅବଶିଷ୍ଟ ୨୨ ମିନିଟରେ ଗୋଲ ପରିଶୋଧ ପାଇଁ କୋଲକାତା ଦଳ ଉଦ୍ୟମକୁ ଜୋରଦାର କରିଥିଲେ ହେଁ ସଫଳ ହୋଇ ନ ଥିଲା। ବୌମସ ପାସ୍ ଅଫ୍ ଦ ମ୍ୟାଚ୍ ଓ ହିରୋ ଅଫ୍ ଦ ମ୍ୟାଚ୍ ପୁରସ୍କାର ପାଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ